● ବର୍ଷ–୩୩ ● ସଂଖ୍ୟା–୨୭୦ ● ୩୧ ଅକ୍ଟୋବର ୨୦୨୬
ଶନିବାର ● ଭୁବନେଶ୍ୱର ● Vol -33 ● Issue-270
● 31st October 2026, Saturday
● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27
E-mail : sambadkalikanews@gmail.com
e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

Ministry of Home Affairs
Government of India

ଲୌହ-ପୁରୁଷ ସର୍ଦ୍ଦାର ପଟେଲଙ୍କ ସଂକଳ୍ପ, ଆମର ପ୍ରେରଣା

ଆମର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିଥିବା ବୀର ସାହସୀମାନଙ୍କୁ ପ୍ରଣାମ

ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ

ରାଷ୍ଟ୍ରୀୟ ଏକତା ଦିବସ
୩୧ ଅକ୍ଟୋବର , ୨୦୨୬

ଗୁଜୁରାଟର ଏକତା ନଗରକୁ ଆସନ୍ତୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଭବ୍ୟପରେଡରେ ସାମିଲ ହୋଇ ଭାରତକୁ ନକ୍ସଲମୁକ୍ତ କରିବାରେ ଯୋଗଦାନ ଦେଇଥିବା କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ ରାଜ୍ୟ ପୋଲିସ ବାହିନୀଙ୍କ ବୀରତ୍ୱ, ସାହସ ଏବଂ ସର୍ବୋଚ୍ଚ ବଳିଦାନକୁ ସମ୍ମାନ ଜଣାନ୍ତୁ

ପରେଡର ମୁଖ୍ୟ ଆକର୍ଷଣ

- ନକ୍ସଲ ବିରୋଧୀ ଅଭିଯାନରେ ନିୟୋଜିତ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ ରାଜ୍ୟ ପୋଲିସ ବାହିନୀର ପରେଡ୍
- ନକ୍ସଲ ବିରୋଧୀ ଅଭିଯାନର ଶ୍ୱାନ ଦସ୍ତା
- ଜନକଜ୍ଞନାରୁ ସୂକ୍ଷ୍ମ-ଜୀବନ୍ତ ଝାଙ୍କି ଗୁଡିକ
- ନକ୍ସଲ-ମୁକ୍ତ ଭାରତ ଉପରେ ଆଦିବାସୀ କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ
- ୫,୦୦୦ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ
- ଛାତ୍ରମାନଙ୍କ ଦ୍ୱାରା ବ୍ୟାଣ୍ଡ ପ୍ରଦର୍ଶନ
- ନିଶା-ମୁକ୍ତ ଭାରତର ବାର୍ତ୍ତା ନେଇ ରାଷ୍ଟ୍ରୀୟ ମୋଟରସାଇକେଲ ରାଲି
- ଭବ୍ୟ ଆତସବାଜି ପ୍ରଦର୍ଶନ

ସକାଳ ୯:୦୦ରେ, ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପାଦ-ପୂଜା କରିବେ ଏବଂ ସନ୍ଧ୍ୟା ୫:୩୦ ରୁ ଡିଡି ନ୍ୟୁଜରେ ପରେଡ୍ ପ୍ରସାରଣ କରିବେ

CBC 19101/13/0029/2627

Rashtriya Ekta Diwas
31st OCTOBER, 2026
Statue of Unity, Ekta Nagar, Gujarat

ସୂଚନା ଏବଂ ରହଣିର ବୁକିଂ ପାଇଁ rashtriyaektadiwas.comକୁ ସ୍କାନ କରନ୍ତୁ କିମ୍ବା ପରିଦର୍ଶନ କରନ୍ତୁ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୧ ଅକ୍ଟୋବର, ୨୦୨୬ ଶନିବାର

ବାତ୍ୟା ଓ ବର୍ଷା ପାଇଁ ପୂର୍ବତଟ ରେଳପଥ ଦ୍ୱାରା ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ହୋଇଥିବା ପ୍ରାୟ ୫୫୦ ମିଲିମିଟର ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାର ବାହୁଦା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବାହୁଦା ନଦୀ ସ୍ଥିତ ବଗଲାଟି ବନ୍ଧରେ ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିଯାଇଛି। ଏହାର ପ୍ରଭାବରେ ଇଚ୍ଛାପୁରମ (IPM) ଏବଂ ଝାଡୁପୁଡି (JPI) ମଧ୍ୟରେ ଥିବା ରେଳ ପୋଲ ନିକଟରେ ମଧ୍ୟ ଜଳସ୍ତର ବିପଦ ସୀମା ଟପିଯାଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥ (ECoR) ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଯେକୌଣସି ଅଘଟଣକୁ ଏଡ଼ାଇବା ପାଇଁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ବିଭିନ୍ନ ଷ୍ଟେସନ୍‌ରେ ଯାତ୍ରୀଙ୍କ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯାଉଛି ଏବଂ ପରିସ୍ଥିତିକୁ ବିଚାରକୁ ନେଇ ହାୱଡ଼ା-ଚେନ୍ନାଇ ମାର୍ଗରେ ଚଳାଚଳ କରୁଥିବା କିଛି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଜଳସ୍ତର ସମ୍ପର୍କରେ ନିୟମିତ ତଥ୍ୟ ପାଇବା ଏବଂ ପରିସ୍ଥିତିର ସମୀକ୍ଷା କରିବା ପାଇଁ ପୂର୍ବତଟ ରେଳପଥ ଜିଲ୍ଲା ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ରହିଛି। ରେଳ ପରିଚାଳନା ଏବଂ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତାୟାତ ବାଧାପ୍ରାପ୍ତ ହେବା କାରଣରୁ ବିଭିନ୍ନ ସ୍ଥାନରେ ଯାତ୍ରୀମାନେ ଅଟକି ରହିଥିବାରୁ, ପୂର୍ବତଟ ରେଳପଥ ପକ୍ଷରୁ ସେମାନଙ୍କୁ ଖାଦ୍ୟ ଓ ପାନୀୟ ଜଳ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି। ଯାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା, ସେମାନଙ୍କ ଅଭିଯୋଗ ଶୁଣିବା ଏବଂ ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ଅତିରିକ୍ତ କର୍ମଚାରୀ, ରେଳ ସୁରକ୍ଷା ବଳ (RPF) ଏବଂ ଟ୍ରାଭେଲିଂ ଟିକେଟ୍ ପରୀକ୍ଷକ (TTE) ମାନଙ୍କୁ ନିୟୋଜିତ କରାଯାଇଛି। ସୋସିଆଲ ମିଡିଆ, 'ରେଳ ମଦଦ' (Rail Madad) ଏବଂ ଅନ୍ୟାନ୍ୟ ଉପଲବ୍ଧ ମାଧ୍ୟମରେ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ଯାତ୍ରା ଆରମ୍ଭ କରିବା ପୂର୍ବରୁ ଟ୍ରେନ୍‌ର ସର୍ବଶେଷ ସ୍ଥିତି ଯାଞ୍ଚ କରିନିଅନ୍ତୁ ଏବଂ ଅଧିକ ସୂଚନା ପାଇଁ ପୂର୍ବତଟ ରେଳବାଇ (ECoR)ର ଅଫିସିଆଲ୍ ସୋସିଆଲ୍ ମିଡିଆ ପେଜ୍‌ଗୁଡ଼ିକ ଉପରେ ନଜର ରଖନ୍ତୁ।

ହରଭଙ୍ଗୀ ଜଳଭଣ୍ଡାରର ୨ଟି ଗେଟ୍ ଖୋଲିଲା

ବଂଶଧାରା ନଦୀକୂଳିଆ ଅଞ୍ଚଳବାସୀଙ୍କ ପ୍ରତି ସତର୍କ ସୂଚନା ଜାରି

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

ବତ୍ୟା ଅର୍ଣ୍ଣବ ପରିଚାଳନା ପାଇଁ ରାୟଗଡା ଜିଲ୍ଲା ଦାୟିତ୍ୱରେ ରହିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପଦ୍ମପୁର ବ୍ଲକ ଜୟପଙ୍ଗା ଆଶ୍ରୟସ୍ଥଳୀରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଲୋକଙ୍କ ପାଇଁ ପ୍ରସ୍ତୁତ ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିବା ସହ ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡା ନିଜେ ରନ୍ଧା ଖାଦ୍ୟ ଖାଇଥିଲେ । ଏହି ପରିପ୍ରେକ୍ଷୀରେ ସେ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ଓ ରାସନ ସାମଗ୍ରୀ ବଣ୍ଟନ କରିବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ଡେରିଗାଁ ପଞ୍ଚାୟତ ମୁତୁକୁଣି ଗ୍ରାମର କଚ୍ଚା ଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଗ୍ରାମର ପ୍ରାୟ ୧୬ଟି ପରିବାରର ୫୨ ଜଣ ସଦସ୍ୟଙ୍କୁ ଆଣି ଜୟପଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇଛି। ସେଠାରେ ସେମାନଙ୍କୁ ରନ୍ଧା ଖାଦ୍ୟ ଓ ଅନ୍ୟାନ୍ୟ ଜରୁରୀ ସୁବିଧା ଯୋଗାଇ ଦିଆଯାଉଛି। ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ରାୟଗଡ଼ା ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଓ ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ ପରେ ଉପମୁଖ୍ୟମନ୍ତ୍ରୀ କେନ୍ଦୁଗୁଡ଼ା ଜଳଭଣ୍ଡାର ପରିଦର୍ଶନ କରି ଜଳସ୍ତରର ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରଶାସନିକ ଅଧିକାରୀଙ୍କ ସହ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ । ଜଳସେଚନ ବିଭାଗ ପକ୍ଷରୁ ସୂଚନା ଅନୁଯାୟୀ, ଅପରାହ୍ନରେ ହରଭଙ୍ଗୀ ଜଳଭଣ୍ଡାରରୁ ଜଳ ଛଡାଯାଇଛି। ସୂଚନାରୁ ଜଣାପଡିଛି ହରଭଙ୍ଗୀ ଜଳଭଣ୍ଡାରରେ ବର୍ତ୍ତମାନ ୬୯୬.୩୧୨ କ୍ୟୁମେକ ଜଳ ମିଶୁଛି । ହରଭଙ୍ଗୀ ଜଳଭଣ୍ଡାରର ଜଳସ୍ତର ୩୮୬.୩୦ ହୋଇଥିବାରୁ ମଧ୍ୟାହ୍ନରେ ବିପଦ ସାଇରନ୍ ବାଜିବା ପରେ ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିବା ଆଶଙ୍କା ପ୍ରକାଶ କରି ହରଭଙ୍ଗୀ ଜଳ ଭଣ୍ଡାରରୁ ୨ଟି ଗେଟ୍ ଖୋଲାଯାଇଥିଲା । ବର୍ତ୍ତମାନ ୨୦୩.୪୫୫ କ୍ୟୁମେକ ଜଳ ଛଡାଯାଉଛି । ଜଳ ଛଡାଯିବା ପରେ ଏହା ବଂଶଧାରା ନଦୀରେ ମିଶୁଥିବାରୁ ସଂଲଗ୍ନ ଅଞ୍ଚଳରେ ଅସୁରକ୍ଷିତ ବାସସ୍ଥାନଗୁଡିକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଜଳ ଛଡାଯିବା ପରେ ବଂଶଧାରା ନଦୀକୂଳିଆ ଅଞ୍ଚଳ ରହିଥିବା ପଦ୍ମପୁର, ରାମନାଗୁଡା ଏବଂ ଗୁଣପୁରର ବିଡିଓ ଏବଂ ତହସିଲଦାରଙ୍କୁ ସତର୍କ କରାଯାଇଛି । ଆବଶ୍ୟକ ସ୍ଥଳେ ବଂଶଧାରା ନଦୀକୂଳର ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନ ପ୍ରସ୍ତୁତି ଚଳାଇଛି ଏବଂ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଅସ୍ଥାୟି ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ ସମୟରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି,ଏସ୍‌ପି ରାଜ ପ୍ରସାଦ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ। ସକାଳ ୮.୩୦ରୁ ମଧ୍ୟାହ୍ନ ୨.୩୦ ଯାଏଁ ଜିଲ୍ଲାରେ ୨୬୬ ମିମି ବର୍ଷା ହୋଇଥିବା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ସୂଚନା ଦିଆଯାଇଛି ।

'ଗଣ ହୃଦୟର କବି ଥିଲେ ବୈଷ୍ଣବ ପାଣି'

ସାଲେପୁର, ନ୍ୟୁଜ୍

ବୈକୁଣ୍ଠନାଥ ସ୍ମୃତି ପରିଷଦ, ଜପକୁଦ, ସାଲେପୁର ଆନୁକୂଲ୍ୟରେ ମାସିକ ଆଭାସୀ ମାଧ୍ୟମରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ଅନନ୍ତଗୋପାଳ ପଣ୍ଡାଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ ଭକ୍ତିକେଶରୀ ଶ୍ରୀପାଦ ପ୍ରାଣକୃଷ୍ଣ ମହାରାଜା ଉଦ୍‌ଘାଟନ କରିଥିଲେ। ଏଥିରେ ବରେଣ୍ୟ ଆଲୋଚକ ଭାବେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଡ. ଅଜିତ୍ କୁମାର ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଚିରସନ୍ଧାନର ସମ୍ପାଦକ ପ୍ର.ଡ. ପାର୍ଥସାରଥି ଅଜୟ ବାରିକ, ପ୍ର. ଯୁଧିଷ୍ଠିର ଖଟୁଆ, ଡ. ଭାବଗ୍ରାହୀ ରାଉତ, ପ୍ରାକ୍ତନ ଶିକ୍ଷାଧିକାରୀ ବିଜୟାଲକ୍ଷ୍ମୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ନଳିନୀକାନ୍ତ ମହାପାତ୍ର ଓ ଜଳଧର ପରିଡ଼ା ପାଣି ସଂଗୀତ ପରିବେଷଣ କରିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ପ୍ର. ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାରେ ଡ. ବିଷ୍ଣୁଚରଣ ଚୌଧୁରୀ, ହରେକୃଷ୍ଣ ପଣ୍ଡା, ଡ. ସୁରେଶ ପ୍ରସାଦ ଷଡ଼ଙ୍ଗୀ, ପ୍ର. ଦିଲ୍ଲୀପ କୁମାର ମଲ୍ଲିକ, ପ୍ର. ପବିତ୍ର କୁମାର ମହାନ୍ତି, ଅଧ୍ୟାପିକା ପୁଷ୍ପାଞ୍ଜଳି ପଣ୍ଡା, ଡ. ରାଧାନାଥ ବେହେରା, ଚନ୍ଦ୍ରମଣି ଭୂୟାଁ, ରାମଚନ୍ଦ୍ର ସାହୁ, ବିଷ୍ଣୁଚରଣ ମିଶ୍ର, ସଞ୍ଜୟ କୁମାର ଷଡ଼ଙ୍ଗୀ, ଗୌତମ ଚରଣ ଜେନା, ରାମଚନ୍ଦ୍ର ପାଣ୍ଡି, ସୁସ୍ମିତା ପଣ୍ଡା, ବିନତା ମିଶ୍ର, ଶରତ ଚନ୍ଦ୍ର ରଥ, ଭାବଗ୍ରାହୀ ମିଶ୍ର, ହୃଷୀକେଶ ମହାରଣା, ଡ. ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ, ପ୍ରବୀର ଚରଣ ଦାସ, ମାନସ ରଞ୍ଜନ ଦାଶ, ବିଭୂପ୍ରସାଦ ପ୍ରଧାନ, କାନନବାଳା ମିଶ୍ର, ଗାୟତ୍ରୀ ନନ୍ଦ, ଲକ୍ଷ୍ମୀନାରାୟଣ ସେଠୀ, ସନାତନ ବେହେରା, ଅଜୟ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାର ଅନୁଧ୍ୟାନ କଲେ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା

ବାଲେଶ୍ୱର, ନ୍ୟୁଜ୍

ଜଳେଶ୍ୱର ଅଞ୍ଚଳରେ ଜଣେ ନାବାଳିକାଙ୍କ ସହ ଘଟିଥିବା ଦୁଷ୍କର୍ମ ଓ ପରବର୍ତ୍ତୀ ହତ୍ୟା ସମ୍ପର୍କିତ ନ୍ୟୁଜ୍ କ୍ଲିପିଂରେ ପ୍ରକାଶିତ ଘଟଣାକୁ ନେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଏବଂ ସଦସ୍ୟା ସୁଜାତା ନାୟକ ବାଲେଶ୍ୱର ଜିଲ୍ଲା ଗସ୍ତ କରିଛନ୍ତି। ଚେୟାରପର୍ସନ୍ ଓ ସଦସ୍ୟ ପୂର୍ବାହ୍ନରେ ସର୍କିଟ୍ ହାଉସ୍, ବାଲେଶ୍ୱର ଠାରେ ପହଞ୍ଚିଥିଲେ। ସେଠାରେ ସେମାନେ ଆରକ୍ଷୀ ଅଧୀକ୍ଷକ, ବାଲେଶ୍ୱରଙ୍କ ସହ ଉକ୍ତ ମାମଲା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଘଟଣାର ତଦନ୍ତର ଅଗ୍ରଗତି, ଗ୍ରହଣ କରାଯାଇଥିବା ଆଇନ୍‌ଗତ ପଦକ୍ଷେପ ଏବଂ ପୀଡ଼ିତାଙ୍କ ପରିବାରକୁ ଦିଆଯାଉଥିବା ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହା ପରେ ଚେୟାରପର୍ସନ ଓ ସଦସ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଲେଶ୍ୱର ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାଲେଶ୍ୱରଙ୍କ ସହିତ ପୀଡ଼ିତା ନାବାଳିକାଙ୍କ ପରିବାରବର୍ଗଙ୍କୁ ସାକ୍ଷାତ କରିଥିଲେ। ସେମାନେ ପରିବାରର ସଦସ୍ୟମାନଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କିତ ତଥ୍ୟ ଜାଣିବା ସହିତ ପରିବାରର ବର୍ତ୍ତମାନ ସ୍ଥିତି ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ, ଯେଉଁ ସ୍ଥାନରେ ଉକ୍ତ ନାବାଳିକାଙ୍କ ସହ ଦୁଷ୍କର୍ମ ପରେ ମୃତ୍ୟୁ ଘଟିଥିବା ସମ୍ପର୍କରେ ଅଭିଯୋଗ/ସୂଚନା ରହିଛି। ଘଟଣାସ୍ଥଳର ପରିସ୍ଥିତି ଏବଂ ମାମଲା ସମ୍ପର୍କିତ ଉପଲବ୍ଧ ତଥ୍ୟ ବିଷୟରେ ଅଧିକାରୀମାନଙ୍କ ଠାରୁ ସୂଚନା ଗ୍ରହଣ କରାଯାଇଥିଲା। ଏହାପରେ ଅପରାହ୍ନରେ ସର୍କିଟ୍ ହାଉସ୍, ବାଲେଶ୍ୱର ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ଏବଂ ସଦସ୍ୟା ଶ୍ରୀମତୀ ନାୟକ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହୀର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ନିର୍ମଳା ଭଟ୍ଟାଚାର୍ଯ୍ୟଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଉକ୍ତ ମାମଲାର ସମସ୍ତ ପ୍ରମୁଖ ଦିଗ, ତଦନ୍ତର ଅଗ୍ରଗତି, ପୀଡ଼ିତାଙ୍କ ପରିବାରକୁ ଆବଶ୍ୟକ ସହାୟତା, ଶିଶୁ ସୁରକ୍ଷା ସମ୍ପର୍କିତ ବିଷୟ ଏବଂ ଭବିଷ୍ୟତରେ ଆବଶ୍ୟକ ପଦକ୍ଷେପ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ମାମଲାରେ ଆଇନ୍ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଏବଂ ଶିଶୁର ସର୍ବୋତ୍ତମ ସ୍ୱାର୍ଥ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ଓ ସମୀକ୍ଷା ସମାପ୍ତ କରି ଅଧ୍ୟକ୍ଷା ଓ ସଦସ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଲଗାଣ ବର୍ଷା ସତ୍ତ୍ୱେ ଐତିହାସିକ 'ରୂପଯାତ୍ରା' ଶୃଙ୍ଖଳାର ସହ ଶେଷ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାରର ଐତିହାସିକ ରୂପଯାତ୍ରା ଗତ ୫ ଦିନ ଧରି ଧୂମ୍‌ଧାମ୍‌ରେ ଅନୁଷ୍ଠିତ ହୋଇ ସାରା ଅଞ୍ଚଳ ଚଳ ଚଞ୍ଚଳ ହୋଇଉଠିଥିବା ବେଳେ ଅର୍ଣ୍ଣବ ପ୍ରଭାବରେ ଲଗାଣ ବର୍ଷା ଫଳରେ ଅନ୍ତିମ ଦିବସରେ ଯାତ୍ରା କିଛି ମାତ୍ରାରେ ଫିକା ପଡ଼ି ଯାଇଛି । ତେବେ ଯାତ୍ରାରେ ଅଂଶ ଗ୍ରହଣ କରିଥିବା ମୋଟ୍ ୪୩ଟି ମେଢ଼ ଗୁରୁବାର ରାତିସୁଦ୍ଧା ଭସାଣ ପରେ ରୂପଯାତ୍ରା ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଯାଇଛି । ଚୌଦ୍ୱାରର ବିଭିନ୍ନ ସାହି ବସ୍ତିରେ ନିର୍ମିତ ଦୂର୍ଗା, ଲକ୍ଷ୍ମୀ, ହନୁମାନ, ମହାଦେବ, ହର ପାର୍ବତୀ, ଲକ୍ଷ୍ମୀନାରାୟଣ, ରାଧାକୃଷ୍ଣ ଆଦି ମେଢ଼ ବୁଧବାର ଦିନ ମଣ୍ଡପ ଛାଡ଼ି ନିଜ ନିଜର ସାହିବସ୍ତି ପରିକ୍ରମା କରିବା ପରେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଯାଇ ତିନିକୋଣିଆ ସ୍ଥିତ ରୂପଯାତ୍ରା ପଡ଼ିଆରେ ମେଳଣ କରିଥିଲେ । ଗୁରୁବାର ସକାଳେ ଯାତ୍ରା କମିଟି ଠାରୁ ଛନ୍ଦା ଓ ଟିକେଟ ଗ୍ରହଣ କରି ଶୋଭାଯାତ୍ରାରେ କ୍ରମାନ୍ୱୟରେ ଯାଇ ବିରୂପା କୂଳରେ ନିର୍ମିତ ଅସ୍ଥାୟୀ ପୋଖରୀରେ ବିସର୍ଜିତ ହୋଇଥିଲେ । ପ୍ରତିକୂଳ ପାଗ ହେତୁ ମେଢ଼ କମିଟି ତରଫରୁ ମେଢ଼ ଗୁଡ଼ିକୁ ଜରି ଘୋଡ଼ାଇ ସୁରକ୍ଷିତ ଭାବେ ଭସାଣସ୍ଥଳକୁ ନିଆଯାଇଥିବା ଦେଖିବାକୁ ମିଳିଥିଲା । ବର୍ଷା ସତ୍ତ୍ୱେ ଯାତ୍ରା ପଡ଼ିଆରେ ଭିଡ଼ ଯୋର୍‌ଦାର୍ ହୋଇଥିଲା ବେଳେ ମେଢ଼ ଶୋଭାଯାତ୍ରାରେ ଯାଉଥିବା ଯୁବବର୍ଗ ତୁହାକୁ ତୁହା ବର୍ଷାକୁ ଖାତିର ନକରି ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା । ଶୃଙ୍ଖଳା ରକ୍ଷା ପାଇଁ କମିସନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଆଇଆଇସି ବିକାଶ ସେଠୀଙ୍କ ପରିଚାଳନାରେ ଯାତ୍ରାରେ ୨୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା । ସୁରକ୍ଷା ଦାୟିତ୍ୱରେ ୮ ଜଣ ଏସିପି, ୧୨ ଜଣ ଇନ୍‌ସ୍ପେକ୍ଟର, ୭୦ ଜଣ ଏସ୍‌ଆଇ ଏବଂ ଏଏସ୍ ଆଇ ରହିଥିବାବେଳେ ବହୁସଂଖ୍ୟକ ଟ୍ରାଫିକ୍ ପୋଲିସ ମୁତୟନ ହୋଇଥିଲେ। ଏଥିସହିତ ଅଗ୍ନିଶମ, ବିଦ୍ୟୁତ, ଜନସ୍ୱାସ୍ଥ୍ୟ ଆଦି ବିଭିଗର ଅଧିକାରୀ ଓ କର୍ମଚାରୀମାନେ ଯାତ୍ରାରେ ନିଜ ନିଜର ଦାୟିତ୍ୱ ସୁଚାରୂ ରୂପେ ତୁଲାଇଥିଲେ । ଚୌଦ୍ୱାର ପୌରପାଳିକା ତରଫରୁ ଯାତ୍ରାର ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିଲା । ଦୁଇଦିନ ଧରି ଝଡ଼ବର୍ଷା ହେତୁ ଯାତ୍ରାରେ ବ୍ୟବସାୟ କରି ଦି ପଇସା ଲାଭ ଆଶାରେ ଦୂର ଦୂରାନ୍ତରରୁ ଆସି ଯାତ୍ରାରେ ପସରା ମେଲେଇଥିବା ବ୍ୟବସାୟୀ ମାନଙ୍କ ଭିତରେ ନିରାଶା ଖେଳିଯାଇଛି । ବର୍ଷା ପାଇଁ ବେପାର ଅତି ମାତ୍ରାରେ ମାନ୍ଦା ହୋଇଥିବା କିଛି ବ୍ୟବସାୟୀ ପ୍ରକାଶ କରିଛନ୍ତି । ଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ପାଳନ କରିଥିବାରୁ ରୂପଯାତ୍ରା କମିଟି ତରଫରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ ବ୍ଲକରେ ବ୍ୟାପକ କ୍ଷୟକ୍ଷତି

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ ବ୍ଲକ ଅଧୀନ ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଆଶଙ୍କା କରାଯାଉଥିବା ବେଳେ ସାନରାମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ପ୍ରତିନିଧି ତଥା ଯୁବ ବିଜେପି ନେତା ରମାକାନ୍ତ ନାହାକ ଚିଲିକା ଉପକୂଳ ଗ୍ରାମଗୁଡିକରେ ପହଞ୍ଚି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବାତ୍ୟା ସତର୍କ ସୂଚନା ଜାରି ହେବା ପରେ ଶ୍ରୀ ନାହାକ ନିଜ ଟିମ୍ ସହ ଉପକୂଳ ଗାଁ ଗୁଡିକୁ ଯାଇ ଘର ଘର ବୁଲି ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ଯିବା ପାଇଁ ଅନୁରୋଧ କରିଥିଲେ। ବୃଦ୍ଧ, ମହିଳା ଓ ଶିଶୁଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀରେ ଥଇଥାନ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାପରେ ବାତ୍ୟା ପ୍ରଭାବ କମିବା ପରେ ଶ୍ରୀ ନାହାକ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ କ୍ଷୟକ୍ଷତିର ଆକଳନ କରିଥିଲେ। କେଉଁ ଗାଁରେ କେତେ ଘର ଭାଙ୍ଗିଛି, ଚାଷ ଜମି ନଷ୍ଟ ହୋଇଛି କି ନାହିଁ, ଗଛ ପଡି ରାସ୍ତା ବନ୍ଦ ହୋଇଛି କି ନାହିଁ ତାହା ନିଜେ ବୁଲି ଦେଖିଥିଲେ ଏବଂ ପ୍ରଶାସନକୁ ରିପୋର୍ଟ ଦେବେ ବୋଲି କହିଛନ୍ତି। ଏହି ସମୟରେ ତାଙ୍କ ସହ ବରିଷ୍ଠ ବିଜେପି ନେତା ଟଙ୍କଧର ବେହେରା, ଯୁବ ଏସ୍‌ସି ମୋର୍ଚ୍ଚା ଜିଲ୍ଲା ସମ୍ପାଦକ ବିମ୍ବାଧର ବେହେରା ଓ ଯୁବ ବିଜେପି ନେତା ପ୍ରଜାପତି ବେହେରା ସମେତ ଅନ୍ୟ ବିଜେପି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

////////// ଖପ୍ରାଖୋଲ ଅଞ୍ଚଳରେ ବାତ୍ୟା ଅର୍ଣ୍ଣବର ପ୍ରଭାବ //////////

ବ୍ୟାପକ ପାଚିଲା ଧାନ ଓ ପରିବା ଫସଲ ନଷ୍ଟ

ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ

ଅକ୍ଟୋବର ମାସରେ ବଙ୍ଗୋପ ସାଗରରେ ସୃଷ୍ଟି ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ୨୧ଟି ପଞ୍ଚାୟତରେ ଅମଳକ୍ଷମ ଧାନ ଫସଲ ଏବଂ ଶାଗ-ପରିବା ଚାଷ ଉପରେ ଏହି ଅଦିନିଆ ବର୍ଷା ଦାଉ ସାଧିଛି। ଗତ କିଛି ଦିନ ଧରି ଲାଗି ରହିଥିବା ଅବିରତ ଝିପିଝିପି ବର୍ଷା ଓ ଝଟକା ପବନ ଯୋଗୁଁ ଚାଷ ଜମିରେ ସୁନା ରଙ୍ଗ ଧାରଣ କରିଥିବା ପାଚିଲା ଧାନ ଗଛଗୁଡ଼ିକ ତଳେ ଲୋଟି ପଡ଼ିଛି। କ୍ଷେତରେ ପାଣି ଜମି ରହିବା କାରଣରୁ ଧାନ କେଣ୍ଡା ପଚି ନଷ୍ଟ ହେବା ସହ ଗଜା ହୋଇଯିବାର ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ, ଅଞ୍ଚଳରେ ହୋଇଥିବା କୋବି, ଟମାଟୋ, ଝୁଡଙ୍ଗ, ବାଇଗଣ ଓ ଲଙ୍କା ଭଳି ପରିବା ଫସଲରେ ପ୍ରବଳ ପାଣି ଜମି ଗଛ ମରିବା ଆରମ୍ଭ ହୋଇଛି ଏବଂ ଫଳ ସବୁ ପଚି ନଷ୍ଟ ହେଉଛି। ତେବେ ଡେରିରେ ରୁଆ ହୋଇଥିବା ତଥା ଏବେ ଖିର ଖାଉଥିବା (ଗର୍ଭାବସ୍ଥାରେ ଥିବା) ଧାନ ଫସଲ ପାଇଁ ଏହି ବର୍ଷା ଅମୃତ ସମାନ ସାବ୍ୟସ୍ତ ହୋଇଥିଲେ ହେଁ, ଅମଳ ହେବାକୁ ଥିବା ଆଗୁଆ ଧାନ ଏବଂ ପରିବା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଖପ୍ରାଖୋଲ ବ୍ଲକର ବିଭିନ୍ନ ଗ୍ରାମରେ ଏବେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ବର୍ଷ ତମାମ୍ ଝାଳବୁହା ପରିଶ୍ରମ କରି ପାଳିଥିବା ସୁନାର ଫସଲକୁ ପାଣିରେ ଭାସୁଥିବା ଦେଖି ଅନେକ ଚାଷୀ କ୍ଷେତ କୂଳରେ ବସି କାନ୍ଦୁଛନ୍ତି। ପରିବା ଚାଷୀଙ୍କ ଅବସ୍ଥା ମଧ୍ୟ ଅନୁରୂପ । ଦିୱାଲୀ ବଜାରକୁ ଲକ୍ଷ୍ୟ କରି ଲଗାଯାଇଥିବା ପରିବା କ୍ଷେତ ଏବେ କାଦୁଅ ପଚପଚ ପାଣିରେ ବୁଡ଼ି ରହିଛି। ସ୍ଥାନୀୟ ଅଞ୍ଚଳର କୃଷକମାନେ ତୁରନ୍ତ ଏହି କ୍ଷୟକ୍ଷତିର ଯୁଦ୍ଧକାଳୀନ ଭିତ୍ତିରେ କ୍ଷେତ୍ରସ୍ତରୀୟ ଆକଳନ (Survey) କରିବା ସହିତ ପ୍ରଶାସନ ତରଫରୁ ଉଚିତ ଆର୍ଥିକ କ୍ଷତିପୂରଣ ଏବଂ ଫସଲ ବୀମା ରାଶି ପ୍ରଦାନ କରିବାକୁ ଜୋର୍‌ଦାର୍ ଦାବି କରିଛନ୍ତି।

ବାତ୍ୟା ପ୍ରଭାବରେ ବୌଦ୍ଧରେ ପ୍ରବଳ ବର୍ଷା

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବାତ୍ୟା ଜନିତ ପାଣିପାଗ ପରିବର୍ତ୍ତନ ମଧ୍ୟରେ ବୌଦ୍ଧ ଜିଲ୍ଲାରେ ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ ଅକ୍ଟୋବର ୨୮ ତାରିଖରେ ଜାରି ହୋଇଥିବା ବର୍ଷା ରିପୋର୍ଟ ଅନୁଯାୟୀ, ଜିଲ୍ଲାର ତିନୋଟି ବ୍ଲକ୍‌ରେ ମୋଟ୍ ୧୭.୫ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ହାରାହାରି ବର୍ଷା ପରିମାଣ ୫.୮୩ ମିଲିମିଟର ରହିଛି। ରିପୋର୍ଟ ଅନୁସାରେ, ହରଭଙ୍ଗା ବ୍ଲକରେ ସର୍ବାଧିକ ୭.୩ ମିଲିମିଟର ବର୍ଷା ହୋଇଥିବା ବେଳେ ବୌଦ୍ଧ ବ୍ଲକରେ ୬ ମିଲିମିଟର ଏବଂ କଣ୍ଟାମାଳ ବ୍ଲକ୍‌ରେ ୪.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଅନ୍ୟପକ୍ଷରେ, ବାତ୍ୟା ଅର୍ଣ୍ଣବ ଜନିତ ପାଣିପାଗ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବର୍ଷା, ବଜ୍ରପାତ ଓ ଝଟ୍‌କା ପବନ ପ୍ରତି ସତର୍କ ରହିବା ଆବଶ୍ୟକ। ବିଶେଷକରି ଚାଷୀମାନେ ଅମଳ ହୋଇଥିବା ଧାନ ଓ ଅନ୍ୟାନ୍ୟ ଫସଲକୁ ସୁରକ୍ଷିତ ରଖିବା ସହ ଲୋକେ ପାଣିପାଗ ବିଭାଗର ପରବର୍ତ୍ତୀ ସୂଚନା ଉପରେ ନଜର ରଖିବା ଉଚିତ। ଜିଲ୍ଲାରେ ବର୍ଷାର ପରିମାଣ ସମ୍ପର୍କିତ ଏହି ତଥ୍ୟ ଡିଇଓସି ପକ୍ଷରୁ ପ୍ରଦାନ କରାଯାଇଛି।

ବର୍ଷା ସତ୍ତ୍ୱେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାରେ ଦର୍ଶକଙ୍କ ଭିଡ଼

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ପ୍ରସିଦ୍ଧ କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ଶତବାର୍ଷିକ ପାଳନ କରୁଥିବାରୁ ପ୍ରତ୍ୟେକ ପୂଜା ମଣ୍ଡପରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ବଡ ବଡ ତୋରଣମାନ ନିର୍ମାଣ କରାଯାଇଛି। ଗତ ୨୫ ତାରିଖ ଠାରୁ ମା'ଙ୍କର ପୂଜା ଆରମ୍ଭ ହୋଇଛି। ଲଗାଣ ବର୍ଷା ସତ୍ତ୍ୱେ ଭକ୍ତମାନଙ୍କର ପ୍ରବଳ ଜନଗହଳୀ ଦେଖିବାକୁ ମିଳିଥିବା ବେଳେ ୨୬ ରାତି ଠାରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ଜାରି ରହିଛି। ଫଳରେ ସମସ୍ତ ପୂଜାମଣ୍ଡପ, ବଜାର, ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ଭିଡ ଦେଖିବାକୁ ମିଳୁଛି। ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ବ୍ୟବସାୟୀମାନେ ଆସି ବ୍ୟବସାୟ ମେଲେଇଥିବା ବେଳେ ଲଗାଣ ବର୍ଷାରେ ଏମାନଙ୍କର ବ୍ୟବସାୟରେ ସାମାନ୍ୟ ପ୍ରଭାବ ପଡିଛି। ଏପଟେ ପୂଜାମଣ୍ଡପରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ତୋରଣମାନ ଓ ସୁସଜ୍ଜିତ ଆଲୋକ ଦ୍ୱାରା କେନ୍ଦ୍ରାପଡା ସହର କମ୍ପୁଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁ ବର୍ଷା ସତ୍ତ୍ୱେ ଘରୁ ମା'ଙ୍କ ଦର୍ଶନ ପାଇଁ ବିଭିନ୍ନ ପୂଜାମଣ୍ଡପରେ ଭିଡ ଦେଖିବାକୁ ମିଳୁଛି। ଚଳିତବର୍ଷ ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ଶତବାର୍ଷିକ ଉପଲକ୍ଷେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଦୂରଦୂରାନ୍ତରୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁମାନେ ଯେପରି ହଇରାଣ ନହୁଅନ୍ତି ସେଥିପ୍ରତି ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଏମାନଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

ସନ- ୧୪୩୪ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

ତା୩୧।୧୦।୨୦୨୬, କାର୍ତ୍ତିକ ଦ୧୫ନ, ଶନିବାର

ସୂର୍ଯ୍ୟୋଦୟ- ଘ ୫।୪୯।୨୦ ଚନ୍ଦ୍ରୋଦୟ- ରାଘ୧୦।୧୪।୨୮

ଷଷ୍ଠୀ ଦିଘ ୪।୫୯ ପର୍ଯ୍ୟନ୍ତ। ଆର୍ଦ୍ରା ନକ୍ଷତ୍ର ପ୍ରାଘ ୭।୧୪ ଗତେ ପୁନର୍ବସୁ ନକ୍ଷତ୍ର କ୍ଷୟ। ମିଥୁନ ଚନ୍ଦ୍ର ରାଘ ୧୨।୦୩ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର। ରାଘ ୧୨।୦୩ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** କନ୍ୟା ରାଶିର। ରାଘ ୧୨।୦୩ ଗତେ ନାହିଁ । **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୪।୫୯ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୨୪ ଗତେ ଦିଘ ୮।୪୨ ମଧ୍ୟେ । ଦିଘ ୧୧।୫୪ ଗତେ ଦିଘ ୧୨।୫୬ ମଧ୍ୟେ।



ମେଷ: କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ପରୋପକାର କରି ଆନନ୍ଦିତ ହେବେ। ଆର୍ଥିକ ସ୍ଥିତି ମଧ୍ୟମ ଧରଣର ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା।

ବୃଷ: ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇପାରନ୍ତି। ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଶାନ୍ତିର ବାତାବରଣ ରହିବାର ସମ୍ଭାବନା ରହିଛି ।



ମିଥୁନ: ଆଜି ଆପଣଙ୍କର ଦିନଟି ଭଲରେ କଟିବ। ଶରୀର ସୁସ୍ଥ ରହିବ। ଆୟର ପରିମାଣ ବଢ଼ିବ। ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



କର୍କଟ: ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରିବେ। ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। ସତ କଥା କହି ବିରୋଧି ହେବେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ବଢ଼ଇବ। ଘରେ କଳହ ଓ ଅଶାନ୍ତି ଦେଖାଦେବ।



ସିଂହ: କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଶୁଭ କର୍ମ କରିପାରନ୍ତି। ରୋଜଗାର ସ୍ଥିର ରହିବ। ମାଲିମୋକଦ୍ଦମା କ୍ଷେତ୍ରରେ ସୁଫଳ ପାଇବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ।



କନ୍ୟା: ଆଜି ଆପଣଙ୍କର ଦିନଟି ଭଲରେ କଟିବନାହିଁ। ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ। ବ୍ୟୟର ମାତ୍ରା ବଢ଼ିବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତି ହେବାର ସୂଚନା।

ତୁଳା: ଶତ୍ରୁ ନାଶ ହେବେ। ବ୍ୟବସାୟରେ ମଧ୍ୟମ ଧରଣର ଫଳ ପାଇବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ସୁଖ ଶାନ୍ତି ବଜାୟ ରହିବ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ। ଦେହ ଭଲ ରହିବ ।



ବିଛା: ଐଶ୍ୱର୍ଯ୍ୟ ପ୍ରାପ୍ତି ହେବ। ଦୁଃସାଧ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ରୋଜଗାର ମଧ୍ୟମ ଧରଣର ହେବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ନୂତନ ବନ୍ଧୁ ଦର୍ଶନ ସୁଯୋଗ ସୃଷ୍ଟି ହୋଇପାରେ ।

ଧନୁ: ଦେବ ଦର୍ଶନ ସହିତ ଭ୍ରମଣ ଯୋଗ ମଧ୍ୟ ରହିଛି। ବିବାଦୀୟ ଘଟଣାରେ ବିଜୟୀ ହେବେ। ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଆୟ ସ୍ଥିର ରହିବ। ପାରିବାରିକ ଜୀବନ ସୁଖମୟ ହେବ।



ମକର: ଦୂରଯାତ୍ରା କରି ସଫଳତା ହାସଲ କରିବେ। ବ୍ୟବସାୟରେ ଲାଭବାନ୍ ହେବେ। ଶରୀର ସୁସ୍ଥ ରହିବ। ପାରିବାରିକ ସୁଖ ସମୃଦ୍ଧି ବଢ଼ିବ। ଆୟ ଓ ବ୍ୟୟ ସମାନ ରହିବ। ମହିଳାମାନେ ସୁଖୀ ହେବେ।



କୁମ୍ଭ: ପରିଶ୍ରମ ତୁଳନାରେ ପାରିଶ୍ରମିକ ପାଇ ଖୁସି ହେବେ। ପିଲାମାନେ ପଢ଼ାପଢ଼ିରେ ମନ ଦେବେ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ରୋଜଗାର ଭଲ ହେବ। ଘରେ ଶାନ୍ତି ଲାଭ ହେବ।

ମୀନ: କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଦେଖାଦେଇପାରେ। ଖର୍ଚ୍ଚର ପରିମାଣ ବଢ଼ିବ। ମନ ଅସ୍ଥିର ରହିବ । କୁ-ଭୋଜନ କରି ଉଦର ପୀଡ଼ା ହୋଇପାରେ। ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ ।

ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

ତା୧।୧୧।୨୦୨୬, କାର୍ତ୍ତିକ ଦ୧୬ନ, ରବିବାର

ସୂର୍ଯ୍ୟୋଦୟ- ଘ ୫।୪୮।୪୬ ଚନ୍ଦ୍ରୋଦୟ- ରାଘ୧୧।୧୮।୩୦

ସପ୍ତମୀ ଦିଘ ୨।୫୩ ପର୍ଯ୍ୟନ୍ତ। ପୁଷ୍ୟା ନକ୍ଷତ୍ର ନିଘ ୪।୩୨ ପର୍ଯ୍ୟନ୍ତ, କର୍କଟ ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୨।୫୩ ଗତେ ନଡ଼ିଆ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୩୮ ଗତେ ଦିଘ ୮।୫୪ ମଧ୍ୟେ । ଦିଘ ୧୨।୫୬ ଗତେ ଦିଘ ୨।୫୫ ମଧ୍ୟେ।

୬ ହକି ବିଶ୍ୱକପ୍ ୨୦୩୦ ଆୟୋଜନ ଦୌଡ଼ରେ ଓଡ଼ିଶା ସହ ପଞ୍ଜାବ ଓ ତାମିଲନାଡୁ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା-୩
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୨୭୦ ● ୩୧ ଅକ୍ଟୋବର ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-270 ● 31st October 2026, Saturday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

ଦେଶ ସଙ୍କଟର ସମ୍ମୁଖୀନ ହେଲେ ସେମାନେ ଖୁସି ହୁଅନ୍ତି : ବିରୋଧୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଟାର୍ଗେଟ

ଚାଷୀଙ୍କ ଖାତାକୁ ଗଲା ପିଏମ୍ କିଷାନର ୧୯ ହଜାର କୋଟି

ଗୁଜୁରାଟ, ୩୦।୧୦

ବାନାସକାଣ୍ଠାଠାରେ ପ୍ରଧାନମନ୍ତ୍ରୀ ମୋଦୀ ୧୪,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ସେଗୁଡ଼ିକର ଉଦଘାଟନ କରିଛନ୍ତି । ଏହା ସହିତ, ସେ 'ପିଏମ-କିଷାନ' ଯୋଜନାର ୨୪ତମ କିସ୍ତି ମଧ୍ୟ ଜାରି କରିଛନ୍ତି, ଯାହାର ପରିମାଣ ପ୍ରାୟ ୧୯,୦୦୦ କୋଟି ଟଙ୍କା । ଏହି କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ବିରୋଧୀ ଦଳଗୁଡ଼ିକ ଉପରେ କଡ଼ା ଆକ୍ରମଣ କରି କହିଲେ, 'ସେମାନେ ଦେଶକୁ ଅସୁବିଧାରେ ଦେଖିବାକୁ ଚାହାଁନ୍ତି । ଦେଶ ଯେତେବେଳେ କୌଣସି ସଙ୍କଟର ସମ୍ମୁଖୀନ ହୁଏ, ସେତେବେଳେ ସେମାନେ ଖୁସି ହୁଅନ୍ତି । ଇରାନକୁ ନେଇ ବର୍ତ୍ତମାନ ଦେଖାଦେଇଥିବା ଉତ୍ତେଜନା ଏହାର ଏକ ସଦ୍ୟ ଉଦାହରଣ ।'

ସେ ଆହୁରି ମଧ୍ୟ କହିଲେ, 'ଯେତେବେଳେ ଭାରତ ଏକଜୁଟ ହୋଇ ଏଭଳି ଆହ୍ୱାନଗୁଡ଼ିକର ମୁକାବିଲା କରୁଛି, ସେତେବେଳେ ସେମାନେ କେବଳ ଗୁଜବ ପ୍ରଚାର କରିବାରେ ବ୍ୟସ୍ତ ଅଛନ୍ତି । ସେମାନେ ଦାବି କରିଥିଲେ ଯେ ସାର ମିଳିବ ନାହିଁ ଏବଂ ଚାଷୀଙ୍କ ମନରେ ଭୟ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ । ଏପରିକି ସେମାନେ ମହିଳାମାନଙ୍କୁ ମଧ୍ୟ ଭୟଭୀତ କରି କହିଥିଲେ ଯେ ରୋଷେଇ ଗ୍ୟାସ ଯୋଗାଣ ବନ୍ଦ ହୋଇଯିବ । ମୋଦୀଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ ଦେଶରେ ଅରାଜକତା ସୃଷ୍ଟି କରିବା ହିଁ ସେମାନଙ୍କର ଯୋଜନା ଥିଲା ।' ପ୍ରଧାନମନ୍ତ୍ରୀ ମୋଦୀ ଦୃଢ଼ତାର ସହ କହିଲେ ଯେ, ସେ ନିଜର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଦେଶବାସୀଙ୍କ ସେବା କରିଚାଲିବେ ।

ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଲେ, 'ଦେଶବାସୀଙ୍କ ପାଇଁ ଏହା ଏକ ଆଶ୍ଚର୍ଯ୍ୟର ବିଷୟ ହୋଇପାରେ ଯେ, ଏଠାରେ (ପୃଷ୍ଠା ୭ରେ)

ରାଜ୍ୟ ସ୍ତରୀୟ ପିଏମ୍ କିଷାନ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଓଡ଼ିଶାର ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ଆକାଉଣ୍ଟକୁ ଗଲା ପିଏମ୍ କିଷାନ ଟଙ୍କା

ଭୁବନେଶ୍ୱର, ୩୦।୧୦
ନ୍ୟୁଜ୍ ବ୍ୟୁରୋ

ଦେଶର କୃଷକ ସମାଜକୁ ଆର୍ଥିକ ଭାବେ ଅଧିକ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ 'ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି' ଅର୍ଥାତ୍ 'ପିଏମ୍ କିଷାନ' ଯୋଜନାର ୨୪ତମ କିସ୍ତି ସହାୟତା ରାଶି ସିଧାସଳଖ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ବନାସକାଣ୍ଠା ଠାରେ ଅନୁଷ୍ଠିତ ଜାତୀୟ ସମାରୋହରୁ ଆଭାସୀ ମାଧ୍ୟମରେ ଏହି ସହାୟତା ରାଶି ବଣ୍ଟନର ଶୁଭାରମ୍ଭ କରିଛନ୍ତି । ସାରା ଦେଶରେ ୯.୩୪ କୋଟିରୁ ଅଧିକ ଚାଷୀଙ୍କୁ ୧୮,୬୯୦ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ଗୁଜୁରାଟର ବନାସକାଣ୍ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏହି କାର୍ଯ୍ୟକ୍ରମକୁ ଓଡିଶାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏବଂ ରାଜ୍ୟର ଅନ୍ୟାନ୍ୟ ମନ୍ତ୍ରୀ ଓ ବିଧାୟକମାନେ ସିଧାପ୍ରସାରଣ ଦେଖିଥିଲେ । ଏହି ଅବସରରେ ଓଡ଼ିଶାର (ପୃଷ୍ଠା ୭ରେ)

ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ
ପାଇଲଟଙ୍କ ସମେତ ୬ ମୃତ

ଚମୋଲୀ, ୩୦।୧୦

ଉତ୍ତରାଖଣ୍ଡର ଚମୋଲୀ ଜିଲ୍ଲା ଯୋଶୀମଠ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ହେଲିକପ୍ଟରରେ ଜଣେ ପାଇଲଟ ଓ ୫ ଜଣ ଯାତ୍ରୀ ଥିଲେ । ସମସ୍ତଙ୍କର ମୃତ୍ୟୁ ହୋଇଯାଇଛି ।

ମୃତ ପାଇଲଟଙ୍କ ନାଁ ହିମାଂଶୁ । ତାଙ୍କ ଘର ଦିଲ୍ଲୀରେ । ମୃତ ଯାତ୍ରୀମାନେ ହେଉଛନ୍ତି, ପ୍ରତାପ, ଅରୁଣ, ଶଙ୍କର ଗୌଡ଼, ସୁଧୀର କେ ଓ ଏସ୍ଏସ୍ ନଟରାଜ । ଏମାନେ ସମସ୍ତେ କର୍ଣ୍ଣାଟକାର । ଅରୁଣ ବେଙ୍ଗାଲୁରୁ ପୁଲିସ୍ କ୍ରାଇମବ୍ରାଞ୍ଚରେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିଲେ ।

ହେଲିକପ୍ଟରଟି ବଦ୍ରିନାଥରୁ ଡେରାଡୁନ ଫେରୁଥିବା ବେଳେ ଯୋଶୀମଠ ଅଞ୍ଚଳରେ ମାରୱାଡ଼ି ବ୍ରିଜ୍ ଉପରେ ଓ ଜେପି ପାୱାର ହାଉସ୍ ଆଡ଼କୁ ଥିବା ପାହାଡ଼ିଆ ସ୍ଥାନରେ ଅପରାହ୍ନ ପ୍ରାୟ ୨ଟା ବେଳେ ଖସି ପଡ଼ିଥିଲା ।

ଏହି ହେଲିକପ୍ଟରଟି ଟ୍ରାନ୍ସ ଭାରତ ଏଭିଏସନର । ବଦ୍ରିନାଥରୁ ଫେରୁଥିବା ବେଳେ ଯୋଶୀମଠ ଅଞ୍ଚଳରେ ଏହା ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ଏହା ପରେ ପରେ ହେଲିକପ୍ଟରଟି ସେହି ଅଞ୍ଚଳରେ ଖସି ପଡ଼ିଥିବା ଜଣାପଡ଼ିଥିଲା ।

ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ପୁଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉଦ୍ଧାର କାର୍ଯ୍ୟ ପାଇଁ ସ୍ଥାନୀୟ ପୁଲିସ୍, ଏସଡିଆରଏଫ୍, ସେନା ଓ ଆଇଟିବିପିର ଯବାନଙ୍କୁ ଘଟଣାସ୍ଥଳକୁ ପଠାଯାଇଥିଲା ।

ଏହି ଦୁର୍ଘଟଣା ଘଟିଥିବା ନେଇ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ମଧ୍ୟ ସ୍ପଷ୍ଟ କରିଥିଲେ । ସମସ୍ତ ଯାତ୍ରୀ ସୁରକ୍ଷିତ ଥିବେ ବୋଲି ସେ ଆଶା ରଖିଥିଲା । ସେ ତାଙ୍କ 'ଏକ୍ସ'ରେ ଲେଖିଥିଲେ ଯେ ସେ ସ୍ଥିତି ଉପରେ ନଜର ରଖିଛନ୍ତି । ଜିଲ୍ଲା ପ୍ରଶାସନ, ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଏସଡିଆରଏଫ ପକ୍ଷରୁ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି ।

ଅନ୍ୟପକ୍ଷରେ କାହିଁକି ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହେଲା ତାହା ଜଣାପଡ଼ିନାହିଁ ।

ବନ୍ୟାରେ ଭାସିଯାଇଥିବା କୃଷ୍ଣସାର ମୃଗ ସୁରକ୍ଷିତ

ଭୁବନେଶ୍ୱର, ୩୦।୧୦
ନ୍ୟୁଜ୍ ବ୍ୟୁରୋ

ସୁରକ୍ଷିତ ଅଛନ୍ତି ବନ୍ୟାରେ ଭାସିଯାଇଥିବା କୃଷ୍ଣସାର ମୃଗ । ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାରେ ଭୟାବହ ବନ୍ୟା ପରିସ୍ଥିତି ମଧ୍ୟରେ ପ୍ରସିଦ୍ଧ କୃଷ୍ଣସାର ମୃଗ ବନ୍ୟାଜଳରେ ଭାସିଯାଉଥିବା ନେଇ କିଛି ହୃଦୟବିଦାରକ ଖବର ପ୍ରଚାରିତ ହୋଇଥିଲା । ତେବେ, ବାସ୍ତବରେ ବନ୍ୟାଜଳର ପ୍ରବଳ ସ୍ରୋତରେ କିଛି କୃଷ୍ଣସାର ମୃଗ ଭାସିଯାଇଥିଲେ ମଧ୍ୟ ସେମାନେ ସୁରକ୍ଷିତ ଭାବେ ନଦୀପାର ହୋଇ ଜଙ୍ଗଲ ଅଞ୍ଚଳରେ ପହଞ୍ଚିଛନ୍ତି । ସମ୍ପୃକ୍ତ ବନଖଣ୍ଡ ଅଧିକାରୀମାନଙ୍କ ରିପୋର୍ଟ ଅନୁଯାୟୀ, (ପୃଷ୍ଠା ୭ରେ)

ଦକ୍ଷିଣ ଓଡ଼ିଶାରେ ଜଳପ୍ରଳୟ: ଆକାଶମାର୍ଗରୁ ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ

୨ରେ ଆସିବେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୩୦।୧୦
ନ୍ୟୁଜ୍ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରଳୟଙ୍କରୀ ବର୍ଷା ଯୋଗୁଁ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ପ୍ରଭାବିତ (ପୃଷ୍ଠା ୭ରେ)

ଗଞ୍ଜାମ ବନ୍ୟା ପରିସ୍ଥିତି ସମ୍ପର୍କରେ ଜିଲ୍ଲାପାଳଙ୍କ ଠାରୁ ପଚାରି ବୁଝିଲେ ନବୀନ

ଭୁବନେଶ୍ୱର, ୩୦।୧୦
ନ୍ୟୁଜ୍ ବ୍ୟୁରୋ

ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ଟେଲିଫୋନ ଯୋଗେ ଗଞ୍ଜାମ ଜିଲ୍ଲାପାଳଙ୍କ ଠାରୁ ହିଞ୍ଜିଳି ଓ ଶେରଗଡ଼ ସମେତ ସମଗ୍ର ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । ବିପନ୍ନ ଲୋକଙ୍କ ଉଦ୍ଧାର ଓ ରିଲିଫ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ, ଜିଲ୍ଲାପାଳ ବିରୋଧୀଦଳ ନେତାଙ୍କୁ ଅବଗତ କରିଥିଲେ । ଅର୍ଣ୍ଣବ ବାତ୍ୟା ଜନିତ ଏହି ଅଭୁତପୂର୍ବ ବନ୍ୟା ଯୋଗୁଁ ଗଞ୍ଜାମ ବାସୀ ନାହିଁ

ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏଥିପାଇଁ ଶ୍ରୀ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ବିପନ୍ନ ଲୋକଙ୍କ ନିକଟରେ ତୁରନ୍ତ ଆବଶ୍ୟକ ରିଲିଫ ଓ ଅନ୍ୟ ସହାୟତା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଛନ୍ତି ।

ଗଞ୍ଜାମ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ , ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ଦଳ କୁ ଗଞ୍ଜାମ ପଠାଇଛନ୍ତି । ଏହି ପ୍ରତିନିଧି ଦଳରେ ପ୍ରତାପ ଜେନା, ଟୁକୁନି ସାହୁ, ବିକ୍ରମ ପଣ୍ଡା, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଚନ୍ଦ୍ର ଶେଖର ସାହୁ, ଭୃଗୁ ବକ୍ସି ପାତ୍ର ଚିନ୍ମୟ ସାହୁ , ରଞ୍ଜିତା ସାହୁ ଓ ଶ୍ରୀମତୀ ସଂଘମିତ୍ରା ଦଳେଇ ଯାଇଛନ୍ତି । ଏହି ପ୍ରତିନିଧି ଦଳ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ଗଞ୍ଜାମ ଗସ୍ତ କରି ବିପନ୍ନ (ପୃଷ୍ଠା ୭ରେ)

ଆଜିର ମୁଖ୍ୟ ଖବର

- ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପୁଣି ବାତିଲ୍ ।
- ହୀରାକୁଦ ଡ୍ୟାମ୍ ଖୋଲିବା ଭଳି ସ୍ଥିତି ନାହିଁ - ଇଆଇସି ।
- ନେପାଳ-ଭାରତ ସୀମା ସୁରକ୍ଷା ସୁଦୃଢ଼ କରିବାକୁ ସହମତି, ସିସିଟିଭି ଓ ଡ୍ରୋନ ଦ୍ୱାରା ରଖାଯିବ ନଜର ।
- ମୂଲ୍ୟ ସମ୍ବର୍ଦ୍ଧନ ଓ ଆଧୁନିକ ପ୍ରଯୁକ୍ତି ଦ୍ୱାରା ଦେଶର ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ପାଇବ ।
- ମୁଜାଫରପୁର ଏକେ-୪୭ଚୋରା ଚାଲାଣ ମାମଲାରେ ଫେରାର ଅଭିଯୁକ୍ତ ଗିରଫ, ହାଜିପୁରରୁ ଧରିଲା ଏନଆଇଏ ।

ଭୂସ୍ଖଳନରେ ୩ ମୃତ, ୧୩ ନିଖୋଜ

ରାଇକିଆ, ୩୦।୧୦
ନ୍ୟୁଜ୍ ବ୍ୟୁରୋ

କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଡାଙ୍ଗେସି ଗ୍ରାମରେ ଘଟିଥିବା ଭୂସ୍ଖଳନରେ ନିଖୋଜ ଥିବା ଗୋଟିଏ ପରିବାରର ତିନିଜଣଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ ଅଚ୍ୟୁତ ପ୍ରଧାନ, ତାଙ୍କ ସ୍ତ୍ରୀ ମାନସୀ ପ୍ରଧାନ ଏବଂ ସେମାନଙ୍କ ୭ ମାସର ଶିଶୁ । ଘରଠାରୁ ପ୍ରାୟ ୨୦୦ ମିଟର ଦୂରରେ ମାଟି ଅତଡ଼ା ଓ ପଙ୍କ ମଧ୍ୟରେ ସେମାନଙ୍କ ମୃତଦେହ ରହିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି ।ଗୁରୁବାର ସକାଳେ ଗ୍ରାମବାସୀ ଅଚ୍ୟୁତଙ୍କ ଘର ସମ୍ପୂର୍ଣ୍ଣ ଭାସିଯାଇଥିବା ଦେଖିବାକୁ ପାଇଥିଲେ । ଏହାପରେ ସେମାନେ ଖୋଜାଖୋଜି କରିଥିଲେ । ତେବେ ପ୍ରବଳ ଜଳସ୍ରୋତ ଓ ମାଟି ଅତଡ଼ା ଖସି ପଙ୍କ ଭରି ରହିଥିବାରୁ ନିଖୋଜ ପରିବାରର ସନ୍ଧାନ ପାଇବା ସମ୍ଭବ ହୋଇ ନ ଥିଲା । ବହୁ କଷ୍ଟରେ ଗ୍ରାମବାସୀ ଗୁରୁବାର ସନ୍ଧ୍ୟାରେ ପାହାଡ଼ ଚଢ଼ି ସିକବାଡ଼ି ଆଶ୍ରୟସ୍ଥଳୀରେ ପହଞ୍ଚିଥିଲେ । ସେଠାରୁ ପ୍ରଶାସନକୁ ଖବର ଦିଆଯିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଘଟଣା ପରେ ଶୁକ୍ରବାର ପଞ୍ଚାୟତି ରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମାଣିକେଶ୍ୱର ପଞ୍ଚାୟତର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ମୃତକଙ୍କ ପରିବାରକୁ ଜଣକପିଛା ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ମନ୍ତ୍ରୀ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ପାହାଡ଼ରେ ଭୂସ୍ଖଳନ, ମାଟି ଅତଡ଼ା ଖସିବା ଭିତରେ ଗାଁର ୧୩ ଜଣ (ପୃଷ୍ଠା ୭ରେ)

ଗଞ୍ଜାମ ଜିଲ୍ଲା ପାଇଁ ୩୦ ଅଧିକାରୀଙ୍କୁ ଦାୟିତ୍ୱ

ଭୁବନେଶ୍ୱର, ୩୦।୧୦
ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ପାଇଁ ୩୦ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର । ଜିଲ୍ଲାରେ ବନ୍ୟା ସ୍ଥିତି ମୁକାବିଲା ୨୦ ଓଏଏସ୍ ଓ ୧୦ ଓଆରଏସ୍ ଅଧିକାରୀଙ୍କୁ ଏହି ଦାୟିତ୍ୱ ମିଳିଛି । ଅଧିକାରୀମାନେ ସ୍ଥିତି ତଦାରଖ କରି ଜିଲ୍ଲାପାଳଙ୍କୁ ରିପୋର୍ଟ କରିବେ । ଜିଲ୍ଲାରେ ରିଲିଫ୍ ଓ ପୁନଃରୁଦ୍ଧାର କାମକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ଗଞ୍ଜାମରେ ରାସ୍ତା ପୁନଃରୁଦ୍ଧାର ପାଇଁ ୩ଟି ଟିମ୍‌କୁ ଦାୟିତ୍ୱ ଦିଆଯାଇଛି । ସହଯୋଗ କରିବା ପାଇଁ ୩ଟି ଟିମ୍‌ରେ ୬ ଜଣ ଯନ୍ତ୍ରୀ ରହିଛନ୍ତି । ରିଲିଫ୍ ଓ ପୁଃନରୁଦ୍ଧାର କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ (ପୃଷ୍ଠା ୭ରେ)

ଏକାଳ ପଖାଳ

ସାଇବର ଲୁଟ୍ ଟଙ୍କା ଫେରାଇବ
ଏବେ କାଳେ ତାଙ୍କ ବ୍ୟାଙ୍କ
ଏଇକଥା ଶୁଣି ବଡ କୋର୍ଟଙ୍କର
ଖୁସିରେ ଫାଟେ ଗ୍ରାହକ
ଇଏତ ବଢ଼ିଆ ଛୁଙ୍କ
କୋର୍ଟଙ୍କର ରାୟ ପୂରା ସଠିକ୍
ବ୍ୟାଙ୍କର ମନଟା ଦୁଃଖ ।

ସହମତିରେ ଗଢ଼ିଥିବା ସମ୍ପର୍କ ଭାଙ୍ଗିଗଲେ ଶାରୀରିକ ସମ୍ପର୍କକୁ ଦୁଷ୍କର୍ମ କୁହାଯାଇପାରିବ ନାହିଁ

ନୂଆଦିଲ୍ଲୀ, ୩୦।୧୦

ଦୁଇଜଣ ବୟସ୍କଙ୍କ ମଧ୍ୟରେ ସହମତିରେ ଶାରୀରିକ ସମ୍ପର୍କ ଗଢ଼ିଉଠିଥିବାବେଳେ ପରେ ସମ୍ପର୍କ ଖରାପ ହୋଇଗଲେ, ପୂର୍ବରୁ ହୋଇଥିବା ଶାରୀରିକ ସମ୍ପର୍କକୁ ଦୁଷ୍କର୍ମ ବୋଲି କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଶୁକ୍ରବାର ଜଷ୍ଟିସ୍ ବି.ଭି. ନାଗରତ୍ନା ଓ ଜଷ୍ଟିସ୍ ଆର. ମହାଦେବନ୍‌ଙ୍କ ଖଣ୍ଡପୀଠ ଏକ ମାମଲାରେ ଜଣେ କେରଳ ନିବାସୀଙ୍କୁ ଦୁଷ୍କର୍ମ ଓ ଠକେଇ ଅଭିଯୋଗରୁ ମୁକ୍ତ କରିବା ସମୟରେ ଏହି ମତ ଦେଇଛନ୍ତି ।

ଖଣ୍ଡପୀଠ କହିଛନ୍ତି, ସମ୍ପର୍କ ଭାଙ୍ଗିଯିବା ପରେ ପୂର୍ବରୁ ସହମତିରେ ହୋଇଥିବା ଶାରୀରିକ ସମ୍ପର୍କକୁ ଦୁଷ୍କର୍ମ ଭାବେ ଚିତ୍ରଣ କରାଯାଇପାରିବ ନାହିଁ । ତେବେ ଆରମ୍ଭରୁ ଯଦି ଜାଣିଶୁଣି ଠକେଇ କିମ୍ବା ମିଥ୍ୟା ପ୍ରତିଶ୍ରୁତି ଦେଇ ସହମତି ହାସଲ କରାଯାଇଥାଏ, ତାହା ଭିନ୍ନ ମାମଲା । ଏଭଳି ଘଟଣାରେ ସହମତିର ବୈଧତା ଓ ଅଭିଯୁକ୍ତଙ୍କ ଉଦ୍ଦେଶ୍ୟକୁ ଯାଞ୍ଚ କରିବା ଆବଶ୍ୟକ । ଏହି ମାମଲାର ଅଭିଯୁକ୍ତ ସନ୍ତୋଷ କୁମାର ଏନ୍.ପି. କେରଳ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ତାଙ୍କ ବିରୋଧରେ ଦୁଷ୍କର୍ମର ଠକେଇ ଓ ବିଶ୍ୱାସଭଙ୍ଗ ଅଭିଯୋଗ ରହିଥିଲା ।

ଅଭିଯୋଗ ଅନୁଯାୟୀ, ସେ ନିଜର ପୂର୍ବ ବିବାହ ସମ୍ପର୍କରେ (ପୃଷ୍ଠା ୭ରେ)

ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ରାଷ୍ଟ୍ରପତି

ଭୁବନେଶ୍ୱର, ୩୦।୧୦
ନ୍ୟୁଜ୍ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ଓଡ଼ିଶାର ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଜ୍ୟରେ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ପରିସ୍ଥିତି ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କଠାରୁ ପଚାରି ବୁଝିଛନ୍ତି ।

ଏଥିସହ ବାତ୍ୟା ଓ ବନ୍ୟା ଯୋଗୁଁ ବାସଚ୍ୟୁତ ହୋଇଥିବା ଲୋକମାନଙ୍କ ସମେତ ପ୍ରଭାବିତ ଜନସାଧାରଣଙ୍କ ସୁସ୍ଥତା ଓ ସୁରକ୍ଷା ସମ୍ପର୍କରେ ମଧ୍ୟ ରାଷ୍ଟ୍ରପତି ଖବର ନେଇଛନ୍ତି । ଏହି କଠିନ ପରିସ୍ଥିତିରେ ପ୍ରଭାବିତ ଲୋକଙ୍କ ସ୍ଥିତି ପ୍ରତି ସେ ଚିନ୍ତା ପ୍ରକଟ କରିଛନ୍ତି ।

ଅପରପକ୍ଷରେ ବାତ୍ୟା 'ଅର୍ଣ୍ଣବ' ପରିପ୍ରେକ୍ଷୀରେ ଓଡ଼ିଶା ପ୍ରତି ସମବେଦନା, ଚିନ୍ତା ବ୍ୟକ୍ତ କରିବା ସହ ସମସ୍ତ ସହଯୋଗର ଆଶ୍ୱାସନା ଦେଇଥିବାରୁ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି । ତାଙ୍କର ଏହି ସହାନୁଭୂତି ଓ ସହଯୋଗ ପ୍ରତ୍ୟେକ ଓଡ଼ିଆଙ୍କ ସୁରକ୍ଷା ତଥା ମଙ୍ଗଳ ସୁନିଶ୍ଚିତ କରିବା ଦିଗରେ ଆମ ସଂକଳ୍ପକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ସାଇଟ୍ (ପୃଷ୍ଠା ୭ରେ)

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

ଇ-୧୦୦ ଇନ୍ଧନକୁ ମିଳିଲା ମଞ୍ଜୁରୀ

ସଡ଼କ ପରିବହନ ମନ୍ତ୍ରାଳୟ ପକ୍ଷରୁ କେନ୍ଦ୍ରୀୟ ମୋଟର ଯାନ ନିୟମରେ ପରିବର୍ତ୍ତନକୁ ନେଇ ଅଧିସୂଚନା ଜାରି ହୋଇଛି । ଏହା ଅଧୀନରେ ଏବେ ଏଭଳି 'ଫ୍ଲେକ୍ସ-ଫୁଏଲ' ଯାନକୁ ଅନୁମତି ଦିଆଯାଇଛି, ଯାହା ଇ୧୦୦ ପର୍ଯ୍ୟନ୍ତ ଇନ୍ଧନରେ ଚାଲିପାରିବ । ଇ୧୦୦ ଇନ୍ଧନର ଅର୍ଥ ହେଉଛି ଯେ, ଯାନ ପ୍ରାୟ ଶୁଦ୍ଧ ଇଥାନଲରେ ଚାଲିପାରିବ । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସଡ଼କ ପରିବହନ ମନ୍ତ୍ରାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଇ୨୦(୨୦% ଇଥାନଲ ମିଶ୍ରିତ ପେଟ୍ରୋଲ)ରୁ ନେଇ ଇ୧୦୦ ପର୍ଯ୍ୟନ୍ତ ଇନ୍ଧନ କେବଳ ଉକ୍ତ ବାହନଗୁଡ଼ିକ ପାଇଁ ଉଦ୍ଦିଷ୍ଟ, ଯାହାକୁ ବିଶେଷ ରୂପେ ଏହାର ବ୍ୟବହାର ପାଇଁ ଡିଜାଇନ ଏବଂ ପ୍ରମାଣିତ କରାଯାଇଛି । ଏହା ଅନ୍ୟ ଯାନଗୁଡ଼ିକ ଉପରେ ଲାଗୁ ହେବ ନାହିଁ । ଇ୨୦ କିମ୍ବା ସାଧାରଣ ଇନ୍ଧନର ବ୍ୟବହାର କରୁଥିବା ଯାନ ଇ୮୫ କିମ୍ବା ଇ୧୦୦ ଇନ୍ଧନର ଉପଯୋଗ କରିପାରିବେ ନାହିଁ । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରାଳୟ କେତେକ ପରିବର୍ତ୍ତନ କରିଛି । ଏଥିରେ ଯାନର ବର୍ଗୀକରଣର କିଛି ମାନକ, ଇନ୍ଧନର ବିଶେଷତ୍ୱ ଏବଂ ନିର୍ଗମନ ସହ ଜଡ଼ିତ ତାଲିକା ଓ ପରୀକ୍ଷଣ ନିୟମରେ ବ୍ୟବହାର ହେବାକୁ ଥିବା ପ୍ରଯୁକ୍ତିଗତ ସନ୍ଦର୍ଭରେ କରାଯାଇଥିବା ସଂଶୋଧନ ଅନ୍ତର୍ଭୁକ୍ତ । ଏହାବ୍ୟତୀତ ସରକାର ଏହି ପରିବର୍ତ୍ତନଗୁଡ଼ିକର ପରିସରରେ ଆସୁଥିବା ହାଲୁକା ପେଟ୍ରୋଲ ଏବଂ ଡିଜେଲ ଗାଡ଼ି ପାଇଁ ଓଜନର ସୀମାକୁ ୩,୦୦୦ କିଲୋରୁ ବଢ଼ାଇ ୩୫୦୦ କିଲୋଗ୍ରାମ କରିଦେଇଛନ୍ତି । ଏ ବର୍ଷ ଜୁନରେ ମାରୁତି ସୁଜୁକି ଇଣ୍ଡିଆ ଭାରତର ପ୍ରଥମ ଫ୍ଲେକ୍ସ-ଫୁଏଲ ପାସେଞ୍ଜର ଭେଇକିଲ ବା ଯାତ୍ରୀବାହୀ ଯାନର ଉନ୍ମୋଚନ କରିଥିଲା । କମ୍ପାନି 'ୱାଗନଆର୍ ଫ୍ଲେକ୍ସ ଫୁଏଲ୍' ଲଞ୍ଚ କରିଥିଲା । ଏହା ଇ୨୦ରୁ ନେଇ ଇ୧୦୦ ପର୍ଯ୍ୟନ୍ତ ଇଥାନଲ ପେଟ୍ରୋଲ ବ୍ଲେଣ୍ଡ ଇନ୍ଧନରେ ଚାଲିପାରିବ । ସରକାର ନିଜର ଉକ୍ତ ରଣନୀତି ଅଧୀନରେ ଇଥାନଲ ମିଶ୍ରିତ ପେଟ୍ରୋଲକୁ ପ୍ରୋତ୍ସାହନ ଦେଉଛନ୍ତି, ଯାହାର ଉଦ୍ଦେଶ୍ୟ ହେଉଛି ଅଶୋଧିତ ତୈଳ ପାଇଁ ଆମଦାନି ଉପରୁ ନିର୍ଭରତା କମାଇବା। ଦେଶର ଚଳନ୍ତି ଖାତା ନିଅଣ୍ଟ(ସିଏଡି) କୁ ବଢ଼ାଇବାରେ ଅଶୋଧିତ ତୈଳ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏଣୁ ଇଥାନଲ ମିଶ୍ରିତ ଇନ୍ଧନକୁ ପ୍ରୋତ୍ସାହନ ଦେଇ ସରକାର ଆମଦାନି ହ୍ରାସ କରି ସିଏଡିକୁ କମାଇବାକୁ ଚାହାନ୍ତି। ଦେଶରେ ପୂର୍ବରୁ ହିଁ ଇ-୨୦ ଇନ୍ଧନ ବ୍ୟବହାର ହେଉଛି । ଏଥିରେ ୨୦% ଇଥାନଲ ଏବଂ ୮୦% ପେଟ୍ରୋଲ ରହିଥାଏ । ଫ୍ଲେକ୍ସ-ଫୁଏଲ ଯାନକୁ ଅଧିକ ଇଥାନଲ ମିଶ୍ରଣରେ ଚଳାଇବା ପାଇଁ ଡିଜାଇନ କରାଯାଇଛି । ଇ୮୫ରେ ୮୫% ଇଥାନଲ ଏବଂ ୧୫% ପେଟ୍ରୋଲ ଏବଂ ଇ୧୦୦ରେ ପ୍ରାୟ ୧୦୦% ଇଥାନଲ ରହିଥାଏ ।

ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ପ୍ରତିଷ୍ଠା

ଶ୍ରଦ୍ଧେୟ ଭକ୍ତବୃନ୍ଦ ଯିଏ ସାରା ବ୍ରହ୍ମାଣ୍ଡର ମାଲିକ ଆଉ ଯାହା ଉପରେ ଚଉଦ ବ୍ରହ୍ମାଣ୍ଡ ତିଷ୍ଠି ପାରିଛି ସେହିଁ ଅନନ୍ତ ଅବିନାଶୀ, ପରଂବ୍ରହ୍ମ ତାକୁ ଆମେ କଣ ପ୍ରତିଷ୍ଠା କରିବା।

ସେତ ଆମକୁ ପଠାଇଛନ୍ତି, ତାଙ୍କ କର୍ମ କରିବା ପାଇଁ ଆଉ ଆମେ କଣ ତାଙ୍କୁ ପ୍ରତିଷ୍ଠା କରିବା ଏଇ ପ୍ରତିଷ୍ଠା ହିଁ ଏକ ଅହଂକାର ଏହା ବି ଏକ ବ୍ୟାଧି । ଯିଏ ସ୍ୱୟଂ ପ୍ରକାଶ୍ୟ ଯାହାଦ୍ୱାରା ଚଳ ଅଚଳ ସବୁ ନିମିଷକେ ଓଲଟ ପାଲଟ ହୋଇଯାଏ । ସେହି ପ୍ରଭୁ ହେଲେ ଜୀବ ଜଗତର ପ୍ରାଣ । ପ୍ରାଣକୁ ପୁଣି କଣ ପ୍ରତିଷ୍ଠା କରିବା, ସେହିଁ ସତ୍ୟ, ଶିବ, ସୁନ୍ଦର, ତେଣୁ ହେ ଭକ୍ତ ତୁମ ଭିତରେ ସତ୍ୟ, ଶାନ୍ତି, ଦୟା, କ୍ଷମା, ଶ୍ରଦ୍ଧା, ବିଶ୍ୱାସ, ଭକ୍ତି, ଜ୍ଞାନକୁ ପ୍ରତିଷ୍ଠା କରି ଇଶ୍ୱରଙ୍କ ଉପାସନାରେ ବ୍ରତୀ ହେଲେ ସେହିଁ ହେବ ଈଶ୍ୱରଙ୍କ ପାଇଁ ପ୍ରତିଷ୍ଠା, କେବଳ ଭାବ ଟିକିଏ ରଖ ଦେଖିବ ସେ ତୁମକୁ କିପରି ସରଳ ସୁନ୍ଦର ଭାବରେ ଏ ଜଗତରେ ତୁମକୁ ପ୍ରତିଷ୍ଠା କରି ଦେଇଥିବେ । ଆଉ ତୁମେ ତାକୁ କଣ ପ୍ରତିଷ୍ଠା କରିବା

ତାଙ୍କର ଧନ, ତାଙ୍କରି ମନ, ତାଙ୍କରି ଫୁଲ ଫଳକୁ ତାଙ୍କୁ ଦେଇ ତୁମେ ଭାବୁଛ ଆମେ ସବୁ କରି ଦେଉଛୁ । ଆମଠାରୁ ଦାନୀ, ମାନୀ, ଧନୀ ଏ ଦୁନିଆରେ ଆଉ କେହି ନାହାଁନ୍ତି । ଆଉ ନିଜକୁ ଟିକେ ଭାବ ତୁମେ ସେହି ପାଣି ଫୋଟକା ମିଳେଇ ଯିବ ନିମିଷକ ମଧ୍ୟରେ ତୁମର ସତା ଓ ପତା ତୁମର ପୁତ୍ର ନାତିମାନେ ମଧ୍ୟ ମନେରଖିନଥିବେ । ଏଣୁ କାହାକୁ ନେଇ ଏତେ ଗର୍ବ ଅହଂକାର ଟିକେ ଭାବି ଦେଖ ସତ୍ୟକୁ ଆଧାରରେ କର ଦେଖିବ ସବୁ ସେଇ ଏକ ପରମାତ୍ମା ପରମ ପିତା । ହରି ଓଁ ।

ଅପରେସନ୍ ଖୁକ୍ରୀ (ଭାଗ ୧)

ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ସିଏରା ଲିଓନ୍ ପଶ୍ଚିମ ଆଫ୍ରିକାର ଏକ ସୁନ୍ଦର ଏବଂ ଛୋଟ ଦେଶ । ଏହାର ଉତ୍ତର ଏବଂ ପୂର୍ବ ପଟେ ଗିନି ଦେଶ, ଦକ୍ଷିଣରେ ଲାଇବେରିଆ ଦେଶ, ପଶ୍ଚିମପଟେ ଆଟ୍ଲାଣ୍ଟିକ୍ ମହାସାଗର ଅବସ୍ଥିତ । ଭୌଗଳିକ ଦୃଷ୍ଟିରୁ ଦେଖିବାକୁ ଗଲେ ଏହି ଦେଶରେ ଅନେକ ଖଣିଜ ଦ୍ରବ୍ୟ ମିଳେ, ସବୁଠାରୁ ଅଧିକ ହୀରା ପଥର ଏହି ଦେଶରେ ରହିଅଛି । ସମସ୍ତଙ୍କ ଧାରଣା ହେବ, ଯେଉଁ ଦେଶରେ ହୀରା ତଥା ଅନ୍ୟ ଖଣିଜ ଦ୍ରବ୍ୟ ଭରି ରହିଛି ସେ ଦେଶ ନିଶ୍ଚିତ ଧନୀ ଦେଶ ହୋଇଥିବ ଏବଂ ଦେଶର ନାଗରିକ ଖୁବ୍ ସୁଖ ଶାନ୍ତିରେ ଜୀବନ ବିତାଉ ଥିବେ। କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ, ଏହାର ଇତିହାସ ଯଦି ଦେଖିବା ତେବେ ୧୮୦୮ ମସିହାରେ ବ୍ରିଟିଶ ଏହାକୁ ଅଧିକାର କରି ନେଇ ଥିଲା । ସିଏରା ଲିଅନ୍ ଦେଶକୁ ଲୁଟିବା ଛଡା ବ୍ରିଟିଶ ମାନେ କୌଣସି ଜନ ହିତକର କାର୍ଯ୍ୟ କରି ପାରି ନଥିଲେ । ଶେଷରେ ୧୯୬୧ ମସିହାରେ ସିଏରା ଲିଅନ୍ ସ୍ୱାଧୀନତା ପାଇଲା , ନୂତନ ସରକାର ଆସିଲା କିନ୍ତୁ ଜନତାଙ୍କ ଦୁଃଖ ଯଥା ପୂର୍ବଂ ତଥା ପରଂ ହୋଇ ରହିଲା । ଶାସକ ମାନେ ହୀରା ଏବଂ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟ ବିକ୍ରି ଅର୍ଥ ଦେଶର ହିତ ପାଇଁ ଖର୍ଚ୍ଚ ନକରି ନିଜେ ସ୍ୱାହା କରିଦେଲେ । ଜନତା ଖାଦ୍ୟ, ପାନୀୟ, ଶିକ୍ଷା, ସ୍ୱାସ୍ଥ୍ୟ ରୋଜଗାରରୁ ବଞ୍ଚିତ ହେଲେ। ନାଗରିକ ମାନେ ପଶୁଠାରୁ ହୀନ ଜୀବନ ଯାପନ କରିବାକୁ ଲାଗିଲେ ଯାହାକି ତାଙ୍କ ମନ ଭିତରେ ସରକାରଙ୍କ ବିରୋଧରେ କ୍ଷୋଭ ସୃଷ୍ଟି କରିଥିଲା । ୧୯୯୧ ମସିହାରେ ସିଏରା ଲିଅନ୍ ର ପଡୋଶୀ ଦେଶ ଲାଇବେରିଆର ଶାସକ ଚାର୍ଲସ୍ ଟେଲର୍ ସିଏରା ଲିଅନର ଖଣିଜ ସମ୍ପଦ ଉପରେ ନଜର ପକାଇ ଥିଲେ। ଚତୁର ଚାର୍ଲସ୍ ଟେଲର୍ ସିଏରା ଲିଅନ୍ ଦେଶର ଏକ ବିଦ୍ରୋହୀ ନେତା ଫୋଡି ସାଙ୍କୋ ଙ୍କୁ ଅନେକ ପ୍ରକାର ପ୍ରଲୋଭନ ଦେଖାଇ ରିଭୋଲୁନାରି ୟୁନାଇଟେଡ୍ ଫ୍ରଣ୍ଟ ପାର୍ଟି ଗଠନ କଲେ ଯାହାକି ଆର୍ ୟୁ ଏଫ୍ ନାମରେ ପରିଚିତ ହେଲା । ଆର୍ ୟୁ ଏଫ୍‌ର ଦେଶ ବାସୀଙ୍କ ପାଇଁ ସନ୍ଦେଶ / ଆହ୍ୱାନ ଥିଲା ଯେ, ସେମାନେ ଦେଶର ଦୁର୍ନୀତିଖୋର ଶାସକଙ୍କୁ ଗାଦୀରୁ ହଟାଇ ନୂତନ ସରକାର ଗଠନ କରିବେ ଏବଂ ଜନତାଙ୍କୁ ସମସ୍ତ ପ୍ରକାର ସୁଖ ସୁବିଧା ଯୋଗାଇ ଦେବେ । ଜନତା ତାଙ୍କ କଥାରେ ସହମତି ପ୍ରକାଶ କରି ତାଙ୍କୁ ସମର୍ଥନ କରିବାକୁ ଆରମ୍ଭ କରିଦେଲେ । ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ ଚାଲିଲା , ଗୃହ ଯୁଦ୍ଧ ପରିସ୍ଥିତି ଆସି ଯାଇଥିଲା । ପଡୋଶୀ ଦେଶ ଲାଇବେରିଆର କୁଚକ୍ରାନ୍ତ ଦ୍ୱାରା ବିଦ୍ରୋହୀ ଆର୍ ୟୁ ଏଫ୍ ମାନଙ୍କୁ ଆଧୁନିକ ଅସ୍ତ୍ର ଶସ୍ତ୍ର ତଥା ଅର୍ଥ ମଧ୍ୟ ଯୋଗାଇ ଦିଆଯାଉଥିଲା। ଧୀରେ ଧୀରେ ଆର୍ ୟୁ ଏଫ୍ ମାନେ ଗୋଟିଏ ଗୋଟିଏ ସ୍ଥାନକୁ ଅକ୍ତିଆର କରି ଚାଲିଥିଲେ ଏବଂ ସରକାରଙ୍କ ବିରୁଦ୍ଧରେ ପ୍ରଚାର କରୁଥିଲେ । ଯଦି କେହି ବିରୋଧ କରୁଥିଲେ ତେବେ ତାଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଥିଲେ ଏପରିକି ହାତ କାଟି ଦେଉଥିଲେ ଯେମିତି ସେହି ବ୍ୟକ୍ତିଟି ଭୋଟ୍ ଦେଇ ପାରିବ ନାହିଁ। କ୍ଷମତା ଲୋଭରେ ଆର୍‌ୟୁଏଫ୍‌ର କ୍ରୁରତା ଖୁବ୍ ବଢି ଯାଇଥିଲା, ମାନବିକତା ସେମାନେ ସଂପୂର୍ଣ୍ଣ ଭୁଲି ଯାଇଥିଲେ। ଛୋଟ ଛୋଟ କୋମଳମତି ବାଳକ/ବାଳିକାଙ୍କ ହାତରେ ବିପଦପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ଧରାଇ ବଳ ପୂର୍ବକ ତାଙ୍କ ଦଳରେ ସାମିଲ କରାଇ ଦେଉଥିଲେ। ପିଲାଙ୍କ ସମ୍ମୁଖରେ ତାଙ୍କ ପିତା ମାତାଙ୍କୁ ହତ୍ୟା କରି ଦେଉଥିଲେ । ଏହିପରି ଲୋମହର୍ଷଣକାରୀ ଦୃଶ୍ୟ ଦେଖି ପିଲାମାନେ ଭୟଭୀତ ହୋଇ ଆର୍‌ୟୁଏଫ୍ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ। ପିଲାମାନଙ୍କୁ ନିଶା ସେବନର ଅଭ୍ୟାସ କରାଇ ଦେଉଥିଲେ ଫଳରେ ସେମାନେ ମାନସିକ ସ୍ତରରେ ହିତାହିତ ଜ୍ଞାନ ହରାଇ କେବଳ ଆର୍‌ୟୁଏଫ୍‌ର ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରି ଯାଉଥିଲେ। କିଛି କାର୍ଯ୍ୟ ବିଚ୍ୟୁତି ଦେଖିଲେ ପିଲା ମାନଙ୍କୁ ନିଆଁରେ ପୋଡି ମାରି ଦେଉଥିଲେ। ମାନବିକତା ବିହୀନ ଆର୍‌ୟୁଏଫ୍ ଗୋଷ୍ଠୀ ନିର୍ଦ୍ଦୟତାର ଚରମ ସୀମାରେ ପହଞ୍ଚି ଯାଇଥିଲେ । ସିଏରା ଲିଅନ୍ ଦେଶର ଶାସକ ଦୁର୍ନୀତି ଗ୍ରସ୍ତ ତଥା ଦୁର୍ବଳ ଥିବାରୁ ଏହାର ମୁକାବଲା କରିବାକୁ ସମର୍ଥ ହୋଇ ପାରୁ ନଥିଲେ। ଖଣିଜ ସମ୍ପଦରେ ଭରା ଦେଶଟି ସ୍ୱର୍ଗରୁ ନର୍କରେ ପରିଣତ ହୋଇ ଯାଇଥିଲା । ଅର୍ଥନୀତି ଭୁଶୁଡ଼ି ପଡିଥିଲା, ଅରାଜକତା ବଢି ବଢି ଯାଉଥିଲା। ଆର୍‌ୟୁଏଫ୍‌ମାନେ ହୀରା ଖଣି ଗୁଡିକୁ ମଧ୍ୟ ନିଜ ଅକ୍ତିଆରକୁ ନେଇ ଲାଇବେରିଆ ବାଟେ ହୀରା ବାହାରକୁ ରପ୍ତାନି କରି ସେହି ଅର୍ଥରେ ଆଧୁନିକ ହାତ ହତିଆର କିଣୁଥିଲେ । ଦେଖୁ ଦେଖୁ ସିଏରା ଲିଅନ୍ ଦେଶର ଦୁଇ ତୃତୀୟାଂଶ ଆର୍‌ୟୁଏଫ୍ ଙ୍କ କବଜାକୁ ଚାଲିଗଲା। ପରିସ୍ଥିତି ଏପରି ବିଗିଡି ଯାଇଥିଲା ଯେ, ବାଧ ହୋଇ ମିଳିତ ଜାତିସଙ୍ଘ ଏଥିରେ ହସ୍ତକ୍ଷେପ କରିଥିଲା । ୧୯୯୯ ମସିହାରେ ମିଳିତ ଜାତିସଙ୍ଘ ଦ୍ୱାରା ସିଆର୍ ଲିଅନ୍‌ର ସରକାର ଏବଂ ବିଦ୍ରୋହୀ ଆର୍‌ୟୁଏଫ୍ ନେତାଙ୍କ ମଧ୍ୟରେ ଏକ ଶାନ୍ତି ରାଜିନାମା ହେଲା । ଏହାର ଉଦ୍ଦେଶ୍ୟ ହେଉଛି ତୁରନ୍ତ ଗୃହ ଯୁଦ୍ଧ ବନ୍ଦ କରିବା କିନ୍ତୁ ଆର୍‌ୟୁଏଫ୍‌ର ସର୍ତ୍ତ ଥିଲା ତାଙ୍କ ନେତା ଫୋଡ଼ି ସଙ୍କୋଙ୍କୁ ରାଜନୈତିକ ମର୍ଯ୍ୟାଦା ଦିଆଯାଇ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅବସ୍ଥାପିତ କରାଯାଉ । ତାହାହିଁ ହେଲା ଫୋଡ଼ିଙ୍କୁ ଖୁବ୍ ଦାୟିତ୍ୱ ପୂର୍ଣ୍ଣ ବିଭାଗ ଖଣିଜ ସମ୍ପଦର ରକ୍ଷଣା ବେକ୍ଷଣ ଦାୟିତ୍ୱ ଦିଆଗଲା ଯେପରି କି 'ଚୋର ହାତରେ ଚାବିକାଠି ' ଆର୍‌ୟୁଏଫ୍ ସେହି ଦାୟିତ୍ୱ ପାଇଗଲା । ଅକ୍ଟୋବର ୧୯୯୯ ମସିହାରେ ଜାତିସଙ୍ଘ ସିଏରା ଲିଅନ୍‌କୁ ଶାନ୍ତି ସେନା ପଠାଇ ଥିଲା । ଯାହାର ନାମ ୟୁନାଇଟେଡ୍ ନେସନସ୍ ମିଶନ୍ ଇନ୍ ସିଏରା ଲିଅନ୍ (ୟୁଏନ୍‌ଏଏମ୍‌ଏସ୍‌ଏଲ୍) । ଏହାର ମୁଖ୍ୟ କାର୍ଯ୍ୟ ଥିଲା ଆର୍‌ୟୁଏଫ୍‌କୁ ମାରଣାସ୍ତ୍ର ବ୍ୟବହାରରୁ କ୍ଷାନ୍ତ କରିବା। ବନ୍ଧକ ଥିବା ବ୍ୟକ୍ତି ମାନଙ୍କୁ ତୁରନ୍ତ ମୁକ୍ତ କରିବା ତଥା ଦେଶକୁ ପୁନର୍ବାର ଗଣତାନ୍ତ୍ରିକ ପଦ୍ଧତିରେ ଶାସନ କରିବା ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା। ଶାନ୍ତି ସେନା ମାନଙ୍କ ମଧ୍ୟରେ ବାଂଲାଦେଶ, ବୋଲିଭିଆ , କାନାଡ଼ା, ନାଇଜେରିଆ, ଚୀନ, କ୍ରୋଏସିଆ ଇଜିପ୍ଟ, ଗାମ୍ବିଆ, ଜର୍ମାନୀ, ଘାନା, ଭାରତ, ପାକିସ୍ତାନ ଇତ୍ୟାଦି ଅନେକ ଦେଶର ସେନା ସାମିଲ ଥିଲେ । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ଛଅ ହଜାର ସୈନିକ ପଠା ଯାଇଥିଲା କିନ୍ତୁ ମିଶନ୍ ଶେଷ ପର୍ଯ୍ୟନ୍ତ ପ୍ରାୟ ୧୭୫୦୦ ସୈନିକ ସେହି କାର୍ଯ୍ୟରେ ନିୟୋଜିତ ଥିଲେ । ସବୁଠାରୁ ଅଧିକ ପ୍ରାୟ ଚାରି ହଜାର ସୈନିକ ଭାରତୀୟ ଥିଲେ , ତେଣୁ ଭାରତୀୟ ସୈନିକ ସେହି ମିଶନ୍ କୁ ପରିଚାଳିତ କରୁଥିଲେ ବା ନେତୃତ୍ୱ ନେଇଥିଲେ । ଭାରତୀୟ ସୈନିକଙ୍କ ମଧ୍ୟରେ ୫/୮ ଗୋରଖା ରାଇଫଲ୍, ୧୪ ଏବଂ ୨୩ ମେକାନାଇଜଡ ଇନ୍ ଫାଣ୍ଟ୍ରି, ଥିଲେ ଏହାକୁ ଇନ୍ ବାଟ୍-୧ ନାମ ଦିଆ ଯାଇଥିଲା। ଭାରତୀୟ ବିମାନ ବାହିନୀର ଏମ୍‌ଆଇ ୩୫ ଏବଂ ଏମ୍ ଆଇ ୧୭ ହେଲିକପ୍ଟର, ୯ ପାରା ସୁଟ୍ ସ୍ୱତନ୍ତ୍ର ସେନା ମୁତୟନ ହୋଇଥିଲେ । ଆର୍ ୟୁ ଏଫ୍ କୌଣସି ପରିସ୍ଥିତିରେ ହାତ ହତିଆର ସମର୍ପଣ କରିବାକୁ ରାଜି ନଥିଲେ, ପରନ୍ତୁ ସେମାନେ ଅଧିକରୁ ଅଧିକ ହିଂସ୍ର ହୋଇ ଯାଇଥିଲେ। ଜାତିସଂଘର ଶାନ୍ତି ସେନାଙ୍କୁ ନିର୍ଦ୍ଦେଶ ଥିଲା ଯେ ସେମାନେ ମନଇଚ୍ଛା କାହାରି ଉପରେ ଗୁଳି ଗୋଳା ଚଳାଇ ପାରିବେ ନାହିଁ । ନିହାତି ଆବଶ୍ୟକ ପଡ଼ିଲେ କେବଳ ନିଜ ଜୀବନ ରକ୍ଷା ପାଇଁ ଗୁଳି ଚଳାଇ ପାରିବେ। ଏହାର ସୁଯୋଗ ନେଇ ଆର୍ ୟୁ ଏଫ୍ ଅନ୍ୟ ଦେଶର ଶାନ୍ତି ସେନା ମାନଙ୍କଠାରୁ ଜୋର ଜବରଦସ୍ତ ଆଧୁନିକ ଅସ୍ତ୍ରଶସ୍ତ୍ର ଛଡାଇ ନେଇ ସେମାନଙ୍କୁ ବନ୍ଦୀ କରୁଥିଲେ ନିର୍ଯାତନା ଦେଉଥିଲେ ବା ଦେଶ ତ୍ୟାଗ କରିବାକୁ ବାଧ କରୁଥିଲେ । ଭାରତୀୟ ସୈନିକ ମାନେ କୌଣସି ପରିସ୍ଥିତିରେ ଆର୍ ୟୁ ଏଫ ନିକଟରେ ହାର ମାନି ନଥିଲେ । ତାଙ୍କର କର୍ତ୍ତବ୍ୟ ନିଷ୍ଠା ଦେଖି ତାଙ୍କୁ ଦୁଇଟି ସ୍ଥାନରେ ନିୟୋଜିତ କରା ଯାଇଥିଲା । ସିଏରା ଲିଅନନ୍‌ର ଦାରୁ ଏବଂ କେଲୟା ହୁନ୍ ଏହି ଦୁଇଟି ସ୍ଥାନରେ ଆର୍ ୟୁ ଏଫ୍ ୧୦ ବର୍ଷରୁ ଅଧିକ ସମୟ ଧରି ଖୁବ୍ ସକ୍ରିୟ ଭାବେ ଦମନ ଲୀଳା ଚଳାଉ ଥିଲେ। କେଲୟା ହୁନ୍ ରେ ଲୋକ ମାନେ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ଥିଲେ । ଭାରତୀୟ ଶାନ୍ତି ସେନା ସେଠାରେ ପାନୀୟ ଜଳ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ଛୋଟ ପିଲାଙ୍କୁ ପାଠ ପଢ଼ାଇବାକୁ ଆରମ୍ଭ କରି ଦେଇଥିଲେ। ମାଗଣାରେ ଖାଦ୍ୟ ପେୟ ମଧ୍ୟ ବିତରଣ କରୁଥିଲେ, ସ୍ଥାନୀୟ ଲୋକମାନେ ଭାରତୀୟ ସେନାଙ୍କର ଜନ ହିତକର କାର୍ଯ୍ୟର ଉଚ୍ଚ ପ୍ରଶଂସା କରୁଥିଲେ। ବନ୍ଧୁତା ଏବଂ ବିଶ୍ୱାସ ଜନ୍ମାଇ ଭାରତୀୟ ଶାନ୍ତି ସେନା ସିଏରା ଲିଅନ୍‌ର ଦେଶବାସୀଙ୍କ ପ୍ରିୟ ହୋଇ ଗଲେ । ମେଜର୍ ରାଜ୍ ପାଲ୍ ପୁନିଆ ଏବଂ ତାଙ୍କ ସହକର୍ମୀ ମାନେ ସ୍ଥାନୀୟ ଲୋକଙ୍କୁ ବ୍ରଦର୍ ସିଷ୍ଟର୍ ଭାବେ ସମ୍ବୋଧିତ କରୁଥିଲେ । ଏହି ସବୁ କାରଣରୁ ଆର୍ ୟୁ ଏଫ୍ ଅଧିକ ପ୍ରତିହିଂସା ପରାୟଣ ହୋଇ ଉଠିଥିଲା। ଆଧୁନିକ ହାତହତିଆର ସହିତ ଆତ୍ମ ସମର୍ପଣ କରିବାକୁ ମିଳିତ ଜାତିସଙ୍ଘ ତଥା ପୃଥିବୀର ଅନେକ ଦେଶର ଚାପ ଆର୍ ୟୁ ଏଫ୍ ଉପରେ ପଡ଼ି ଥିଲା । ଭାରତୀୟ ଶାନ୍ତି ସେନାଙ୍କ ଉପରେ ଆର୍ ୟୁ ଏଫ୍ କ୍ଷୁବ୍ଧ ହୋଇ ଯାଇଥିଲା । ମଇ ମାସ ୨ ତାରିଖ ୨୦୦୦ ମସିହାର ଏକ ସକାଳ , ମେଜର୍ ରାଜ୍ ପାଲ ପୁନିଆଙ୍କ ଶିବିରରେ ଜଣେ ସ୍ଥାନୀୟ ଯୁବତୀ ଉପସ୍ଥିତ ହୋଇଥିଲେ । ସେ କର୍ଣ୍ଣେଲ ମାର୍ଟିନ୍‌ଙ୍କ ଦ୍ୱାରା ଦିଆ ଯାଇଥିବା ଖବର ମେଜରଙ୍କୁ ଦେଇଥିଲେ କି ସେହିଦିନ ଟାଉନ ହଲ ଠାରେ ସକାଳ ୯ ଟା ସମୟରେ ଆର୍ ୟୁ ଏଫ୍ ହାତ ହତିଆର ସହିତ ଆତ୍ମସମର୍ପଣ କରିବ । ତେଣୁ ସେ ସେଠାକୁ ନିର୍ଦ୍ଧାରିତ ସମୟରେ ଯିବାକୁ ପଡିବ । ମେଜର୍ ପୁନିଆ ଖୁବ୍ ଖୁସି ହୋଇ ମେଜର୍ ନାୟର୍ ଏବଂ ଅନ୍ୟ ସୈନିକଙ୍କ ସହିତ ଟାଉନ୍ ହଲ ପହଞ୍ଚି ଯାଇଥିଲେ। ସେଠାରେ ତାଙ୍କର ଆର୍‌ୟୁଏଫ୍‌ର ଅନ୍ୟଜଣେ ନେତା ମେଜର୍ କୁପୋଇଙ୍କ ସହିତ ଦେଖା ହୋଇଥିଲା । ତାଙ୍କୁ କର୍ଣ୍ଣେଲ୍ ମାର୍ଟିନ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କୁହା ଯାଇଥିଲା । କିନ୍ତୁ ସେ ଆର୍ ୟୁ ଏଫ୍ ର ଛଳନାର ଶିକାର ହୋଇଥିଲେ । ତାଙ୍କୁ ଖବର ଦେଉଥିବା ଯୁବତୀ ଜଣକ ଆର୍ ୟୁ ଏଫ୍ ର ଜଣେ ସକ୍ରିୟ ସଦସ୍ୟ ଥିଲେ । ସେଠାରେ ତାଙ୍କ ସହିତ ଅନ୍ୟ ଭାରତୀୟ ସୈନ୍ୟ ମାନଙ୍କୁ ପଣ ବନ୍ଦୀ କରି ଦିଆଗଲା। (କ୍ରମଶଃ)

ରାଷ୍ଟ୍ରୀୟ ଏକତା ଦିବସ

ପ୍ରଭାତ କୁମାର ମହାପାତ୍ର
ସ୍ୱାମୀ ବିବେକାନନ୍ଦ ବନ
ଭାରତୀ ବିଦ୍ୟାପୀଠ,
କୋରାପୁଟ,
ମୋ-୭୮୯୪୦୦୫୪୫୫

ସର୍ଦ୍ଦାର ବଲ୍ଲଭଭାଇ ପଟେଲ କେବଳ ସ୍ୱାଧୀନତା ସଂଗ୍ରାମର ମହାନ ସେନାନୀ ନଥିଲେ, ବରଂ ଆଧୁନିକ ଭାରତର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ଦୂରଦର୍ଶୀ ନେତା ଥିଲେ, ତାଙ୍କ ଜୟନ୍ତୀ ୩୧ ଅକ୍ଟୋବରକୁ "ରାଷ୍ଟ୍ରୀୟ ଏକତା ଦିବସ' ଭାବରେ ପାଳନ କରାଯାଏ। ସେ ତାଙ୍କର ଇଚ୍ଛାଶକ୍ତି, ସାହସ ଏବଂ ନେତୃତ୍ୱ କ୍ଷମତାରୁ ବିକ୍ଷିପ୍ତ ରାଜ୍ୟଗୁଡ଼ିକୁ ଏକାଠି କରି ଭାରତର ଏକତାକୁ ଦୃଢ଼ ଆଧାର ପ୍ରଦାନ କରିଥିଲେ। ଏହି ଅଦମ୍ୟ ସଂକଳ୍ପ କାରଣରୁ ତାଙ୍କୁ 'ଲୌହପୁରୁଷ' କୁହାଯାଏ। ୩୧ ଅକ୍ଟୋବର ୧୮୭୫ ରେ ଗୁଜରାଟର ନାଡିଆଡରେ ଜନ୍ମଗ୍ରହଣ କରିଥିବା ପଟେଲଙ୍କ ସମ୍ବନ୍ଧ ଏକ ସାଧାରଣ କୃଷକ ପରିବାରରୁ ହୋଇଥିଲା। ପିଲାଦିନରୁ ହିଁ ତାଙ୍କ ନିକଟରେ ଆତ୍ମସମ୍ମାନ, ଅନୁଶାସନ ଏବଂ ଦୃଢ଼ ନିଶ୍ଚୟର ଗୁଣ ବିଦ୍ୟମାନ ଥିଲା। ସେ କଠିନ ପରିସ୍ଥିତି ସତ୍ତ୍ୱେ ଆଇନର ପାଠ ପଢ଼ିବାକୁ ଇଂଲଣ୍ଡ ଯାଇ ବାରିଷ୍ଟର ହୋଇଥିଲେ। ଭାରତ ଫେରି ସେ ଅହମ୍ମଦାବାଦରେ ସଫଳ ଓକିଲାତି ଆରମ୍ଭ କଲେ, କିନ୍ତୁ ମହାତ୍ମା ଗାନ୍ଧୀଙ୍କ ବିଚାର ଦ୍ୱାରା ପ୍ରଭାବିତ ହୋଇ ଦେଶର ସ୍ୱାଧୀନତା ପାଇଁ ନିଜ ଜୀବନ ସମର୍ପଣ କରିଦେଲେ । ୧୯୧୮ ର ଖେଡ଼ା ସତ୍ୟାଗ୍ରହରେ ପଟେଲ କୃଷକମାନଙ୍କୁ ସଂଗଠିତ କରି ବ୍ରିଟିଶ ସରକାରଙ୍କ ଅନ୍ୟାୟପୂର୍ଣ୍ଣ କରର ବିରୋଧ କରିଥିଲେ। ଅନାବୃଷ୍ଟି ଏବଂ ଫସଲ ନଷ୍ଟ ହେବା କାରଣରୁ କୃଷକମାନେ କର ପରିଶୋଧ କରିବାରେ ଅକ୍ଷମ ଥିଲେ। ପଟେଲ ସେମାନଙ୍କ ଅଧିକାର ପାଇଁ ସଂଘର୍ଷ କରିଥିଲେ ଏବଂ ସରକାରଙ୍କୁ ରିହାତି ଦେବାକୁ ବାଧ କରିଥିଲେ। ଏହାପରେ ୧୯୨୮ର ବାର୍ଦୋଲି ସତ୍ୟାଗ୍ରହରେ ତାଙ୍କର କୁଶଳ ନେତୃତ୍ୱ ଏବଂ ଦୃଢ଼ତା ତାଙ୍କୁ "ସର୍ଦ୍ଦାର'' ଉପାଧି ଦେଇଥିଲା। ଏହି ଆନ୍ଦୋଳନ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ପ୍ରତିଷ୍ଠାକୁ ନୂତନ ଉଚ୍ଚତାକୁ ପହଞ୍ଚାଇଲା। ସ୍ୱାଧୀନତା ପ୍ରାପ୍ତି ପରେ ଭାରତ ସମ୍ମୁଖରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଶହ ଶହ ରାଜ୍ୟର ଏକୀକରଣ ଥିଲା। ସେହି ସମୟରେ ଅନେକ ରାଜ୍ୟ ସ୍ୱାଧୀନ ରହିବାକୁ ଚାହୁଁଥିଲେ ବା ଭାରତରେ ସାମିଲ ହେବାକୁ ନେଇ ଅନିଶ୍ଚିତ ଥିଲେ। ସର୍ଦ୍ଦାର ପଟେଲ ତାଙ୍କର ରାଜନୈତିକ ବୁଦ୍ଧିମତ୍ତା, କୂଟନୀତି ଏବଂ ଦୃଢ଼ ଇଚ୍ଛାଶକ୍ତି ବଳରେ ଅଧିକାଂଶ ରାଜ୍ୟକୁ ଭାରତୀୟ ସଂଘରେ ସାମିଲ କରିବାରେ ସଫଳତା ପ୍ରାପ୍ତ କଲେ। ଏହି ଐତିହାସିକ କାର୍ଯ୍ୟରେ ଭି.ପି. ମେନନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସହଯୋଗ କରିଥିଲେ। ଜୁନାଗଡ଼ ଏବଂ ହାଇଦ୍ରାବାଦ ପରି ରାଜ୍ୟର ଭାରତରେ ସାମିଲ ହେବା ରାଷ୍ଟ୍ରୀୟ ଏକତାକୁ ଦୃଢ଼ କଲା। ହାଇଦ୍ରାବାଦର ଏକୀକରଣ ପାଇଁ ସେପ୍ଟେମ୍ବର ୧୯୪୮ ରେ 'ଅପରେସନ୍ ପୋଲୋ' ଚାଲିଲା । ପଟେଲ କେବଳ କଠୋର ପ୍ରଶାସକ ହିଁ ନଥିଲେ, ବରଂ ସମ୍ବେଦନଶୀଳ ଏବଂ ମାନବୀୟ ବ୍ୟକ୍ତିତ୍ୱର ଧନୀ ମଧ୍ୟ ଥିଲେ। ବିଭାଜନ ସମୟରେ ଯେତେବେଳେ ଦେଶରେ ସାମ୍ପ୍ରଦାୟିକ ହିଂସା ଖେଳିଗଲା ଏବଂ ଲକ୍ଷ ଲକ୍ଷ ଲୋକ ବିସ୍ଥାପିତ ହେଉଥିଲେ, ସେତେବେଳେ ସେ ରିହାତି ଏବଂ ପୁନର୍ବାସ କାର୍ଯ୍ୟକୁ ପ୍ରାଥମିକତା ଦେଇଥିଲେ। ସେ ଶରଣାର୍ଥୀମାନଙ୍କ ସମସ୍ୟା ପ୍ରତି ଗମ୍ଭୀର ଥିଲେ ଏବଂ ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ମତ ଥିଲା ଯେ ଦେଶର ପ୍ରକୃତ ଶକ୍ତି ଏହାର ଏକତା, ଅନୁଶାସନ ଏବଂ ନାଗରିକମାନଙ୍କର ପାରସ୍ପରିକ ବିଶ୍ୱାସରେ ନିହିତ ଅଛି। ଜବାହରଲାଲ ନେହେରୁଙ୍କ ସହିତ ତାଙ୍କର ବିଚାରରେ ମତଭେଦ ଅବଶ୍ୟ ଥିଲା, କିନ୍ତୁ ସେମାନେ ରାଷ୍ଟ୍ରୀୟ ହିତକୁ ସର୍ବଦା ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷାଠାରୁ ଉର୍ଦ୍ଧ୍ୱରେ ରଖିଥିଲେ । ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ଭାବରେ ସେ ପ୍ରଶାସନିକ ବ୍ୟବସ୍ଥାକୁ ମଜବୁତ କରିବା ତଥା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ। ଭାରତୀୟ ପ୍ରଶାସନିକ ସେବାଗୁଡ଼ିକୁ ମଜବୁତ କରିବାରେ ତାଙ୍କର ଭୂମିକା ଉଲ୍ଲେଖନୀୟ ରହିଛି। ୧୫ ଡିସେମ୍ବର ୧୯୫୦ରେ ସର୍ଦ୍ଦାର ପଟେଲ ଶେଷ ନିଃଶ୍ୱାସ ତ୍ୟାଗ କଲେ । କିନ୍ତୁ ତାଙ୍କର ଆଦର୍ଶ ଆଜି ମଧ୍ୟ ଦେଶବାସୀଙ୍କୁ ପ୍ରେରିତ କରୁଛି। ଗୁଜରାଟର କେଭାଡ଼ିଆରେ ସ୍ଥାପିତ ୧୮୨ ମିଟର ଉଚ୍ଚ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ତାଙ୍କର ମହାନ ବ୍ୟକ୍ତିତ୍ୱ ଏବଂ ରାଷ୍ଟ୍ରୀୟ ଏକତା ପ୍ରତି ସମର୍ପଣର ପ୍ରତୀକ ଅଟେ। ଆଜି ରାଷ୍ଟ୍ରୀୟ ଏକତା ଦିବସରେ ଆମେ ତାଙ୍କ ଜୀବନରୁ ପ୍ରେରଣା ନେଇ ଜାତି, ଧର୍ମ, ବର୍ଣ୍ଣ, ଭାଷା ଏବଂ କ୍ଷେତ୍ରର ଭେଦଭାବରୁ ଉର୍ଦ୍ଧ୍ୱରେ ଉଠି ଦେଶର ଏକତା ଏବଂ ଅଖଣ୍ଡତାର ରକ୍ଷା କରିବାର ସଂକଳ୍ପ ନେବା ଉଚିତ। ସର୍ଦ୍ଦାର ପଟେଲଙ୍କ ଜୀବନ ଆମକୁ ଶିଖାଏ ଯେ ଦୃଢ଼ ଇଚ୍ଛାଶକ୍ତି, ସଚ୍ଚୋଟ ନେତୃତ୍ୱ ଏବଂ ସାମୂହିକ ପ୍ରୟାସ ଦ୍ୱାରା କଠିନରୁ କଠିନ ଲକ୍ଷ୍ୟ ହାସଲ କରାଯାଇପାରେ। ଆମେ ଯଦି ଏକ ମଜବୁତ, ସମୃଦ୍ଧ ଏବଂ ଏକଜୁଟ ଭାରତର ନିର୍ମାଣରେ ନିଜର ଅବଦାନ ଦେଇ ପାରିବା ତେବେ ତାଙ୍କ ପାଇଁ ଏହା ହେବ ଉଚିତ୍ ଶ୍ରଦ୍ଧାଞ୍ଜଳି । ଭାରତ ମାତା କି ଜୟ !!!

ରାଜନୀତିରେ ଶବ୍ଦର ମର୍ଯ୍ୟାଦା-୧

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ରାଜନୈତିକ ଶାଳୀନତା, ନୈତିକତା ଓ ଗଣତାନ୍ତ୍ରିକ ଦାୟିତ୍ୱ ଭାରତୀୟ ଗଣତନ୍ତ୍ରର ଶକ୍ତି ହେଉଛି ମତଭେଦ, ବିଚାରର ସ୍ୱାଧୀନତା, ସରକାରଙ୍କୁ ପ୍ରଶ୍ନ କରିବାର ଅଧିକାର ଏବଂ କ୍ଷମତାରେ ଥିବା ନେତୃତ୍ୱକୁ ଜନସାଧାରଣଙ୍କ ସମ୍ମୁଖରେ ଉତ୍ତରଦାୟୀ କରିବାର ବ୍ୟବସ୍ଥା। କିନ୍ତୁ ଏହି ଗଣତନ୍ତ୍ରର ମର୍ଯ୍ୟାଦା ରକ୍ଷା କରିବାର ଦାୟିତ୍ୱ ଯେତେବେଳେ ଦେଶର ଶୀର୍ଷ ରାଜନୈତିକ ନେତାଙ୍କ କାନ୍ଧରେ ରହିଛି, ସେତେବେଳେ ସେମାନଙ୍କ ମୁହଁରୁ ବାହାରୁଥିବା ପ୍ରତ୍ୟେକ ଶବ୍ଦର ଗୁରୁତ୍ୱ ମଧ୍ୟ ଅଧିକ। ନେତାଙ୍କ ଭାଷା କେବଳ ତାଙ୍କର ବ୍ୟକ୍ତିଗତ ମତ ହୋଇ ରହେନାହିଁ; ତାହା ଦଳୀୟ କର୍ମୀଙ୍କ ଆଚରଣ, ଯୁବପିଢ଼ିର ରାଜନୈତିକ ଚେତନା ଓ ସାଧାରଣ ସମାଜର ବିତର୍କର ଶୈଳୀକୁ ମଧ୍ୟ ପ୍ରଭାବିତ କରେ। ତେଣୁ ଯେତେବେଳେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ବିହାରର ପାଟନାଠାରେ ଅକ୍ଟୋବର ୨୫, ୨୦୨୬ରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନେଇ "ମୋଦୀ କା ବାପ୍ ଭୀ ଜାଏଗା" ବୋଲି ମନ୍ତବ୍ୟ ଦିଅନ୍ତି, ସେତେବେଳେ ଏହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଖବର ଅନୁଯାୟୀ, ଖଡ଼ଗେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ନେଇ ନିଜର ରାଜନୈତିକ ଅଭିଯୋଗ ରଖୁଥିବା ସମୟରେ ଶ୍ରୋତାଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ପ୍ରଧାନମନ୍ତ୍ରୀ କେବେ ଯିବେ ନାହିଁ ବୋଲି କହିବା ପରେ ସେ ଏହି ପ୍ରତିକ୍ରିୟା ଦେଇଥିଲେ। ତେଣୁ ଘଟଣାକୁ ତାହାର ପ୍ରକୃତ ପ୍ରସଙ୍ଗରୁ ଅଲଗା କରି ଦେଖିବା ଠିକ୍ ନୁହେଁ। କିନ୍ତୁ ପ୍ରସଙ୍ଗ ଯାହା ହେଉ, ଦେଶର ଏକ ପ୍ରମୁଖ ଜାତୀୟ ଦଳର ସଭାପତିଙ୍କଠାରୁ ଅଧିକ ସଂଯମ ଓ ଦାୟିତ୍ୱପୂର୍ଣ୍ଣ ଭାଷା ଆଶା କରାଯିବା ମଧ୍ୟ ସମ୍ପୂର୍ଣ୍ଣ ଯୁକ୍ତିସଙ୍ଗତ। ଏହି ଘଟଣାକୁ ନେଇ ଭାଜପାର ବରିଷ୍ଠ ନେତାମାନେ ଆପତ୍ତି ଉଠାଇଛନ୍ତି। କିନ୍ତୁ ଏହି ବିତର୍କର ମୂଳ ପ୍ରଶ୍ନ କେବଳ ଖଡ଼ଗେ କ'ଣ କହିଲେ, ସେତିକି ନୁହେଁ; ଏହା ମଧ୍ୟ ଯେ ଭାରତର ରାଜନୀତିରେ ସମସ୍ତ ଦଳ ଏକ ସମାନ ନୈତିକ ମାପକାଠି ଗ୍ରହଣ କରିବାକୁ ପ୍ରସ୍ତୁତ କି ? ଖଡ଼ଗେଙ୍କ ମନ୍ତବ୍ୟ ପରେ ଭାଜପାର ବରିଷ୍ଠ ନେତାମାନେ ଏହାକୁ ରାଜନୈତିକ ମର୍ଯ୍ୟାଦାର ସୀମା ଉଲ୍ଲଂଘନ ବୋଲି ସମାଲୋଚନା କରିଛନ୍ତି। ଭାଜପାର ଦୃଷ୍ଟିକୋଣରୁ ଏହି ପ୍ରତିକ୍ରିୟା ସ୍ୱାଭାବିକ, କାରଣ ଦଳ ନିଜ ନେତାଙ୍କ ସମ୍ମାନ ରକ୍ଷା କରିବାକୁ ଚାହିଁବ। କିନ୍ତୁ ଜାତୀୟ ରାଜନୀତିର ଏହି ବିତର୍କରେ ଗୋଟିଏ ମୌଳିକ ପ୍ରଶ୍ନ ରହିଛି—ଯେଉଁ ନେତାମାନେ ବିରୋଧୀଙ୍କୁ ଶାଳୀନତାର ପାଠ ପଢ଼ାଉଛନ୍ତି, ସେମାନେ ନିଜ ଦଳର ପ୍ରତ୍ୟେକ ନେତାଙ୍କ ଆଚରଣକୁ ମଧ୍ୟ ସମାନ ଭାବେ ଯାଞ୍ଚ କରୁଛନ୍ତି କି ? ଯଦି ଜଣେ ନେତାଙ୍କ ପରିବାରକୁ ନେଇ ଆକ୍ଷେପ କରିବା ଅନୁଚିତ, ତେବେ ସେହି ନିୟମ ସବୁ ଦଳର ନେତାଙ୍କ ପାଇଁ ପ୍ରଯୁଜ୍ୟ। ଯଦି ଜଣେ ନେତାଙ୍କ ମାତାପିତାଙ୍କୁ ରାଜନୈତିକ ବିବାଦରେ ଟାଣି ଆଣିବା ନିନ୍ଦନୀୟ, ତେବେ ବିରୋଧୀ ଦଳର ନେତାଙ୍କ ପରିବାରକୁ ନେଇ ସେହିପରି ମନ୍ତବ୍ୟ ମଧ୍ୟ ନିନ୍ଦନୀୟ। ରାଜନୀତିରେ ପରସ୍ପରକୁ ହରାଇବାର ଇଚ୍ଛା ରହିବା ସ୍ୱାଭାବିକ; କିନ୍ତୁ ଏହି ଇଚ୍ଛା ପୂରଣ ପାଇଁ ବ୍ୟକ୍ତିଗତ ସମ୍ମାନକୁ ଆଘାତ କରିବା ଏକ ସୁସ୍ଥ ପରମ୍ପରା ହୋଇପାରିବ ନାହିଁ। ଭାଜପା ନେତାମାନେ ଖଡ଼ଗେଙ୍କ ମନ୍ତବ୍ୟକୁ ନିନ୍ଦା କରିବାର ସମ୍ପୂର୍ଣ୍ଣ ଅଧିକାର ରଖନ୍ତି। ସେହିପରି କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳମାନଙ୍କର ମଧ୍ୟ ଭାଜପା ନେତାଙ୍କ ବିବାଦୀୟ ମନ୍ତବ୍ୟକୁ ସମାଲୋଚନା କରିବାର ଅଧିକାର ରହିଛି। କିନ୍ତୁ ଦୁଇ ପକ୍ଷଙ୍କୁ ମନେ ରଖିବାକୁ ହେବ ଯେ ରାଜନୈତିକ ସମାଲୋଚନାର ମାନଦଣ୍ଡ ଦଳୀୟ ସୁବିଧା ଅନୁସାରେ ବଦଳିପାରିବ ନାହିଁ। ଭାଜପାର ଅତୀତର ବିବାଦୀୟ ମନ୍ତବ୍ୟର ଉଦାହରଣ ଏହି ପ୍ରସଙ୍ଗକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରେ। ୨୦୨୫ ଜାନୁଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ଭାଜପା ନେତା ରମେଶ ବିଧୁଡ଼ି କାଲକାଜୀ ଅଞ୍ଚଳର ରାସ୍ତା ଉନ୍ନତିକରଣର ପ୍ରତିଶ୍ରୁତି ଦେବାବେଳେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କ ଗାଲ ସହିତ ରାସ୍ତାର ଚିକ୍କଣତାକୁ ତୁଳନା କରିଥିଲେ। ଏହା ସହିତ ତତ୍କାଳୀନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ପିତାଙ୍କୁ ନେଇ ତାଙ୍କର ଆଉ ଏକ ମନ୍ତବ୍ୟ ବିବାଦ ସୃଷ୍ଟି କରିଥିଲା। କଂଗ୍ରେସ ଓ ଆମ୍ ଆଦମୀ ପାର୍ଟି ଏହାର ବିରୋଧ କରିଥିଲେ। ପରେ ବିଧୁଡ଼ି ନିଜ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରିଥିଲେ। ଏହି ଘଟଣାରେ ପ୍ରଶ୍ନ ହେଉଛି—ନିର୍ବାଚନୀ ପ୍ରତିଶ୍ରୁତି ଦେବା ପାଇଁ ଜଣେ ମହିଳା ନେତ୍ରୀଙ୍କ ଶରୀରକୁ ଉପମା ଭାବେ ବ୍ୟବହାର କରିବା କ'ଣ ଆବଶ୍ୟକ ଥିଲା? ରାସ୍ତାର ଗୁଣବତ୍ତା, ନିର୍ମାଣର ମାନ, ଖର୍ଚ୍ଚ ଓ ସମୟସୀମା ବିଷୟରେ ତଥ୍ୟ ଦେଇ ପ୍ରତିଶ୍ରୁତି ଦିଆଯାଇପାରିଥାନ୍ତା। ଏକ ନିର୍ବାଚନୀ ସଭାରେ ମହିଳା ନେତ୍ରୀଙ୍କ ଶାରୀରିକ ଗଠନକୁ ରାଜନୈତିକ ଉପମା କରିବା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହି ଉଦାହରଣକୁ ଉଠାଇବାର ଉଦ୍ଦେଶ୍ୟ ଭାଜପାକୁ ଏକପାଖିଆ ଭାବେ ଦୋଷୀ କରିବା ନୁହେଁ; ବରଂ ଦଳର ନେତାମାନେ ଅନ୍ୟମାନଙ୍କ ପାଇଁ ଯେଉଁ ଶାଳୀନତାର ନିୟମ ଦାବି କରୁଛନ୍ତି, ତାହା ନିଜ ଦଳରେ ମଧ୍ୟ ସମାନ ଭାବେ ପାଳନ ହେବା ଆବଶ୍ୟକ। ୨୦୨୩ ସେପ୍ଟେମ୍ବରରେ ଲୋକସଭାରେ ଚନ୍ଦ୍ରଯାନ-୩ ଅଭିଯାନ ଉପରେ ଆଲୋଚନା ଚାଲିଥିବା ସମୟରେ ଭାଜପା ସାଂସଦ ରମେଶ ବିଧୁଡ଼ି ବହୁଜନ ସମାଜ ପାର୍ଟିର ତତ୍କାଳୀନ ସାଂସଦ ଦାନିଶ ଅଲୀଙ୍କ ପ୍ରତି ଅପମାନଜନକ ଓ ସାମ୍ପ୍ରଦାୟିକ ଆକ୍ଷେପ କରିଥିଲେ। ଘଟଣାଟି ସଂସଦରେ ଘଟିଥିବାରୁ ଏହାର ଗମ୍ଭୀରତା ଆହୁରି ବଢ଼ିଯାଇଥିଲା। ଲୋକସଭା ବାଚସ୍ପତିଙ୍କ ଦ୍ୱାରା ମନ୍ତବ୍ୟଗୁଡ଼ିକୁ ସଂସଦୀୟ ବିବରଣୀରୁ ବାଦ୍ ଦିଆଯାଇଥିଲା ଏବଂ ମାମଲାଟି ବିଶେଷାଧିକାର କମିଟିକୁ ପଠାଯାଇଥିଲା। ସେହି ସମୟରେ ଗୃହରେ ଉପସ୍ଥିତ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଘଟଣା ପାଇଁ ଦୁଃଖ ପ୍ରକାଶ କରିଥିଲେ। ଏହି ଘଟଣାରୁ ଦେଶ ଗୋଟିଏ ଗଭୀର ଶିକ୍ଷା ପାଇବା ଉଚିତ। ସଂସଦ ହେଉଛି ଦେଶର ଆଇନ ପ୍ରଣୟନର ସର୍ବୋଚ୍ଚ ମଞ୍ଚ; ସେଠାରେ ଯଦି ଧର୍ମ ଓ ପରିଚୟକୁ ନେଇ ଅପମାନଜନକ ଭାଷା ବ୍ୟବହାର ହୁଏ, ତେବେ ସାଧାରଣ ରାଜନୈତିକ ମଞ୍ଚରେ ଶାଳୀନତାର ଆଶା କିପରି କରାଯିବ ? ଏହା କୌଣସି ଗୋଟିଏ ଦଳର ଅପମାନ ନୁହେଁ; ଏହା ସଂସଦୀୟ ମର୍ଯ୍ୟାଦା ସମ୍ପର୍କିତ ଏକ ମୂଳ ପ୍ରଶ୍ନ। ୨୦୨୦ର ଦିଲ୍ଲୀ ନିର୍ବାଚନ ପ୍ରଚାର ଆଉ ଏକ ଉଦାହରଣ। ଭାଜପା ନେତା ଅନୁରାଗ ଠାକୁର ଏକ ସଭାରେ ଉତ୍ତେଜନାପୂର୍ଣ୍ଣ ନାରା ଦେଇଥିଲେ, ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସେହି ସମୟରେ ଭାଜପା ସାଂସଦ ପ୍ରବେଶ ସାହିବ ସିଂହ ବର୍ମାଙ୍କ କିଛି ମନ୍ତବ୍ୟକୁ ମଧ୍ୟ ନିର୍ବାଚନ ଆୟୋଗ ଆପତ୍ତିଜନକ ବୋଲି ବିଚାର କରିଥିଲା। ଜାନୁଆରୀ ୩୦, ୨୦୨୦ରେ ନିର୍ବାଚନ ଆୟୋଗ ଠାକୁରଙ୍କୁ ୭୨ ଘଣ୍ଟା ଏବଂ ବର୍ମାଙ୍କୁ ୯୬ ଘଣ୍ଟା ପାଇଁ ନିର୍ବାଚନୀ ପ୍ରଚାରରୁ ବାରଣ କରିଥିଲା। ଏହି ଘଟଣାର ଉଲ୍ଲେଖ କରିବା ସମୟରେ ଏକ ଆଇନଗତ ପାର୍ଥକ୍ୟକୁ ମଧ୍ୟ ମନେ ରଖିବା ଦରକାର। ନିର୍ବାଚନ ଆୟୋଗଙ୍କ ଆଚରଣ ସଂହିତା ସମ୍ପର୍କିତ କାର୍ଯ୍ୟାନୁଷ୍ଠାନକୁ ଅପରାଧିକ ଦୋଷସିଦ୍ଧି ସହିତ ଏକ କରି ଦେଖିବା ଠିକ୍ ହେବ ନାହିଁ। ଏଠାରେ ଆମର ଆଲୋଚନା ଆଇନଗତ ଦୋଷ ନିର୍ଦ୍ଧାରଣ ନୁହେଁ; ଏହା ହେଉଛି ନିର୍ବାଚନ ସମୟରେ ନେତାମାନଙ୍କ ଭାଷାର ସାମାଜିକ ପ୍ରଭାବ ଓ ରାଜନୈତିକ ଦାୟିତ୍ୱର ପ୍ରଶ୍ନ। ୨୦୧୯ରେ ଭୋପାଳର ଭାଜପା ସାଂସଦ ସାଧ୍ୱୀ ପ୍ରଜ୍ଞା ସିଂହ ଠାକୁର ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ଼ସେଙ୍କୁ ଦେଶଭକ୍ତ ବୋଲି କହି ବିବାଦ ସୃଷ୍ଟି କରିଥିଲେ। ଏହି ମନ୍ତବ୍ୟ ପରେ ସେ ଦୁଃଖ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ତାଙ୍କ ମନ୍ତବ୍ୟକୁ ଗୁରୁତର ଭାବେ ନିନ୍ଦା କରିଥିଲେ ଏବଂ ଏଭଳି କଥାକୁ ସେ କେବେ କ୍ଷମା କରିପାରିବେ ନାହିଁ ବୋଲି କହିଥିଲେ। ଭାଜପା ନେତୃତ୍ୱ ମଧ୍ୟ ଏହି ମନ୍ତବ୍ୟରୁ ଦଳକୁ ଅଲଗା କରି ଦେଖାଇବାକୁ ଚେଷ୍ଟା କରିଥିଲା। ଏହି ଘଟଣାରେ ମୋଦୀଙ୍କ ପ୍ରତିକ୍ରିୟା ମଧ୍ୟ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଦର୍ଶାଏ ଯେ ନିଜ ଦଳର ନେତାଙ୍କ ଭୁଲ୍ ମନ୍ତବ୍ୟକୁ ନିନ୍ଦା କରିବା ନେତୃତ୍ୱର ଦାୟିତ୍ୱ ହୋଇପାରେ। କିନ୍ତୁ ସେହି ନୀତି ସବୁ ସମୟରେ ଓ ସମସ୍ତ ନେତାଙ୍କ ପାଇଁ ସମାନ ଭାବରେ ପ୍ରୟୋଗ ହେବା ଦରକାର। ଏହା ସହିତ ୨୦୧୫ରେ ଭାଜପା ନେତା ଗିରିରାଜ ସିଂହ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଚର୍ମର ରଙ୍ଗକୁ ନେଇ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ତାଙ୍କ କଥାକୁ ନେଇ ସଂସଦରେ ପ୍ରତିବାଦ ହୋଇଥିଲା ଏବଂ ପରେ ସେ ଦୁଃଖ ପ୍ରକାଶ କରିଥିଲେ। ଜଣେ ମହିଳା ନେତ୍ରୀଙ୍କ ରାଜନୈତିକ ଭୂମିକାକୁ ସମାଲୋଚନା କରିବା ଏବଂ ତାଙ୍କ ଚର୍ମର ରଙ୍ଗକୁ ନେଇ ମନ୍ତବ୍ୟ ଦେବା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ବିଷୟ। ପ୍ରଥମଟି ଗଣତାନ୍ତ୍ରିକ ବିତର୍କର ଅଂଶ; ଦ୍ୱିତୀୟଟି ବ୍ୟକ୍ତିଗତ ପରିଚୟକୁ ନେଇ ଅନାବଶ୍ୟକ ଆକ୍ଷେପ। ଯଦି ଦେଶର ରାଜନୈତିକ ଦଳଗୁଡ଼ିକ ଏହି ପାର୍ଥକ୍ୟକୁ ବୁଝିବେ, ତେବେ ନିର୍ବାଚନୀ ବିତର୍କ ଅଧିକ ଗୁଣାତ୍ମକ ହୋଇପାରିବ। ତେବେ ଭାଜପାର ଅତୀତର ଉଦାହରଣଗୁଡ଼ିକ ଉଲ୍ଲେଖ କରିବା ଅର୍ଥ କଂଗ୍ରେସର ମନ୍ତବ୍ୟକୁ ଯଥାର୍ଥ ବୋଲି ଘୋଷଣା କରିବା ନୁହେଁ। ବରଂ ନିରପେକ୍ଷତାର ଅର୍ଥ ହେଉଛି ଦୁଇ ପକ୍ଷର ଆଚରଣକୁ ଏକାଧାରରେ ବିଚାର କରିବା। କଂଗ୍ରେସର ଅତୀତରେ ମଧ୍ୟ ଏପରି ମନ୍ତବ୍ୟ ରହିଛି, ଯାହାକୁ ନେଇ ଗଭୀର ବିବାଦ ସୃଷ୍ଟି ହୋଇଥିଲା। ୨୦୦୭ର ଗୁଜରାଟ ନିର୍ବାଚନ ସମୟରେ ସୋନିଆ ଗାନ୍ଧୀ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ "ମୃତ୍ୟୁର ସୌଦାଗର" ବୋଲି କହିଥିଲେ। ଏହି ମନ୍ତବ୍ୟ ସେତେବେଳେ ଦେଶର ରାଜନୈତିକ ବିତର୍କର କେନ୍ଦ୍ରବିନ୍ଦୁ ହୋଇଥିଲା। ଏହାକୁ ଭାଜପା ମୋଦୀଙ୍କ ବ୍ୟକ୍ତିତ୍ୱ ଉପରେ ଆକ୍ରମଣ ବୋଲି ଦର୍ଶାଇଥିଲା, ଯେତେବେଳେ କଂଗ୍ରେସ ପକ୍ଷରୁ ଏହାକୁ ଗୁଜରାଟର ରାଜନୈତିକ ପରିସ୍ଥିତି ସମ୍ପର୍କିତ ସମାଲୋଚନା ବୋଲି ବ୍ୟାଖ୍ୟା କରାଯାଇଥିଲା। ଏହି ଶବ୍ଦର ରାଜନୈତିକ ପ୍ରସଙ୍ଗ ଥିଲା, କିନ୍ତୁ ଏପରି ତୀବ୍ର ବ୍ୟକ୍ତିଗତ ଉପମା ରାଜନୈତିକ ଧ୍ରୁବୀକରଣକୁ ବଢ଼ାଇପାରେ ବୋଲି ମଧ୍ୟ ଆଲୋଚନା ହୋଇଥିଲା। ୨୦୧୪ରେ କଂଗ୍ରେସ ନେତା ମଣିଶଙ୍କର ଆୟାର ନରେନ୍ଦ୍ର ମୋଦୀଙ୍କୁ ନେଇ "ଚାଏୱାଲା" ମନ୍ତବ୍ୟ ଦେଇଥିଲେ। ଏହି ମନ୍ତବ୍ୟକୁ ଭାଜପା ମୋଦୀଙ୍କ ସାଧାରଣ ପରିବାରିକ ପୃଷ୍ଠଭୂମି ଓ ସାମାଜିକ ଉତ୍ଥାନକୁ ଅପମାନ କରିବାର ପ୍ରୟାସ ବୋଲି ପ୍ରଚାର କରିଥିଲା। ପରବର୍ତ୍ତୀ ସମୟରେ ୨୦୧୭ରେ ଗୁଜରାଟ ନିର୍ବାଚନ ପ୍ରଚାର ସମୟରେ ଆୟାର ମୋଦୀଙ୍କ ପାଇଁ "ନୀଚ" ଶବ୍ଦ ବ୍ୟବହାର କରିଥିଲେ। ଏହାକୁ ନେଇ କଂଗ୍ରେସ ମଧ୍ୟ ତାଙ୍କ ବିରୋଧରେ ଦଳୀୟ କାର୍ଯ୍ୟାନୁଷ୍ଠାନ ନେଇଥିଲା ଏବଂ ସେ ନିଜ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରିଥିଲେ। ଏଠାରେ ମୂଳ ପ୍ରଶ୍ନ ହେଉଛି, ଜଣେ ନେତାଙ୍କ ସାମାଜିକ ପୃଷ୍ଠଭୂମିକୁ ନେଇ ଆକ୍ଷେପ କରିବା କ'ଣ ରାଜନୈତିକ ଯୁକ୍ତିର ଅଂଶ ହୋଇପାରେ ? ନିଶ୍ଚିତ ଭାବେ ନୁହେଁ। ମୋଦୀଙ୍କ ଅର୍ଥନୈତିକ ନୀତି, ନିଯୁକ୍ତି ନୀତି, ଶାସନର ପଦ୍ଧତି କିମ୍ବା ନିଷ୍ପତ୍ତିକୁ ନେଇ ଯେତେ କଠୋର ପ୍ରଶ୍ନ ପଚରାଯାଉ, ସେଥିରେ ଗଣତନ୍ତ୍ରର କ୍ଷତି ନାହିଁ। କିନ୍ତୁ ଜନ୍ମ, ପରିବାର ଓ ସାମାଜିକ ପରିଚୟକୁ ନେଇ ଆକ୍ଷେପ କରିବା ରାଜନୈତିକ ବିତର୍କକୁ ଅନ୍ୟ ଦିଗକୁ ନେଇଯାଏ। ତେଣୁ ଖଡ଼ଗେଙ୍କ ମନ୍ତବ୍ୟର ଆଲୋଚନା କରିବା ସମୟରେ ଏହି ଘଟଣାଗୁଡ଼ିକୁ ମଧ୍ୟ ଭୁଲିଯିବା ଠିକ୍ ହେବ ନାହିଁ। ଏହାର ଅର୍ଥ ଏ ନୁହେଁ ଯେ ସମସ୍ତ ଘଟଣାର ଗମ୍ଭୀରତା ସମାନ। ଏକ ଶବ୍ଦର ବ୍ୟଙ୍ଗ, ଜଣେ ନେତାଙ୍କ ପରିବାରକୁ ନେଇ ଆକ୍ଷେପ, ଧର୍ମଭିତ୍ତିକ ଅପମାନ ଓ ହିଂସାକୁ ଉତ୍ସାହିତ କରିପାରୁଥିବା ନାରା—ଏସବୁକୁ ଏକା ଶ୍ରେଣୀରେ ରଖିହେବ ନାହିଁ। ପ୍ରତ୍ୟେକ ଘଟଣାର ପ୍ରସଙ୍ଗ, ଶବ୍ଦ, ଉଦ୍ଦେଶ୍ୟ, ପ୍ରଭାବ ଓ ପରବର୍ତ୍ତୀ ପ୍ରତିକ୍ରିୟାକୁ ଅଲଗା ଭାବେ ବିଚାର କରିବା ଆବଶ୍ୟକ। ଏହି ହେଉଛି ନିରପେକ୍ଷ ସାମ୍ବାଦିକତାର ଦାୟିତ୍ୱ। ଭାଜପା ନେତାଙ୍କ ବିବାଦୀୟ ମନ୍ତବ୍ୟ ଦର୍ଶାଇବା ଯେପରି ଆବଶ୍ୟକ, ସେହିପରି ଖଡ଼ଗେଙ୍କ ମନ୍ତବ୍ୟର ପ୍ରକୃତ ପ୍ରସଙ୍ଗକୁ ଲୁଚାଇ ନଦେବା ମଧ୍ୟ ଆବଶ୍ୟକ। ଗୋଟିଏ ଦଳର ଭୁଲ୍ ଅନ୍ୟ ଦଳର ଭୁଲ୍‌କୁ ଠିକ୍ କରିଦିଏ ନାହିଁ। ଅତୀତରେ କେହି ଭୁଲ୍ କରିଥିଲେ ବୋଲି ବର୍ତ୍ତମାନ ଅନ୍ୟ କେହି ସେହି ଭୁଲ୍ କରିବାର ଅଧିକାର ପାଇଯାଆନ୍ତି ନାହିଁ। ଖଡ଼ଗେଙ୍କ ମନ୍ତବ୍ୟ ପରେ ଅମିତ ଶାହ କଂଗ୍ରେସ ଉପରେ ରାଜନୈତିକ ଭାଷାର ମର୍ଯ୍ୟାଦା ଉଲ୍ଲଂଘନ କରିବାର ଅଭିଯୋଗ ଆଣିଛନ୍ତି । ସେ ଅତୀତରେ ମୋଦୀଙ୍କୁ ନେଇ କଂଗ୍ରେସ ନେତାଙ୍କ ବିଭିନ୍ନ ମନ୍ତବ୍ୟକୁ ମଧ୍ୟ ଉଲ୍ଲେଖ କରିଛନ୍ତି। ଭାଜପାର ଦୃଷ୍ଟିକୋଣରୁ ଏହି ପ୍ରତିକ୍ରିୟା ସ୍ୱାଭାବିକ; ଦଳ ନିଜ ନେତାଙ୍କ ସମ୍ମାନ ରକ୍ଷା କରିବାକୁ ଚାହିଁବ। କିନ୍ତୁ ଜାତୀୟ ରାଜନୀତିର ଏହି ଆଲୋଚନାରେ ଆଉ ଏକ ପ୍ରଶ୍ନ ରହିଛି—ଯେଉଁ ନେତାମାନେ ନିଜ ବିରୋଧୀଙ୍କୁ ଶାଳୀନତାର ପାଠ ପଢ଼ାଉଛନ୍ତି, ସେମାନେ ନିଜ ଦଳର ପ୍ରତ୍ୟେକ ନେତାଙ୍କ ଆଚରଣକୁ ମଧ୍ୟ ସମାନ ଭାବେ ଯାଞ୍ଚ କରୁଛନ୍ତି କି ? ଅମିତ ଶାହଙ୍କ ଆପତ୍ତିର ଉତ୍ତର ଦେବା ପାଇଁ କଂଗ୍ରେସ ନେତାମାନେ ଭାଜପାର ପୁରୁଣା ଭୁଲ୍‌ର ତାଲିକା ଦେଖାଇପାରନ୍ତି। କିନ୍ତୁ ସେହି ତାଲିକା ଖଡ଼ଗେଙ୍କ ମନ୍ତବ୍ୟକୁ ଆପେଆପେ ନ୍ୟାୟସଙ୍ଗତ କରିଦେବ ନାହିଁ। ସେହିପରି ଭାଜପା ଅତୀତର ଭୁଲ୍‌କୁ ଅସ୍ୱୀକାର କରି କେବଳ କଂଗ୍ରେସର ଭୁଲ୍‌କୁ ଦେଖାଇଲେ ତାହା ମଧ୍ୟ ସମ୍ପୂର୍ଣ୍ଣ ନୈତିକ ଆଭିମୁଖ୍ୟ ହେବ ନାହିଁ। ପ୍ରକୃତ ନେତୃତ୍ୱର ପରିଚୟ ହେଉଛି—ନିଜ ପକ୍ଷର ଭୁଲ୍ ହେଲେ ତାହାକୁ ସ୍ୱୀକାର କରିବା ଓ ବିରୋଧୀଙ୍କ ଭୁଲ୍ ହେଲେ ତାହାକୁ ଯୁକ୍ତିସଙ୍ଗତ ଭାବେ ସମାଲୋଚନା କରିବା। ଏହି ଦୁଇଟି ଦାୟିତ୍ୱକୁ ଏକାଠି ପାଳନ କରିପାରିଲେ ହିଁ ଗଣତନ୍ତ୍ରର ମର୍ଯ୍ୟାଦା ବଢ଼ିବ। ଓଡ଼ିଶାର ଲୋକଙ୍କ ପାଇଁ ଜାତୀୟ ରାଜନୀତିର ଏହି ବିତର୍କ କେବଳ ଦିଲ୍ଲୀ କିମ୍ବା ପାଟନାର ଘଟଣା ନୁହେଁ। ରାଜ୍ୟର ଯୁବପିଢ଼ି ଚାକିରି ଓ ନିଯୁକ୍ତିର ସୁଯୋଗ ଖୋଜୁଛନ୍ତି। ଚାଷୀ ନିଜ ଉତ୍ପାଦର ଉଚିତ ମୂଲ୍ୟ, ସ୍ଥାୟୀ ଜଳସେଚନ ଓ ବଜାର ସୁବିଧା ଚାହୁଁଛନ୍ତି। ମହିଳାମାନେ ସୁରକ୍ଷା, ସ୍ୱାବଲମ୍ବନ ଓ ସମାନ ସୁଯୋଗ ଆଶା କରୁଛନ୍ତି। ଛାତ୍ରଛାତ୍ରୀ ଉନ୍ନତ ଶିକ୍ଷା ଓ ଗବେଷଣାର ପରିବେଶ ଚାହୁଁଛନ୍ତି । (କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

ଦୂର ଅତୀତର ପଥେ

ଶରତ ଦାଶ

ଅତୀତର ପଥେ ଯିବାକୁ ପ୍ରୟାସ
କରେ ଯେବେ କେବେ ଥରେ
ନେତ୍ରୁ ଝରଇ ଅଶ୍ରୁର ସ୍ରୋତ
ମନା କରେ କେହି ଦୂରେ ।।
ଦୂର ତାଳବନ କିଆ ଗୋହିରିର
ଚିତ୍ର ଭାସଇ ମନେ
ଛୋଟ ମୋ ଗାଆଁର ସ୍ୱରୂପ ଉଭାସେ
ହୃଦୟର କେଉଁ କୋଣେ ।।
ପିଲାଦିନ କଥା ମନବନେ ପଶି
ଶୀତଳ କରଇ ପ୍ରାଣ
ବର୍ଷାରେ ଧୋଇ ଭରେ ସବୁଜିମା
କୋଣ କୋଣ ଅନୁକୋଣ ।।
ଅଳକାନଦୀର ଉଚ୍ଛଳ ଜଳ
କରେ ସ୍ମୃତି ଉଜ୍ଜୀବିତ
ଉଲ୍ଲାସ ଭରି ସ୍ନିଗ୍ଧ କୋମଳ
କରେ ଚିତ୍ତ ପୁଲକିତ ।।
ପଛକୁ ଚାହିଁଲେ ଦିଶେ ଧୂମାଚ୍ଛନ୍ନ
ସମୟ ଯା ଗଲା ଚାଲି
ଆଉ କି ଫେରିବ ବିଗତ ଜୀବନ
ଯେତେ ଗୋଟାଇଲେ ବାଲି ।।
ଯେତେ ଭୁଲାଇଲେ ଅତୀତକୁ ହାୟ
ଆସେ ପୁଣି ସ୍ମୃତି ହୋଇ
ନୟନଯୁଗଳୁ ଝରାଏ ଲୋତକ
ସୁଖ ଅବା ଦୁଃଖ ଦେଇ ।।
ଡାକୁଛି ବୟସ ଆୟୁଷ ଶିଖର
ଅବରୋହି ଅବହେଳେ
ରୋମନ୍ଥନ ଯେତେ କରିଲେ ଆକୁଳେ
ଆଉ କି ଅତୀତ ଫେରେ ।।
ସମୟ ଯା ଗତ ଭାବି ତାର କଥା
ଲାଭନାହିଁ କଦାଚିତ
ଅବଶିଷ୍ଟ କାଳ କଟିଯାଉ ଭଲେ
କରିବାରେ ପରହିତ ।।
ଅଭୟଚରଣ କରିଣ ସ୍ମରଣ
ବାକି ଯେତେ କାଳ ବାକି
ବିଶ୍ୱକଲ୍ୟାଣ କରିବାରେ ମନ
ଲଗାଇ ହୋଇବା ସୁଖୀ ।।

ଭୁବନେଶ୍ୱର

କାଶତଣ୍ଡି

ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ଶୁଏ ଯେବେ ନୀଳାକାଶ ନଈ ଛାତିପରେ
ଓଢ଼ଣା ଖୋଲି ଉହୁଙ୍କି ଦେଖେ କାଶତଣ୍ଡି।
ଶରତର ମେଘ ପରି ମେଖଳା ଲମ୍ୱାଇ
ଜନମନ ହରୁଥାଏ ଶୁଭ୍ର କାଶତଣ୍ଡି।
ମାଟି ଓ ଆକାଶ ଯେବେ ହୁଏ ଏକାକାର
ପବନ ସାଥେ ଖେଳଇ ପ୍ରିୟ କାଶତଣ୍ଡି।
ବରଫ ରଙ୍ଗକୁ ମାଖି ଯେବେ ସେ ହସଇ
ଉଦାସିଆ ମେରୁମୁହଁ ଦେଖେ କାଶତଣ୍ଡି।
ଧରଣୀରେ ଶୁଭ୍ରତନୁ ଦେଖେ ଯେବେ କବି
ଚନ୍ଦ୍ରମାକୁ ଚିଠି ଲେଖେ ପ୍ରିୟ କାଶତଣ୍ଡି।
ଚାମର ପ୍ରାୟେ ତା' ଦେହେ କପା କୋମଳତା
ଆତିଥ୍ୟରେ ହରିନିଏ ପ୍ରିୟ କାଶତଣ୍ଡି।
କୁହୁଡ଼ିର ପ୍ରେମେ ଯେବେ ମନକୁ ଭୁଲାଏ
ସରମି ଝାଉଁଳି ଯାଏ ଲାଜେଇ କାଶତଣ୍ଡି।
ସଫେଦ ସକାଳ ଯେବେ ଉଠେ ହାଇ ମାରି
ପଠା ପରେ ପୁଣି ନୃତ୍ୟ ରଚେ କାଶତଣ୍ଡି।

ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ

ଆଶାର ମନୀଷା ମଞ୍ଜରୀ

ଡଃ ବେଣୁଧର ସୂତାର

ପାପ ପୁଣ୍ୟ ଭରା ଜୀବନେ ସପନ
ଭୋଗ ସଂଭୋଗରେ ଗଢା
ଏ ଜୀବନେ ଫୁଟେ ଆଶାର ରଙ୍ଗୀନ
କୋଟି କୋଟି କୃଷ୍ଣଚୂଡ଼ା ॥

ଆଶା ବୋଳିଦିଏ ରେଶମୀ ଚୁମ୍ୱନ
ଭାବନାର ଅନ୍ତରାଳେ
ମତୁଆଲା କରେ ମୋହିନୀ ମାୟାରେ
ବ୍ରହ୍ମାଣ୍ଡ ଭୂଗୋଳ କୋଳେ ॥

ବହୁବିଧ ତା'ର ଭାବର ଭେଳିକି
ଯଉବନ ଯୂଥୀକାରେ
ତନ୍ମୟ ସପନ ଭାବ ରସାୟନ
ଅନ୍ତରଙ୍ଗ ଅଭିସାରେ ॥

ଆଶା ସ୍ୱପ୍ନ ଭରେ ମନ ବିଥିକାରେ
ମିଳନ ମାଧୁର୍ଯ୍ୟ ଛନ୍ଦେ
ତନ୍ଦ୍ରା ବିଭୋର ମୁଗ୍ଧ ଆଳାପର
ଅନ୍ତରଙ୍ଗ ଅନୁବନ୍ଧେ ॥

ହୃଦୟ ପୃଷ୍ଠାରେ ପ୍ରଣୟ ଲିପିରେ
ଭାବ ଭରେ ଅସରନ୍ତି
ବୟସ ଢେଉରେ ମୂର୍ଚ୍ଛନା ତୋଳଇ
ମାଧୁର୍ଯ୍ୟର ମଧୁବନ୍ତି ॥

ଆଶାରେ ଆଶାରେ ଭାବ ଉନ୍ମେଷରେ
ମଗ୍ନ ବିଭୋର ମନ
ଆଶା ଅନୀଷାର ମନୀଷା ମଞ୍ଜରୀ
ବିଶ୍ୱାସର ବିଶ୍ୱାୟନ ॥

ଅମୃତମୟ ସେ ମୁଗ୍ଧ ସମ୍ମୋହନ
ନବ ଛନ୍ଦ ନବ ରଙ୍ଗେ
ଅଙ୍ଗେ ଅଙ୍ଗେ ଭରେ ସ୍ନିଗ୍ଧ ଶିହରଣ
ଜଡ଼ିତ ଜୀବନ ସଙ୍ଗେ ॥

ବିଶ୍ୱ ଲାଗେ ମଧୁମୟ ବିଶ୍ୱାସରେ
ସାଧନାର ପରିତୋଷେ
ସୁଖ ସପନର ଅମୃତ ଆସ୍ୱାଦେ
ଜୀବନ ଆନନ୍ଦେ ହସେ ॥

ଆଶା ଆକାଂକ୍ଷାର ଅମିୟ ନିର୍ଝର
ଜୀବନର ତୃଷା ହରେ
ମଧୁମୟ କରେ ଚରାଚର ଧରା
ସୃଷ୍ଟି ସୂତ୍ର ଆଧାରରେ ॥

କେଶଦୁରାପାଳ, କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

ତୁମେ ନ ଥିବାର ଗୀତ

ମିଳନ କୁମାର ମିଶ୍ର (ଭରଦ୍ୱାଜ)

ନୀରବି ଯାଇଛ ତୁମେ ଯେବେଠୁ ମୁଁ
ଯାଇଚି ନିଦାଘ ହେଇ ।
ଭଲ ପାଇଲେ ବି ଭାବି ପାରୁନି ଯେ
ତୁମେ ଫେରିବ ମୋ ପାଇଁ ।୧।

ସହି ହେଉ ନାଇଁ ତୁମ ଶୂନ୍ୟତା
ଯେମିତି ନିଦାଘ ତାତି ।
ସବୁଠି ଅଧିକ ବାଧୁଛି ଯାହା ସେ
ତୁମ ଅନୁପସ୍ଥିତି ।୨।

ତୁମେ ଗଲା ପରେ ନିଜକୁ ସତରେ
ଖୋଜି ମୁଁ ପାଉନି ଜମା ।
ଗପଟେ ହେଲେ ମୁଁ ତୁମେ ଥିଲ ଯେଣୁ
ସେ ଗପର ଶିରୋନାମା ।୩।

କଷ୍ଟ ପାଉଛି ସତରେ ତୁମକୁ
ଭୁଲି ମୁଁ ପାରୁନି ବୋଲି ।
ଭୁଲି ପାରୁଥିଲେ ଆଖିରେ ମୋ କିଆଁ
ଲୁହ ଖେଳୁଥାନ୍ତା ଦୋଳି ।୪।

ପାସୋରି ପାରିଲି ନାଇଁ ବୋଲି ବୋଧେ
ତୁମକୁ ମୁଁ ଆଜିଯାଏଁ ।
ତୁମ କଥା କହି ବସିଲେ ଏବେ ମୁଁ
ହୁଏ ଲୁହ ଅସରାଏ ।୫।

ବିଶ୍ୱେଶରପୁର୍ ଶାସନ, କେନ୍ଦୁଝର ବଜାର
ମୋ-୭୦୦୮୨୪୧୨୮୭

ଅଛିଡ଼ା ପଣ୍ଡିତ

ସତ୍ୟବ୍ରତ ମହାଲିକ (ଦେବୀ ଦାସ)

ଧରି ଆଣ କହିଲେ,
ବାନ୍ଧି ଆଣ ତୁମେ।
କବି ହୋଇ ବାସ୍ତବ ସ୍ୱାର୍ଥ
ପାଇଁ ବଞ୍ଚିଥାଅ ତୁମେ।
ଅବାସ୍ତବତାରେ ବଞ୍ଚିଲେ
ତୁମେ କୁହ, ସବୁ ଅସମ୍ଭାଳ,
ବାକି କିଛି ଆଉ ନ ରହିବ।

ଏସବୁ ଅପ୍ରୀତିକର, ନିହାତି ତିକ୍ତ,
ତୁମ ମୁଖା ପଛର ରହସ୍ୟ।
ଭଲ ନ ଲାଗିଲେ ମୋର କିଛି ଦୋଷ ନାହିଁ,
ମୁଁ ବି ଗୋଟେ କବି।
ସତ କହିବି, ଖରାପ ଲାଗିଲେ
ମୋର କିଛି ପରବାଏ ନାହିଁ!

ମୋତେ ଆଦୌ କିଛି ଜଣା ନାହିଁ,
ତୁମେ କହୁଥିଲ,
ତୁମେ ସର୍ବଜ୍ଞାନୀ,
ତୁମେ ଲୁଚି ଲୁଚି ତଟାକ ଗର୍ଭରେ
ରହୁଥିବା ମହାକବି।
ମୁଁ ପାମର, ଅକିଞ୍ଚନ,
ଭାସି ବୁଲେ ଯେମିତି ପଙ୍କ ଉପରେ କହ୍ଲାର।
ମୋର ଆଦୌ ଦୋଷ ନାହିଁ,
ତୁମକୁ ମୁଖାହୀନ କରିବାର,
ମୋର ଆଦୌ ଇଚ୍ଛା ନାହିଁ ତୁମକୁ
ପଣ୍ଡିତ ଆଚାର୍ଯ୍ୟ କହିବାର।

ପ୍ରତିଷ୍ଠାତା/ସଭାପତି, ଉତ୍କଳ ଯୁବ ସାହିତ୍ୟ
ସାମୁଖ୍ୟ, ସୋର, ବାଲେଶ୍ୱର
ମୋ-୯୬୯୨୧୯୪୩୯୭

ଅପେକ୍ଷାର ଆଲେଖ୍ୟ

ସୁରେଖା ମହାପାତ୍ର

କେବେବି କେଉଁଠି
କାହା ଭିତରେ କି ବାହାରେ
ଗପ କି କବିତାରେ ମୁଁ କେଉଁଠି ନଥାଏ,
ନଥାଏ ଗୋଧୁଳି ଲଗ୍ନର ନୀଡ଼ ଫେରା ଆକୁଳ ଇଚ୍ଛାରେ !

ତଥାପି ସ୍ୱପ୍ନରେ ତାରା ଝରା ସ୍ମୃତି ମୋର
ନଦୀର ଧାର ପରି,
କୂଳ କେବେ ଭାଙ୍ଗେ ନାହିଁ,
ଭିତରେ ଭିତରେ ହସ ସହ
ଶହ ଶହ କୋହରେ ଲହରି ଖେଳୁଥାଏ।

ଶବ୍ଦ ବିନା ସବୁକିଛି ପଢ଼ିପାରେ
ଶାମୁକାରୁ ଅନ୍ତରୀକ୍ଷ ଯାଏଁ !
ଅନୁଭବର ପ୍ରତ୍ୟେକଟି ମୁହୂର୍ତ୍ତ
ଏକ ଅଫୁରନ୍ତ କାବ୍ୟ ପରି
ଯିଏ ଖାଲି ଲମ୍ୱା ହେଇ ଆଗକୁ ହିଁ ବଢିବା ଜାଣେ ।

ଆହାଃ !
ବହୁତ ଦିନ ଯାଏଁ ଗୋଟେ ଗୀତକୁ
ବାରମ୍ୱାର ଶୁଣୁଥିଲି---
ବର୍ଷ ବର୍ଷ ଗାଲର ଗୋଲାପି ରଙ୍ଗ ଆଉ
ଲାଜରେ ନଇଁ ଯାଉଥିବା ଆଖିପତା

ଅପେକ୍ଷାରେ ଭରସା କରିଥିଲା;

ଜ୍ୟୋସ୍ନାଧୂଆ ଲଗ୍ନରେ କାଶତଣ୍ଡି ସହ
ଲୁଚକାଳି ଖେଳୁଥିବା ପୁନେଇଁ ଜହ୍ନକୁ
ପଛକରି କେହି ଜଣେ କହିବ

ମୋ ହାତ ପାପୁଲିରେ ତୁ ମୋ ଚାନ୍ଦ ହେଇ
ବନ୍ଧା ପଡିଯା,
ମୋତେ ବି ବାନ୍ଧିଦେ ତୋ ଗାଲର ଲାଲିମାରେ ।

ସ୍ୱର୍ଗର ନନ୍ଦନକାନନରେ ପ୍ରଣୟବନ୍ଧନୀରେ
ଅଭିସାର ରଚୁ ରଚୁ
ସମୟ ସ୍ଥିର ହେଇଯାଉ,
ତୋ ଅଳସୀ ଲାବଣ୍ୟ ଆଉ
ମୋ ବଜ୍ର ସମ ଛାତିର ଯୁଗ୍ମ ବନ୍ଧନରେ ।

ବୋଧହୁଏ
ସେଇ କେଇଟା କଥାରେ
ସ୍ୱପ୍ନର ଉପହାର---
ପାରିଜାତ, ଐରାବତ ଅଙ୍କା ପଟ୍ଟଚିତ୍ର ସବୁ
ଟାଙ୍ଗି ହେଇ ଯାଇଥାନ୍ତେ ମୋ କଳିଜାର
ରନ୍ଧ୍ର କୋଠରୀରେ ।

ଜହ୍ନ ନଇଁଗଲା କେତେ କେତେ
ପୂନେଇ ରାତିରେ
ଋତୁ ସବୁ ବି ସରି ସରି ଗଲା---

ଦୁର ଦିଗବାରେଣୀରେ
କାହାର ପାଦ ଶବ୍ଦ ତ ଏଯାଏଁ ଶୁଭିନି
ଆଉ ଭରସା ଜୀବନତ କେବେବି ଦେଇନି !

ମୁଁ ସେଇ ଗୀତକୁ ଏବେବି ଶୁଣି ଚାଲିଛି
କାଳର ଶେଷ ପ୍ରହରରେ !

ମୋ-୯୯୩୭୦୧୧୦୬୬

କୁମାର ଉତ୍ସବ ସରିଲେ...

ନିରଞ୍ଜନ ସାହୁ

କୁମାର ଉତ୍ସବ ଗାଆଁରୁ ସରିଲେ
ଗାଆଁ ଖାଆଁ ଖାଆଁ ଲାଗଇ
ବନ୍ଧୁବାନ୍ଧବଙ୍କ ଗହଳି ଯା'ଥିଲା
ଧୀରେ ଧୀରେ ତାହା ଭାଙ୍ଗଇ।

କୁମାର ଉତ୍ସବ ଆସିବାର ଥିଲା
ଖୁସି ଲାଗୁଥିଲା ଯେତିକି
କୁମାର ଉତ୍ସବ ବାହୁଡ଼ିବା ପରେ
ଦୁଃଖ ଭରିଗଲା ସେତିକି
ଭାରି କଷ୍ଟ ଲାଗେ ଭସାଣିରେ ଯେବେ
ଲକ୍ଷ୍ମୀ ମା' ବିଦାୟ ମାଗଇ ।

ଆଡମ୍ୱର ସହକାରେ ସାଜସଜ୍ଜା
ମନ ମୋହୁଥିଲା ଆମର
ଲକ୍ଷ୍ମୀଙ୍କର ଆଗମନ ହେବ ଜାଣି
ବ୍ୟସ୍ତ ଥିଲୁ କାମଦାମର
ଆଜି ଯଦି କିଏ କାମ ବରାଦଇ
ବିରକ୍ତ ଭାବଟା ଜାଗଇ ।

ଜୀବନରେ ଯଦି ବଞ୍ଚି ରହିଥିବ
ଆଉ ବରଷକୁ ଅପେକ୍ଷା
କେହି ଜଣେ ଏହି କୁମାରୋତ୍ସବକୁ
କରିପାରିବନି ଉପେକ୍ଷା
ଏହି ସମୟରେ ବନ୍ଧୁମିଳନ ଯେ
କେହି କଦାପି ନ ରାଗଇ ।

ନିହଲ ପ୍ରସାଦ, ଗଁଡିଆ ପାଟଣା,
ଢେଙ୍କାନାଳ- ୭୫୯୦୧୬
ମୋ- ୯୯୩୮୭୪୧୫୮୩

କାହାଣୀ

ଡ. ସନ୍ତୋଷ କୁମାର ପଣ୍ଡା

ମୁଁ ନେତା ହେବି । ସକାଳୁ ଉଠି ଆଇନା ଆଗରେ ଠିଆ ହୋଇ ନିଜ ମୁହଁକୁ ନିରୀକ୍ଷଣ କଲି। ମୁହଁଟା ମୋର ହେଲେ ବି ଆଜି କାହିଁକି କେଜାଣି ମୋତେ ଟିକେ ଭିନ୍ନ ଲାଗୁଥିଲା। ଆଖିରେ ଦୂରଦୃଷ୍ଟି, କପାଳରେ ଚିନ୍ତାର ଭାଙ୍ଗ, ଓଠରେ ରହସ୍ୟମୟ ହସ- ସବୁ ମିଶି ମୋତେ ଲାଗିଲା, ମୋ ଭିତରେ ଜଣେ ଜନନେତା ଜନ୍ମ ନେବାକୁ ଅପେକ୍ଷା କରୁଛି।

ହଠାତ୍ ମନ ଭିତରୁ ଏକ ଦିବ୍ୟବାଣୀ ଶୁଭିଲା-

"ମୁଁ ନେତା ହେବି !"

କାହିଁକି ହେବି ?

ଲୋକସେବା ପାଇଁ।

କେଉଁ ଲୋକଙ୍କ ସେବା ?

ଏ ପ୍ରଶ୍ନଟା ଟିକେ ଜଟିଳ। ତେଣୁ ମୁଁ ସେଦିନ ଉତ୍ତରଟା ନ ଖୋଜିବାକୁ ହିଁ ଉଚିତ ମନେକଲି। ଘରୁ ଆରମ୍ଭ ହେଲା ବିରୋଧୀ ଦଳ ମୋର ରାଜନୈତିକ ଅଭିଯାନର ପ୍ରଥମ ଘୋଷଣା ଘରୁ ହିଁ କଲି।

"ଶୁଣୁଛ, ମୁଁ ଏଥର ନେତା ହେବି।"

ଘରଣୀ ରୋଷେଇ ଘରୁ କହିଲେ, "ପ୍ରଥମେ ଘରର ନେତା ହୋଇ ଦେଖ।"

"ମାନେ ?"

"ଗତ ତିନିଦିନ ହେଲା ଆଲୁ ଆଣିବାକୁ କହୁଛି। ଆଲୁ ଆଣିପାରୁନାହଁ। ଲୋକଙ୍କ ସମସ୍ୟା ସମାଧାନ କରିବ କେମିତି ?"

ମୁଁ କହିଲି, "ରାଜନୀତିରେ ଦୂରଦୃଷ୍ଟି ଦରକାର।"

"ତାହେଲେ ଘର ସାମ୍ନାର ଗାତଟା ଦୂରରୁ ଦେଖାଯାଉନି କି ?"

ମୁଁ ଚୁପ୍। ମୋତେ ସେଦିନ ବୁଝାପଡ଼ିଗଲା- ବିରୋଧୀ ଦଳ ବାହାରେ ଖୋଜିବା ଦରକାର ନାହିଁ; ଘରେ ହିଁ ମଜଭୁତ ଭାବରେ ଗଠିତ ହୋଇସାରିଛି।

ଚା' ଦୋକାନରେ ରାଜନୈତିକ ଘୋଷଣା । ସନ୍ଧ୍ୟାରେ ଗାଁ ଛକର ଚା' ଦୋକାନକୁ ଗଲି। ସେଠାରେ ଗାଁର ଚାରିଜଣ ବିଶିଷ୍ଟ ବୁଦ୍ଧିଜୀବୀ ବସିଥିଲେ। ସେମାନେ ପ୍ରତିଦିନ ସକାଳେ ଦେଶର ଅର୍ଥନୀତି ଠିକ୍ କରନ୍ତି, ଦ୍ୱିପ୍ରହରରେ ରାଜ୍ୟର ରାଜନୀତି ଓ ସନ୍ଧ୍ୟାରେ ଗାଁର ନଳକୂପ।

ମୁଁ ଯାଇ କହିଲି, "ମୁଁ ନେତା ହେବି।"

ଚା' ଦୋକାନୀ ମୋତେ ଉପରୁ ତଳ ଯାଏ ଦେଖି କହିଲା, "କଣ ଚା' ପିଇବେ ?"

"ହଁ।"

"ଟଙ୍କା ଦେବେ ?"

"ନିଶ୍ଚୟ।"

"ତାହେଲେ ଆପଣଙ୍କ ଲୋକସେବା ଆଜି ଠାରୁ ଆରମ୍ଭ ହେଉ। ଆପଣଙ୍କ ଛଅମାସର ଚା' ପଇସା ବାକି ଅଛି।"

ମୋର ରାଜନୈତିକ ସ୍ୱପ୍ନ ଆରମ୍ଭରୁ ହିଁ ଅର୍ଥମନ୍ତ୍ରଣାଳୟର ଧକ୍କା ଖାଇଲା।

ନନ୍ଦିଆ କହିଲା, "ତୁ ନେତା ହେଲେ ଆମ ଗାଁର ରାସ୍ତା କରିବୁ ?"

"କରିବି।"

"ନଳକୂପ ?"

"ହେବ।"

"ଡାକ୍ତରଖାନା ?"

"ହେବ।"

"ଚାକିରି ?"

"ନିଶ୍ଚୟ।"

ନନ୍ଦିଆ ମୁଣ୍ଡ ହଲାଇ କହିଲା, "ତାହେଲେ ତୁ ନେତା ହେବାକୁ ପୂରା ଯୋଗ୍ୟ।"

"କେମିତି ?"

"କାରଣ ତୋର ମୁହଁରେ 'ନା' ବୋଲି ଶବ୍ଦଟା ନାହିଁ।"

ମୁଁ ଗର୍ବରେ ଛାତି ଫୁଲାଇଲି।

ପାଖରେ ବସିଥିବା ବୁଢ଼ା ହରିଆ ଦାଦା କହିଲେ, "ଏହାକୁ ନେତା ହେବାର ଯୋଗ୍ୟତା କହୁଛୁ? ଆମେ ତାକୁ ପଚାଶ ବର୍ଷ ହେଲା ଏହି କଥା କହିଆସୁଛୁ!"

ଚା' ଦୋକାନରେ ହସର ରୋଳ ଉଠିଲା।

ଏବେ ମୋର ପରବର୍ତ୍ତୀ ଲକ୍ଷ୍ୟ- ଦଳରୁ ଟିକେଟ୍।

ପାର୍ଟି ଅଫିସ୍‌କୁ ଗଲି। ସେଠାରେ ମୋ ଭଳି ଆହୁରି ପଚାଶ ଜଣ ଜନସେବକ ଧାଡ଼ି ଲଗାଇଥିଲେ।

ସମସ୍ତଙ୍କ ମୁହଁରେ ନମ୍ରତା, ହାତରେ ଫୁଲମାଳା ଓ ମନରେ ଟିକେଟ୍‌ର ଆକାଂକ୍ଷା।

ଜଣେ ମୋତେ କହିଲା, "ଆପଣ କେତେ ବର୍ଷ ହେଲା ଦଳରେ ?"

ମୁଁ କହିଲି, "ପାଞ୍ଚ ବର୍ଷ।"

ସେ ହସିଲା।

"ମୁଁ ପାଞ୍ଚଟି ଦଳରେ ପାଞ୍ଚ ବର୍ଷ ସେବା କରିଛି।"

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, "ତାହେଲେ ?"

ସେ ଗମ୍ଭୀର ମୁହଁରେ କହିଲା, "ରାଜନୀତିରେ ଦଳ ବଦଳେ, ଲକ୍ଷ୍ୟ ବଦଳେନାହିଁ।"

ମୁଁ ମନେମନେ ତାଙ୍କୁ ରାଜନୈତିକ ଗୁରୁ ମାନିନେଲି।

କିଛି ସମୟ ପରେ ବଡ଼ ନେତା ଆସିଲେ। ସମସ୍ତେ ଏକାସାଙ୍ଗରେ ନମସ୍କାର କଲେ।

ମୁଁ କହିଲି, "ସାର୍, ମୁଁ ଦଳ ପାଇଁ ନିଷ୍ଠାବାନ।"

ପାଖରେ ଥିବା ଜଣେ ଫୁସ୍‌ଫୁସ୍ କରି କହିଲା, "ଟିକେଟ୍ ନ ମିଳିଲେ କେତେ ଦିନ ନିଷ୍ଠାବାନ ରହିବୁ ?"

ମୁଁ ତାକୁ ଆଖି ମାରି କହିଲି, "ସେଟା ଫଳାଫଳ ଉପରେ ନିର୍ଭର କରେ।"

ଟିକେଟ୍ ମିଳିଗଲା। ଏବେ ମୁଁ ପ୍ରକୃତରେ ଜନନେତା! ଗାଡ଼ି ଆସିଲା। ଗାଡ଼ି ଉପରେ ମୋର ହସୁଥିବା ଫଟୋ। ଫଟୋଟା ଏତେ ବଡ଼ ଯେ ଗାଡ଼ିଟା ଛୋଟ ଲାଗୁଥିଲା। ମାଇକ୍‌ରେ ଘୋଷଣା- "ଆସୁଛନ୍ତି ଆପଣମାନଙ୍କର ପ୍ରିୟ ନେତା! ଆପଣଙ୍କ ସୁଖଦୁଃଖର ସାଥୀ! ଗରିବଙ୍କର ମାଆ ବାପ!"

ମୁଁ ମନେମନେ ଭାବିଲି- ଗତକାଲି ପର୍ଯ୍ୟନ୍ତ ମୁଁ ନିଜ ଦୁଃଖର ସାଥୀ ହୋଇପାରୁନଥିଲି, ଆଜି ହଜାର ଲୋକଙ୍କ ସୁଖଦୁଃଖର ସାଥୀ ହୋଇଗଲି!

ପ୍ରତ୍ୟେକ ସଭାରେ ମୋର ଭାଷଣ ଏକାପ୍ରକାର-

"ମୁଁ ଜିତିଲେ ରାସ୍ତା ହେବ।"

"ମୁଁ ଜିତିଲେ ପାଣି ଆସିବ।"

"ମୁଁ ଜିତିଲେ ଚାକିରି ହେବ।"

"ମୁଁ ଜିତିଲେ ଗାଁର ଚିତ୍ର ବଦଳିଯିବ।"

ଦିନେ ଜଣେ ଚାଷୀ ମୋତେ ଅଟକାଇ କହିଲେ, "ବାବୁ, ଗୋଟେ କଥା ପଚାରିବି ?"

"ପଚାରନ୍ତୁ।"

"ତୁମେ ଜିତିଲେ ସବୁ ହେବ କହୁଛ। ହାରିଗଲେ ?"

ମୁଁ ଟିକେ ଅଟକିଗଲି।

ଚାଷୀ ନିଜେ କହିଲେ, "ତାହେଲେ କିଛି ହେବ ନାହିଁ ?"

ମୁଁ ହସି କହିଲି, "ଆପଣ ବହୁତ ବୁଦ୍ଧିମାନ।"

ଚାଷୀ କହିଲେ, "ଚାଷ କରୁଛୁ ବାବୁ। ମାଟିକୁ ବୁଝିବାକୁ ଶିଖିଛୁ। ରାଜନୀତିର ମାଟିକୁ ବି ଟିକେ ବୁଝୁଛୁ।"

ନିର୍ବାଚନ ଯେତେ ନିକଟ ଆସିଲା, ମୋର ହୃଦୟ ତା'ଠାରୁ ଅଧିକ ନିକଟକୁ ଆସିଲା-ମୋର ପକେଟ୍। ପ୍ରଥମେ ଭାବିଥିଲି ନିର୍ବାଚନ ଲଢ଼ିବି। ପରେ ଜାଣିଲି- ନିର୍ବାଚନ ଲଢ଼ାଯାଏ ନାହିଁ, ନିର୍ବାଚନରେ ଖର୍ଚ୍ଚ କରାଯାଏ। ପୋଷ୍ଟର, ବ୍ୟାନର୍, ମାଇକ୍, ଗାଡ଼ି, ଚା'-ସବୁର ହିସାବ ଆସିଲା। ମୁଁ ହିସାବ ଦେଖି ମୁଣ୍ଡ ଧରିଲି।

ଘରଣୀ କହିଲେ, "ଏତେ ଟଙ୍କା ଖର୍ଚ୍ଚ କରି ଜିତିଲେ କ'ଣ ଲାଭ ?"

ମୁଁ କହିଲି, "ଲୋକସେବା।"

ସେ କହିଲେ, "ତାହେଲେ ଏତେ ଟଙ୍କା ନେଇ ସିଧା ଲୋକଙ୍କୁ ଦେଇଦେଲେ ହେଉନଥାନ୍ତା ?"

ମୁଁ ତାଙ୍କ ମୁହଁକୁ ଚାହିଁ ରହିଲି। କେତେବେଳେ ଲାଗେ, ମୋ ଘରଣୀ ଯଦି ରାଜନୀତିରେ ପ୍ରବେଶ କରନ୍ତି, ମୋର ଭବିଷ୍ୟତ ତ ଦୂରର କଥା, ଅନେକ ନେତାଙ୍କର ବର୍ତ୍ତମାନ ମଧ୍ୟ ବିପଦରେ ପଡ଼ିବ।

ଶେଷରେ ଭୋଟ୍ ହେଲା। ମୁଁ ଜିତିବି ବୋଲି ଶତପ୍ରତିଶତ ନିଶ୍ଚିତ ଥିଲି। କାରଣ ମୋର ପ୍ରତ୍ୟେକ ସଭାରେ ଲୋକେ ତାଳି ମାରିଥିଲେ। କିନ୍ତୁ ମୋତେ କେହି କହିନଥିଲେ ଯେ- ତାଳି ମାରିବା ଓ ଭୋଟ୍ ଦେବା ଦୁଇଟି ଅଲଗା ଅଲଗା କଳା।

ଭୋଟ୍ ଗଣତି ଆରମ୍ଭ ହେଲା। ପ୍ରଥମ ରାଉଣ୍ଡରେ ମୁଁ ଆଗରେ। ମୋ ସମର୍ଥକମାନେ ନାଚିଲେ। ଦ୍ୱିତୀୟ ରାଉଣ୍ଡରେ ପଛରେ। ସେମାନେ କହିଲେ, "ଏହା ଆରମ୍ଭ ମାତ୍ର।" ତୃତୀୟ ରାଉଣ୍ଡରେ ଆହୁରି ପଛରେ। "ଚିନ୍ତା କରନ୍ତୁ ନାହିଁ, ଆମେ ଜିତିବା।" ଚତୁର୍ଥ ରାଉଣ୍ଡରେ ମୋର ନାମ ଖୋଜିବା ପାଇଁ ମୋବାଇଲ୍‌ରେ ଜୁମ୍ କରିବାକୁ ପଡ଼ିଲା। ଶେଷରେ ଫଳାଫଳ ଆସିଲା। ମୁଁ ହାରିଗଲି। ଘରକୁ ଫେରିଲି।

ଘରଣୀ ଦୁଆର ଖୋଲି କହିଲେ, "କ'ଣ ହେଲା ?"

ମୁଁ କହିଲି, "ଜନତା ମୋତେ ବୁଝିପାରିଲେ ନାହିଁ।"

ସେ ହସି କହିଲେ- "ଜନତା ତୁମକୁ ଠିକ୍ ବୁଝିଛନ୍ତି। ତୁମେ ହିଁ ଜନତାକୁ ଭୁଲ୍ ବୁଝିଥିଲ।"

ମୁଁ ଚୁପ୍ ହୋଇଗଲି।

ସେ ପୁଣି କହିଲେ- "ନେତା ହେବା ପୂର୍ବରୁ ମଣିଷ ହେବାକୁ ଶିଖ। ଲୋକେ ଯେଉଁଦିନ ତୁମକୁ ନିଜ ଲୋକ ବୋଲି ମାନିବେ, ସେଦିନ ତୁମକୁ ଭୋଟ୍ ମାଗିବାକୁ ଯିବାକୁ ପଡ଼ିବ ନାହିଁ।"

ସେଦିନ ତାଙ୍କ କଥାଟା ମୋ ମନରେ ଗଭୀର ଭାବେ ବସିଗଲା। ରାତିରେ ଆଇନା ଆଗରେ ଠିଆ ହେଲି। ଆଗରେ ସେଇ ମୁହଁ। କିନ୍ତୁ ଆଜି ତା'ର ହସଟା ଟିକେ କମ୍, ଚିନ୍ତାଟା ଟିକେ ଅଧିକ।

ମୁଁ ଧୀରେ କହିଲି- "ମୁଁ ନେତା ହେବି।" ଆଇନା ଭିତରୁ ମୋର ପ୍ରତିଛବି ହସି କହିଲା- "ନିଶ୍ଚୟ ହେବୁ। କିନ୍ତୁ ପ୍ରଥମେ ଲୋକଙ୍କ ହୃଦୟରେ ନେତା ହୋଇ ଦେଖ। କୁର୍ସି ତା'ପରେ ନିଜେ ତୋତେ ଖୋଜିବ।"

ପରଦିନ ସକାଳୁ ମୁଁ ପୁଣି ଗାଁକୁ ବାହାରିଲି। ଏଥର ହାତରେ ପୋଷ୍ଟର ନଥିଲା। କୌଣସି ମାଇକ୍ ନଥିଲା। କୌଣସି ନିର୍ବାଚନୀ ନାରା ନଥିଲା। କେବଳ ମୁଁ ଥିଲି ଓ ଲୋକଙ୍କ ସମସ୍ୟା ଶୁଣିବାର ଇଚ୍ଛା ଥିଲା। ଚା' ଦୋକାନରେ ପହଞ୍ଚିଲି।

ଚା' ଦୋକାନୀ ଦୂରରୁ ପଚାରିଲା- "ଆଜି କେଉଁ ଦଳରେ ?"

ମୁଁ ହସି କହିଲି- "ଆଜିଠାରୁ ମୁଁ ଲୋକଙ୍କ ଦଳରେ।"

ସେ ଚା'ର ଗ୍ଲାସ୍‌ଟି ମୋ ହାତକୁ ବଢ଼ାଇଦେଇ କହିଲା- "ତାହେଲେ ଆଜିର ଚା' ମୋ ତରଫରୁ।"

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, "କାହିଁକି ?"

ସେ କହିଲା- "କାରଣ ଆଜି ପ୍ରଥମଥର ଲାଗୁଛି, ତୁ ନେତା ହେବାକୁ ନୁହେଁ, ମଣିଷ ହେବାକୁ ବାହାରିଛୁ।"

ମୁଁ ଚା'ରେ ଚିବୁକ ଲଗାଇଲି। ଚା'ଟା ଆଜି ଅଦ୍ଭୁତ ମିଠା ଲାଗୁଥିଲା। ହୁଏତ ଚିନି ଅଧିକ ଥିଲା ନାହିଁ- ମୋର ମନରେ ପ୍ରଥମଥର ପାଇଁ ଲୋକସେବାର ସ୍ୱାଦ ଆସିଥିଲା। ଆଉ ମୁଁ ମନେମନେ ପୁଣି କହିଲି- "ମୁଁ ନେତା ହେବି... କିନ୍ତୁ ପ୍ରଥମେ ଲୋକଙ୍କ ମଣିଷ ହେବି।"

କଟକ
ମୋ-୮୨୪୯୦୨୧୪୨୪

ଅଜ୍ଞାତ ଆୟୁଷ

ସାରଥି ପଣ୍ଡା

ଭୁଲିଛି ମୁଁ
ବିଯୁକ୍ତ ହେଉଛି ମୋର ଅଜ୍ଞାତ ଆୟୁଷ ।
ଆସିଥିଲି ବନ୍ଧୁପଣେ
ଭାଙ୍ଗିଦେଲି ପ୍ରତିଶ୍ରୁତି-ସକଳ ବିଶ୍ୱାସ ॥
ମୁଁ-ମୋର ଶବ୍ଦ ଦୁଇ
ଭରିଛି ମୋ ତନୁମନେ ସକଳ ଆଶ୍ୱାସ ॥
ଭୁଲିଛି ମୁଁ
ଥମିବ ସ୍ପନ୍ଦନ-ନିମିଷକେ ଛିଡିବ ବନ୍ଧନ
ବାଧ୍ୟ ହେବି ରିକ୍ତ ହୋଇ
ଯିବି କେଉଁ ଅଜଣା ପ୍ରଦେଶ ॥
ଲୁହ ଦେଖି ଆଉ କା' ଆଖିରେ
କୋହ ଭରି ଆଉ କା' ଛାତିରେ
ପିନ୍ଧୁଥାଏ
ବିଜୟର ଟୀକା-ହସୁଥାଏ ବିଜୟୀର ହସ ॥
ଭୁଲିଛି ମୁଁ
ଜୟ-ପରାଜୟ ନାହିଁ ମୋର ହାତେ
ନିମିଷକେ ଭାଙ୍ଗିପାରେ-ଗଢିପାରେ ଯିଏ
ମୋର ହାତେ ନାହିଁ ସିଏ-ସର୍ବଦା ଅଦୃଶ୍ୟ ॥

ଓମ୍‌ନଗର, ଆନନ୍ଦବଜାର, ଭଦ୍ରକ
ଫୋନ୍-୭୦୦୮୮୨୩୬୦୬

ହେମନ୍ତର ଶୋଭା

ନଳିନୀ ଦାଶ

ରୂପାଜହ୍ନ ହସେ ମୋ ଗାଆଁ ଆକାଶେ
ଶୀତ ଆସିଲାଣି ନଇଁ
ଥିରି ଥିରି ନାଚେ ଜହ୍ନ ଜୋଛନାରେ
ପୋଖରୀରେ ନୀଳକଇଁ ।
ସକାଳ ପାହିଲା ପୂରୁବ ଦିଗରେ
ସୂରୁଜ ଗଲେଣି ଉଇଁ
ସୁନାର ଫସଲ କ୍ଷେତରେ ଖେଳୁଛି
ହସି ଉଠେ ଗାଆଁ ଭୂଇଁ ।
ଘାସ ପତରରେ ଟିପି ଟିପି ହିମ
ଆକାଶୁ ପଡ଼ଇ ଝରି
ସୂରୁଜ କିରଣ ପଡ଼ିଲେ ଧରାରେ
ଦିଶଇ ମୁକୁତା ପରି ।
କାର୍ତ୍ତିକ ମାସରେ ଚଉରା ମୂଳରେ
ଝୋଟି ମୁରୁଜ ହସୁଛି
ଟଗର ରଙ୍ଗଣୀ ଗେଣ୍ଡୁଫୁଲ ଫୁଟେ
ସେବତୀ ବାସ ଛୁଟୁଛି ।
ଗୀତା ଭାଗବତ କାର୍ତ୍ତିକ ପୁରାଣ
କାନେ ଆସି ଶୁଭୁଅଛି
ସକାଳୁ ଗାଧୋଇ ବୁଧେଇ ନାନୀଟା
ଶିବ ମନ୍ଦିର ଯାଉଛି ।
ମାଧିଆ ଭାଇଟା ସକାଳୁ ଉଠିଛି
ମଥାରେ ଚିତା ଆଙ୍କିଛି
ସଙ୍କୀର୍ତ୍ତନ କରି ଧରମ କରୁଛି
ଗିନି ମୃଦଙ୍ଗ ବାଜୁଛି ।
ହବିଷ୍ୟାଳୀମାନେ ଜପ ତପ କଲେ
ତୁଳସୀ ମୂଳରେ ବସି
ଫୁଲ ତୋଳୁଅଛି ଜେଜେ ମାଆ ଆସି
ବଗିଚାରୁ ହୋଇ ଖୁସି ।
ସବୁଜ ଧରଣୀ ନୀଳ ଶାଢ଼ି ପିନ୍ଧି
ଶୋଭା ତା ବଢାଉ ଅଛି
ପରିବା ବାଲାର ଡାକ ସକାଳରେ
ନିତି କାନେ ଶୁଭୁଅଛି ।
ପକ୍ଷୀଗଣ ଉଡି ଗଲେ ଡେଣା ଝାଡ଼ି
ଦୂର ନୀଳ ଗଗନରେ
ହେମନ୍ତ ତା ଶୋଭା ବଢାଇ ଦେଇଛି
ସବୁରି ମନକୁ ହରେ ।

ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ଦୂରଭାଷ-୬୩୭୦୦୯୫୨୪୧

ହକି ବିଶ୍ୱକପ୍ ୨୦୩୦ ଆୟୋଜନ ଦୌଡ଼ରେ ଓଡ଼ିଶା ସହ ପଞ୍ଜାବ ଓ ତାମିଲନାଡୁ

ଜଳନ୍ଧର

ଅଗାମୀ ୨୦୩୦ ଏଫ୍ଆଇଏଚ୍ ପୁରୁଷ ଓ ମହିଳା ବିଶ୍ୱକପ୍ ଆୟୋଜନ ଦୌଡ଼ରେ ଓଡ଼ିଶା ସମେତ ପଞ୍ଜାବ ଓ ତାମିଲନାଡୁ ରହିଛନ୍ତି। ଏହି କଥା ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂହ କହିଛନ୍ତି। ପୂର୍ବରୁ ଓଡ଼ିଶା ଦୁଇ ଥର ପୁରୁଷ ବିଶ୍ୱକପ୍ (୨୦୧୮, ୨୦୨୩) ଆୟୋଜନ କରିଥିଲା। ପୁରୁଷ କନିଷ୍ଠ ବିଶ୍ୱକପ୍ ଗତ ବର୍ଷ ଚେନ୍ନାଇ ଓ ମଦୁରାଇରେ ତାମିଲନାଡୁ ସଫଳତାର ସହ ଆୟୋଜନ କରିଛି। କିନ୍ତୁ ପଞ୍ଜାବରେ ଏପର୍ଯ୍ୟନ୍ତ ଏହି ବଡ଼ ଇଭେଣ୍ଟ ହୋଇନାହିଁ। ସଂପ୍ରତି ଏହି ରାଜ୍ୟରେ ପୁରୁଷ ଏସୀୟ ଚାମ୍ପିଅନ୍ସ ଟ୍ରଫି ଚାଲିଛି। ୧୭ ବର୍ଷ ପରେ ପ୍ରଥମ ଥର ପଞ୍ଜାବକୁ ଅନ୍ତର୍ଜାତୀୟ ହକି ପ୍ରତିଯୋଗିତା ଫେରିଛି।

ଶେଷ ଥର ଲାଗି ପଞ୍ଜାବରେ ୨୦୦୯ ଗୋଲ୍ଡ କପ୍ ଅନ୍ତର୍ଜାତୀୟ ହକି ପ୍ରତିଯୋଗିତା ଖେଳାଯାଇଥିଲା। ବିଶ୍ୱକପ୍ ଆୟୋଜନ ଅଧିକାର ନେଇ ଭୋଳାନାଥ କହିଛନ୍ତି ଯେ, ''ଓଡ଼ିଶା, ତାମିଲନାଡୁ ଓ ପଞ୍ଜାବ ଏହି ଦୌଡ଼ରେ ଅଛନ୍ତି। ଯଦି ଓଡ଼ିଶାକୁ ହକି ବିଶ୍ୱକପ୍ ଆୟୋଜନ ଅଧିକାର ମିଳେ, ତେବେ ଏହି ରାଜ୍ୟ ପାଇଁ ବଡ଼ ସଫଳତା ହେବ। ଓଡ଼ିଶା ବି ପ୍ରଥମ ପସନ୍ଦରେ ରହିଛି। ମୁଁ ଚାହେ ହକି ଦେଶର ସବୁ କୋଣରେ ପହଞ୍ଚୁ। ତାମିଲନାଡୁ ଅନେକ ଅଲିମ୍ପିଆନ୍ ତିଆରି କରିଛି ଏବଂ ଆମେ ଗତ ବର୍ଷ ସେଠାରେ କନିଷ୍ଠ ବିଶ୍ୱକପ୍ କରିଥିଲୁ। ପଞ୍ଜାବରେ ଏବେ ପୁରୁଷ ଏସୀୟ ଚାମ୍ପିଅନ୍ସ ଟ୍ରଫି ଚାଲିଛି। ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ ପ୍ରତିଯୋଗିତା ମଧ୍ୟପ୍ରଦେଶରେ ହୋଇ ନଥିବା ବେଳେ ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି ଏହାର ରାଜଧାନୀ ଭୋପାଳରେ ନଭେମ୍ବର ୧୯ରୁ ୨୮ ପର୍ଯ୍ୟନ୍ତ ଆୟୋଜିତ ହେବ''।

ଚତୁର୍ଥ ଟି୨୦ : ଭାରତକୁ ୮୭ ରନ୍‌ରେ ହରାଇଲା ନ୍ୟୁଜିଲାଣ୍ଡ

ଅକଲାଣ୍ଡ

ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ୍‌ର ଚତୁର୍ଥ ମୁକାବିଲାରେ ଟିମ୍ ଇଣ୍ଡିଆକୁ ୮୭ ରନ୍‌ରେ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଅକଲାଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ଦଳ ଗ୍ଲେନ୍ ଫିଲିପ୍ସଙ୍କ ଶତକ ବଳରେ ଭାରତ ଆଗରେ ୨୬୦ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟ ରଖିଥିଲା। ଜବାବରେ ମଇଦାନକୁ ଓହ୍ଲାଇଥିବା ଭାରତୀୟ ଦଳ ୯ ୱିକେଟ୍ ହରାଇ ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୧୭୨ ରନ୍ ହିଁ କରିପାରିଥିଲା।

ଭାରତ ତରଫରୁ ତିଲକ ବର୍ମା ସର୍ବାଧିକ ୩୫ ରନ୍ ସ୍କୋର କରିଥିଲେ। ଅନ୍ୟପଟେ ନ୍ୟୁଜିଲାଣ୍ଡ ପକ୍ଷରୁ ଜ୍ୟାକବ୍ ଡଫି ଚମତ୍କାର ବୋଲିଂ ପ୍ରଦର୍ଶନ କରି ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ଯଦିଓ ଭାରତୀୟ ଦଳ ପୂର୍ବରୁ ହିଁ ଏହି ସିରିଜ୍‌କୁ ନିଜ ନାଁରେ କରିସାରିଛି। ଭାରତକୁ କ୍ରମାଗତ ତିନିଟି ବିଜୟ ପରେ ଏହି ପରାଜୟ ମିଳିଛି ଏବଂ ଏହା ସହିତ ସିରିଜ୍ ବର୍ତ୍ତମାନ ୩-୧ ସ୍ଥିତିକୁ ଆସିଯାଇଛି।

ମ୍ୟାଚ୍ ବିଷୟରେ କହିଲେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ନ୍ୟୁଜିଲାଣ୍ଡ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୫୯ ରନ୍‌ର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ଏକ ଚମତ୍କାର ଶତକ ହାସଲ କରିଥିଲେ। ସେ ମାତ୍ର ୪୯ଟି ବଲ୍‌ରେ ୧୦୭ ରନ୍‌?ର ଇନିଂସ ଖେଳିଥିଲେ। ଏହି ଇନିଂସରେ ତାଙ୍କର ୬ଟି ଚୌକା ଏବଂ ୧୦ଟି ଛକା ସାମିଲ ଥିଲା। ଏହି ସମୟରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୨୧୮.୩୭ ରହିଥିଲା। ଫିଲିପ୍ସଙ୍କ ବ୍ୟତୀତ ମାଇକେଲ ବ୍ରେସୱେଲ୍ ଏବଂ ଡେରିଲ୍ ମିଚେଲ୍ ମଧ୍ୟ ଭାରତୀୟ ବୋଲରଙ୍କୁ ନିର୍ଘୁମ ପ୍ରହାର କରିଥିଲେ।

ବ୍ରେସୱେଲ୍ ମାତ୍ର ୨୫ଟି ବଲ୍‌ରେ ୪ଟି ଚୌକା ଏବଂ ୬ଟି ଛକା ସହାୟତାରେ ୬୫ ରନ୍ କରିଥିବା ବେଳେ, ମିଚେଲ୍ ମାତ୍ର ୯ଟି ବଲ୍‌ରେ ୨୪ ରନ୍ ସଂଗ୍ରହ କରିଥିଲେ। ସେହିପରି ଫିନ୍ ଆଲେନ୍ ମଧ୍ୟ ୧୭ଟି ବଲ୍‌ରେ ୩୧ ରନ୍‌ର ଏକ ଦ୍ରୁତ ପାରି ଖେଳିଥିଲେ। ଭାରତ ତରଫରୁ ମୟଙ୍କ ଯାଦବ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଅର୍ଶଦୀପ ସିଂ, ପ୍ରିନ୍ସ ଯାଦବ, ନୀତିଶ କୁମାର ରେଡ୍ଡୀ ଓ ଅକ୍ଷର ପଟେଲ ଗୋଟିଏ ଲେଖାଁଏ ୱିକେଟ୍ ହାସଲ କରିଥିଲେ।

୨୬୦ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟର ପିଛା କରିବାକୁ ଓହ୍ଲାଇଥିବା ଟିମ୍ ଇଣ୍ଡିଆର ଆରମ୍ଭ ବହୁତ ଖରାପ ରହିଥିଲା ଏବଂ ଦଳ ପ୍ରଥମ ଓଭରରେ ହିଁ ମାତ୍ର ୪ ରନ୍ ସ୍କୋରରେ ଦୁଇଟି ୱିକେଟ୍ ହରାଇ ବସିଥିଲା। ଓଭରର ଦ୍ୱିତୀୟ ବଲ୍‌ରେ ସଞ୍ଜୁ ସାମସନ ମାତ୍ର ୪ ରନ୍ କରି ଆଉଟ୍ ହୋଇଥିବା ବେଳେ ୫ମ ବଲ୍‌ରେ ଇଶାନ କିଷନ ଖାତା ଖୋଲିବା ପୂର୍ବରୁ ହିଁ ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ଅଭିଷେକ ଶର୍ମା ୨୭ ରନ୍ ଏବଂ ଅଧିନାୟକ ଶ୍ରେୟସ ଆୟର ୨୨ ରନ୍ କରି ଆଉଟ୍ ହୋଇଯାଇଥିଲେ।

ନ୍ୟୁଜିଲାଣ୍ଡ ବୋଲରଙ୍କ ଆଗରେ ଭାରତୀୟ ବ୍ୟାଟରମାନେ ସଂଘର୍ଷ କରୁଥିବା ନଜର ଆସିଥିଲେ ଏବଂ କେହି ବି ବଡ଼ ପାରି ଖେଳିବାରେ ସଫଳ ହୋଇନଥିଲେ। ୮୬ ରନ୍ ସ୍କୋରରେ ଭାରତର ଅଧା ଦଳ ପ୍ୟାଭିଲିୟନ ଫେରିସାରିଥିବା ବେଳେ ୧୨୧ ରନ୍‌ରେ ଦଳ ୮ଟି ୱିକେଟ୍ ହରାଇଥିଲା। ତେବେ ତିଲକ ବର୍ମା ପାରିକୁ ସମ୍ଭାଳିବାକୁ ଚେଷ୍ଟା କରିଥିଲେ ଏବଂ ୩୫ଟି ବଲ୍‌ରେ ୩୫ ରନ୍ ସଂଗ୍ରହ କରିଥିଲେ, କିନ୍ତୁ ତାଙ୍କର ଏହି ପାରି ଦଳକୁ ବିଜୟ ଦେଇପାରି ନଥିଲା। ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ କେବେଳ ୧୭୨ ରନ୍ ହିଁ କରିପାରିଥିଲା ଏବଂ ୮୭ ରନ୍‌ରେ ମ୍ୟାଚ୍ ହାରିଯାଇଥିଲା।

ଅନ୍ୟପଟେ ନ୍ୟୁଜିଲାଣ୍ଡ ପକ୍ଷରୁ ଜ୍ୟାକବ୍ ଡଫି ଘାତକ ବୋଲିଂ କରି ସର୍ବାଧିକ ୪ଟି ୱିକେଟ୍ ନିଜ ନାଁରେ କରିଛନ୍ତି। ଅଧିନାୟକ ମିଚେଲ ସାଣ୍ଟନର ଏବଂ ମାଥ୍ୟୁ ଫିସର ୨ଟି ଲେଖାଏଁ ୱିକେଟ୍ ନେବାରେ ସଫଳ ହୋଇଥିବା ବେଳେ, ଆଡମ ମିଲ୍ନେଙ୍କୁ ଗୋଟିଏ ସଫଳତା ପାଇଥିଲେ।

ହଂକଂ ସିକ୍ସେସ୍‌ରେ ଭାରତକୁ ୪ ୱିକେଟରେ ପରାସ୍ତ କଲା ପାକିସ୍ତାନ

ନୂଆଦିଲ୍ଲୀ

ହଂକଂ ସିକ୍ସେସ୍ ୨୦୨୬ରେ ଶୁକ୍ରବାର ଟିମ୍ ଇଣ୍ଡିଆ ଏବଂ ପାକିସ୍ତାନ ମଧ୍ୟରେ ଏକ ମହାମୁକାବିଲା ଖେଳାଯାଇ ଥିଲା। ଏହି ମ୍ୟାଚ୍‌ରେ ପାକିସ୍ତାନ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପାକିସ୍ତାନ ବୋଲରମାନେ ଏହି ନିଷ୍ପତ୍ତି ସଠିକ୍ ପ୍ରମାଣିତ ହୋଇଥିଲା ଏବଂ ଟିମ୍ ଇଣ୍ଡିଆ ନିର୍ଦ୍ଧାରିତ ୬ ଓଭରରେ ୫ ୱିକେଟ୍ ହରାଇ ମାତ୍ର ୮୮ ରନ୍ କରିପାରିଥିଲେ। ଏହାର ଜବାବରେ ପାକିସ୍ତାନ ଦଳ ମାତ୍ର ୩.୫ ଓଭରରେ ୨ ୱିକେଟ୍ ହରାଇ ମ୍ୟାଚ୍ ଜିତିନେଇଥିଲା।

ମ୍ୟାଚ୍ ବିଷୟରେ କହିଲେ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ଟିମ୍ ଇଣ୍ଡିଆର ଆରମ୍ଭ ବହୁତ ଖରାପ ରହିଥିଲା। ଓପନର୍ ରାହୁଲ ତ୍ରିପାଠୀ ୫ଟି ବଲ୍‌ରେ ମାତ୍ର ୯ ରନ୍ କରି ଆଉଟ୍ ହୋଇଥିଲେ। ସେହିପରି ଅନ୍ୟତମ ଓପନର୍ ନୀତିଶ ରାଣା ବହୁତ ଧିମା ବ୍ୟାଟିଂ କରି ୧୪ଟି ବଲ୍‌ରେ ୧୯ ରନ୍ କରିଥିଲେ। ଖରାପ ବ୍ୟାଟିଂ କାରଣରୁ ହିଁ ତାଙ୍କୁ ରିଟାୟର୍ଡ ଆଉଟ୍ ହେବାକୁ ପଡ଼ିଥିଲା। ୬ ଓଭରର ମ୍ୟାଚ୍‌ରେ ତାଙ୍କର ଏହି ଧିମା ବ୍ୟାଟିଂ ଯୋଗୁଁ ଟିମ୍ ଇଣ୍ଡିଆର ଅନ୍ୟ ବ୍ୟାଟରମାନଙ୍କ ଉପରେ ଚାପ ବହୁତ ବଢ଼ିଯାଇଥିଲା।

୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଶଶାଙ୍କ ସିଂ ୧୧ଟି ବଲ୍‌ରେ ୪୦ ରନ୍‌ର ଏକ ଦମଦାର ପାରି ଖେଳିଥିଲେ। ଏହା ପରେ ରାହୁଲ ତେୱାତିଆ ଏବଂ କୃଣାଲ ପାଣ୍ଡ୍ୟା ପ୍ରଥମ ବଲ୍‌ରେ ହିଁ ପ୍ୟାଭିଲିୟନ ଫେରିଥିଲେ। ତେବେ ଟି. ନଟରାଜନ ଶେଷ ଆଡ଼କୁ ୬ଟି ବଲ୍‌ରେ ଅପରାଜିତ ୧୨ ରନ୍ କରିଥିଲେ। ଯାହାଫଳରେ ଟିମ୍ ଇଣ୍ଡିଆ ୬ ଓଭରରେ ୫ ୱିକେଟ୍ ହରାଇ ୮୮ ରନ୍ ହିଁ କରିପାରିଥିଲା। ପାକିସ୍ତାନ ପକ୍ଷରୁ ଅବ୍ଦୁଲ ସମଦ ୨ଟି ୱିକେଟ୍ ନେଇଥିବା ବେଳେ ଅହମ୍ମଦ ଦାନିୟାଲ ଓ ମହମ୍ମଦ ଶହଜାଦ ଗୋଟିଏ ଲେଖାଁଏ ୱିକେଟ୍ ନେବାରେ ସଫଳ ହୋଇଥିଲେ।

ଭାରତ ଦେଇଥିବା ୮୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଓହ୍ଲାଇଥିବା ପାକିସ୍ତାନ ଦଳକୁ ଏକ ଦମଦାର ଆରମ୍ଭ ମିଳିଥିଲା। ଦଳର ଦୁଇ ଓପନର ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ୱିକେଟ୍ କିପର ବ୍ୟାଟର ଖ୍ୱାଜା ନଫେ ୧୨ଟି ବଲ୍‌ରେ ୪୧ ରନ୍‌ର ଏକ ଆକର୍ଷଣୀୟ ପାରି ଖେଳିଥିଲେ। ଅନ୍ୟପଟେ ତାଙ୍କୁ ସାଥ୍ ଦେଇ ପାକିସ୍ତାନ ଅଧିନାୟକ ଆବାସ ଆଫ୍ରିଦି ମାତ୍ର ୮ଟି ବଲ୍‌ରେ ୩୫ ରନ୍ କରିଥିଲେ। ଏହି ଇନିଂସରେ ଆବାସଙ୍କର ୫ଟି ଗଗନଚୁମ୍ବୀ ଛକା ସାମିଲ ଥିଲା। ଏହି ଦୁଇ ଓପନର ହିଁ ପାକିସ୍ତାନ ଦଳକୁ ମ୍ୟାଚ୍‌ରେ ବହୁତ ଆଗକୁ ନେଇଯାଇଥିଲେ। ପରେ ଅବ୍ଦୁଲ ସମଦ ଅପରାଜିତ ୭ ରନ୍ କରିଥିବା ବେଳେ ଇରଫାନ ଖାନ ମଧ୍ୟ ଗୋଟିଏ ବଲ୍‌ରେ ୬ ରନ୍ କରିଥିଲେ। ଏହିପରି ଭାବେ ପାକିସ୍ତାନ ଦଳ ମାତ୍ର ୩.୫ ଓଭରରେ ୯୧ ରନ୍ କରି ମ୍ୟାଚ୍‌କୁ ଜିତିନେଇଥିଲା। ଟିମ୍ ଇଣ୍ଡିଆ ତରଫରୁ ଶଶାଙ୍କ ସିଂ ଏବଂ ରାହୁଲ ତେୱାତିଆ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଅନ୍ୟପଟେ ଟି ନଟରାଜନ ଏବଂ କୃଣାଲ ପାଣ୍ଡ୍ୟା ମ୍ୟାଚରେ ବହୁତ ଖରାପ ବୋଲିଂ କରିଥିଲେ। ଯାହା ଟିମ୍ ଇଣ୍ଡିଆ ମ୍ୟାଚ୍ ହାରିବାର ସବୁଠାରୁ ବଡ଼ କାରଣ ରହିଥିଲା।

ଏସିଆ କପ୍ ପାଇଁ ଟିମ୍ ଇଣ୍ଡିଆ ଘୋଷଣା କଲା ବିସିସିଆଇ : ସ୍ଥାନ ପାଇଲେ ସେହ୍ୱାଗ ଓ ଦ୍ରାବିଡ଼ଙ୍କ ପୁଅ

ନୂଆଦିଲ୍ଲୀ

ଅଣ୍ଡର-୧୯ ଏସିଆ କପ୍ ୨୦୨୬ ପାଇଁ ବିସିସିଆଇ ଟିମ୍ ଇଣ୍ଡିଆ ଘୋଷଣା କରିଛି। ନଭେମ୍ବର ୫ ରୁ ୧୪ ପର୍ଯ୍ୟନ୍ତ ଓମାନରେ ଅନୁଷ୍ଠିତ ହେବାକୁ ଥିବା ଏହି ବଡ଼ ଟୁର୍ଣ୍ଣାମେଣ୍ଟ ପାଇଁ ୧୫ ସଦସ୍ୟ ବିଶିଷ୍ଟ ଭାରତୀୟ ଅଣ୍ଡର-୧୯ ଦଳ ଚୟନ କରାଯାଇଛି। ଭାରତୀୟ ଦଳର ଅଧିନାୟକତ୍ୱ ରାୟଚନ୍ଦାନୀଙ୍କୁ ଦିଆଯାଇଥିବା ବେଳେ ଯଶବର୍ଦ୍ଧନ ସିଂ ଚୌହାନଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ସେହିପରି ଏହି ଦଳରେ ପୂର୍ବତନ ଭାରତୀୟ କ୍ରିକେଟର ରାହୁଲ ଦ୍ରାବିଡ଼ଙ୍କ ପୁଅ ଅନ୍ୱୟ ଦ୍ରାବିଡ଼ ଏବଂ ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ସେହ୍ୱାଗଙ୍କୁ ମଧ୍ୟ ସାମିଲ କରାଯାଇଛି।

ଅଣ୍ଡର-୧୯ ଏସିଆ କପ୍‌ରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଭାରତକୁ ୟୁଏଇ, ନେପାଳ ଓ ପାକିସ୍ତାନ ସହିତ ଗ୍ରୁପ୍-ଏରେ ରଖାଯାଇଥିବା ବେଳେ ଗ୍ରୁପ୍-ବିରେ ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ ଓ ମାଲେସିଆ ଦଳ ସାମିଲ ଅଛନ୍ତି। ଭାରତୀୟ ଦଳ ନଭେମ୍ବର ୬ ତାରିଖରେ ନେପାଳ ବିପକ୍ଷ ମ୍ୟାଚ୍‌ରୁ ନିଜର ଅଭିଯାନ ଆରମ୍ଭ କରିବ ଏବଂ ନଭେମ୍ବର ୮ ତାରିଖରେ ନିଜର ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ମୁହାଁମୁହିଁ ହେବ। ଉଭୟ ଗ୍ରୁପ୍‌ର ଶୀର୍ଷ-୨ଟି ଦଳ ସେମିଫାଇନାଲ୍‌ରେ ପହଞ୍ଚିବେ। ଯାହା ନଭେମ୍ବର ୧୨ ରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ୧୪ ନଭେମ୍ବରରେ ଅନୁଷ୍ଠିତ ହେବ।

ପୂର୍ବତନ ଭାରତୀୟ ଦିଗ୍‌ଗଜ ଓପନର୍ ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ସେହ୍ୱାଗଙ୍କୁ ଭାରତୀୟ ଅଣ୍ଡର-୧୯ ଦଳରେ ସାମିଲ କରାଯାଇଛି। ଆର୍ଯ୍ୟବୀର ନିକଟରେ ଖେଳାଯାଇଥିବା ଘରୋଇ ଅଣ୍ଡର-୧୯ ଟୁର୍ଣ୍ଣାମେଣ୍ଟ ଏବଂ ଇଣ୍ଡିଆ-ଏ ମ୍ୟାଚ୍‌ଗୁଡ଼ିକରେ ନିଜର ଆକ୍ରମଣାତ୍ମକ ତଥା ନିରନ୍ତର ବ୍ୟାଟିଂ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ନିଜ ପିତାଙ୍କ ଭଳି ବିସ୍ଫୋରକ ଅନ୍ଦାଜରେ ରନ୍ ସଂଗ୍ରହ କରିବାର କ୍ଷମତା ରଖୁଥିବା ଆର୍ଯ୍ୟବୀର ନିକଟ ଅତୀତର ମ୍ୟାଚ୍‌ଗୁଡ଼ିକରେ ଚମତ୍କାର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ବିଶ୍ୱାସ ଜିତିଛନ୍ତି। ଆଗାମୀ ଏସିଆ କପ୍‌ରେ ଭାରତର ଟପ୍ ଅର୍ଡରକୁ ମଜଭୁତ କରିବାର ଦାୟିତ୍ୱ ଆର୍ଯ୍ୟବୀରଙ୍କ କାନ୍ଧରେ ରହିବ।

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ଦିଗ୍‌ଗଜ ବ୍ୟାଟର ରାହୁଲ ଦ୍ରାବିଡ଼ଙ୍କ ପୁଅ ଅନ୍ୱୟ ଦ୍ରାବିଡ଼ଙ୍କୁ ଜଣେ ୱିକେଟ୍ କିପର-ବ୍ୟାଟର ଭାବେ ଦଳରେ ଚୟନ କରାଯାଇଛି। ଘରୋଇ ଏବଂ ଇଣ୍ଡିଆ ଅଣ୍ଡର-୧୯ ୱାର୍ମଅପ୍ ମ୍ୟାଚ୍‌ଗୁଡ଼ିକରେ ଅନ୍ୱୟ ନିଜର ଚମତ୍କାର ବ୍ୟାଟିଂ ଏବଂ ୱିକେଟ୍ ପଛରେ ଦମ୍‌ଦାର କିପିଂ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ନିଜ ପିତାଙ୍କ ଭଳି ଉତ୍କୃଷ୍ଟ ଟେକ୍ନିକ୍ ଏବଂ ଧୈର୍ଯ୍ୟପୂର୍ଣ୍ଣ ଶୈଳୀ ସହ ଖେଳୁଥିବା ଅନ୍ୱୟ ଚାପର ସମୟରେ ଗୁରୁତ୍ୱପୂର୍ଣ୍ଣ ପାରି ଖେଳି ଦଳରେ ନିଜ ସ୍ଥାନ ପକ୍କା କରିଛନ୍ତି।

ଭାରତୀୟ ଅଣ୍ଡର-୧୯ ଦଳ : ଲକ୍ଷ୍ୟ ରାୟଚନ୍ଦାନୀ (ଅଧିନାୟକ), ଆର୍ଯ୍ୟବୀର ସେହୱାଗ, ଭିକେ ବିନୀତ, ଯଶବର୍ଦ୍ଧନ ସିଂ ଚୌହାନ (ଉପ-ଅଧିନାୟକ), କୁଶାଗ୍ର ଓଝା, ଅର୍ଜୁନ ରାଜପୁତ, ମନାଲ ଚୌହାନ, ଅନ୍ୱୟ ଦ୍ରାବିଡ଼ (ୱିକେଟ୍ କିପର), ରଜତ ବଘେଲ (ୱିକେଟ୍ କିପର), ଭି. ଯଶବୀର, ଆର୍ଯ୍ୟନ ସବସାନୀ, ମୋହିତ ଉଲଭା, କାବ୍ୟା ପଟେଲ, ଶଭିନ ବିନୋଦ, ଇଶାନ ସୋଦ।

ଭେରେଭ୍ ହେଲେ ବିଶ୍ୱର ନୂଆ ୧ନଂ ଟେନିସ୍ ଖେଳାଳି

ଭିଏନା

ଜର୍ମାନୀର ଆଲେକ୍‌ଜାଣ୍ଡର ଭେରେଭ ବିଶ୍ୱର ନୂଆ ୧ ନମ୍ବର ଟେନିସ୍ ଖେଳାଳି ହୋଇଛନ୍ତି। ଆସନ୍ତା ସପ୍ତାହର ଘୋଷିତ ହେବାକୁ ଥିବା ଏଟିପି ମାନ୍ୟତାରେ ସେ ଇଟାଲିର ଜାନିକ ସିନ୍ନରଙ୍କୁ ପଛରେ ପକାଇବେ। ଗୁରୁବାର ଭିଏନା ଓପନ୍ ଟେନିସ୍ ପ୍ରତିଯୋଗିତାର ରାଉଣ୍ଡ-୧୬ରେ ଟାଲନ ଗ୍ରିକସ୍ପୁରଙ୍କୁ ହରାଇ ଏହା ନିଶ୍ଚିତ କରିଛନ୍ତି। ଚଳିତ ବର୍ଷ ଫ୍ରେଞ୍ଚ ଓ ୟୁଏସ୍ ଓପନ୍ ଜିତିଥିବା ଭେରେଭ ଶୀର୍ଷରେ ଥିବା ପ୍ରଥମ ଥର ଲାଗି ଏହି ସଫଳତା ପାଇବେ।

ଜାତୀୟ ଦଳରେ ସ୍ଥାନ ପାଇଁ ମହାଲଢ଼େଇ : କଳିଙ୍ଗ ଷ୍ଟାଡିୟମରେ ଚାଲିଛି କ୍ଲାଇମ୍ବିଂ ଚାମ୍ପିଅନସିପ୍

ଭୁବନେଶ୍ୱର

କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ମାନର ସ୍ପୋର୍ଟ କ୍ଲାଇମ୍ବିଂ ୱାଲ୍‌ରେ ଆରମ୍ଭ ହୋଇଛି 'ଇଷ୍ଟ ଜୋନ୍ ସ୍ପୋର୍ଟ କ୍ଲାଇମ୍ବିଂ ଚାମ୍ପିଅନସିପ୍-୨୦୨୬'। ଅକ୍ଟୋବର ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗରୁ ୧୨୦ ରୁ ଅଧିକ ଖେଳାଳି ଭାଗ ନେଇଛନ୍ତି।

ଭାରତୀୟ ପର୍ବତାରୋହଣ ଫାଉଣ୍ଡେସନ୍ (ଆଇଏମଏଫ)ର ଇଷ୍ଟର୍ଣ୍ଣ ଜୋନାଲ୍ କମିଟି, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ୍ (ଟିଏସଏଏଫ) କ୍ଲାଇମ୍ବିଂ ଏକାଡେମୀର ମିଳିତ ଆୟୋଜନରେ ଏହି ଚାମ୍ପିଅନସିପ୍ ଅନୁଷ୍ଠିତ ହେଉଛି।

ଆଇଏମଏଫ ଇଷ୍ଟ ଜୋନ୍‌ର ଅଧ୍ୟକ୍ଷ ଦେବରାଜ ଦତ୍ତ କହିଛନ୍ତି ଯେ, ଭାରତରେ ସ୍ପୋର୍ଟ କ୍ଲାଇମ୍ବିଂର ଲୋକପ୍ରିୟତା ଦ୍ରୁତଗତିରେ ବଢୁଛି। ଟୋକିଓ-୨୦୨୦ ଓ ପ୍ୟାରିସ୍-୨୦୨୪ ଅଲିମ୍ପିକ୍ସରେ ସାମିଲ ହେବା ସହ ଲସ୍ ଏଞ୍ଜେଲସ୍-୨୦୨୮ ଅଲିମ୍ପିକ୍ସରେ ମଧ୍ୟ ଏହି କ୍ରୀଡ଼ା ସ୍ଥାନ ପାଇବ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଇଷ୍ଟ ଜୋନ୍ ଗତ ପାଞ୍ଚଟି ଜାତୀୟ ଚାମ୍ପିଅନସିପ୍‌ରେ

କ୍ରମାଗତ ଭାବେ ଓଭରଅଲ୍ ଚାମ୍ପିଅନ ଟ୍ରଫି ହାସଲ କରିଛି। ଚଳିତ ବର୍ଷ ମଧ୍ୟ ଏହି ଗୌରବ ବଜାୟ ରଖିବାକୁ ଜୋନ୍ ପ୍ରତିବଦ୍ଧ। ଏହି ପ୍ରତିଯୋଗିତା ଆଗାମୀ ଜାତୀୟ ଚାମ୍ପିଅନସିପ୍ ପାଇଁ ଚୟନ ପ୍ରକ୍ରିୟା (ସିଲେକ୍ସନ୍) ଭାବେ କାର୍ଯ୍ୟ କରୁଛି। କଳିଙ୍ଗ ଷ୍ଟାଡିୟମରୁ କୃତି ପ୍ରତିଯୋଗୀମାନଙ୍କୁ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ କରାଯିବ।

୨୦୧୯ ଫେବୃୟାରୀ ୨୫ ତାରିଖରେ କଳିଙ୍ଗ ଷ୍ଟାଡିୟମର ସ୍ପୋର୍ଟ କ୍ଲାଇମ୍ବିଂ ୱାଲ୍‌ର ଉଦ୍‌ଘାଟନ ହୋଇଥିଲା। ଏଠାରେ ଶେଷ ଜାତୀୟସ୍ତରୀୟ ପ୍ରତିଯୋଗିତା ୨୦୨୦ ଜାନୁଆରୀରେ ଅନୁଷ୍ଠିତ ହୋଇଥିବାରୁ, ଦୀର୍ଘ ଛଅ ବର୍ଷ ପରେ ଏହି ସ୍ଥାନକୁ ଏକ ବଡ଼ ପ୍ରତିଯୋଗିତା ଫେରିଛି। ଓଡ଼ିଶାର ଖେଳାଳି ସାହିଲ କୁମାର ଦାସ, ଶୁଭ୍ରାଂଶୁ ଏସ୍. ମହାନ୍ତ, ସୁଭାଶିଷ ମହାନ୍ତି, ଦୁଷ୍ମନ୍ତ କୁମାର ହେମ୍ବ୍ରମ, ଶ୍ରଦ୍ଧା ସୁମନ ମହାରଣା ଏବଂ ବାସ୍ୱୀ କପୁର ଜାତୀୟ ସ୍ତରରେ ପଦକ ଜିତିବା ସହ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଭାରତର ପ୍ରତିନିଧିତ୍ୱ କରିସାରିଛନ୍ତି। ୨୦୨୫ ଆଇଏଫଏସସି ଏସିଆନ୍ କିଡ୍ସ ଚାମ୍ପିୟଅନସିପ୍‌ରେ ମଧ୍ୟ ସେମାନେ ଅଂଶଗ୍ରହଣ କରିଥିଲେ।

ଅନ୍ୟପଟେ, ଜାମସେଦପୁରସ୍ଥିତ ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ୍‌ର ଖେଳାଳି ଜୋଗା ପୁର୍ତ୍ତି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଆଇଚି ନାଗୋୟା ଏସିଆନ୍ ଗେମ୍ସ-୨୦୨୬ର ଚୟନ ପର୍ଯ୍ୟାୟରେ ସେ ସ୍ପିଡ୍ କ୍ଲାଇମ୍ବିଂରେ ୭.୨୮ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚାମ୍ପିଅନସିପ୍‌କୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ପ୍ରାୟୋଜକ ଓ ସହଯୋଗୀ ସଂସ୍ଥାଙ୍କୁ ଆଇଏମଏଫ ଇଷ୍ଟ ଜୋନ୍ ପକ୍ଷରୁ କୃତଜ୍ଞତା ଜଣାଯାଇଛି। ଏଥିସହିତ ଖେଳାଳି ଓ ଅଧିକାରୀମାନଙ୍କୁ କ୍ରୀଡ଼ା ମନୋଭାବ, ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ପରସ୍ପର ପ୍ରତି ସମ୍ମାନ ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଛି।

ବିଶ୍ୱ କୁସ୍ତିରେ ରୌପ୍ୟ ଜିତି ଇତିହାସ ରଚିଲେ କାଜଲ, ନୀଲମ

ଆସ୍ତାନା

ଭାରତୀୟ କୁସ୍ତିବିତ୍ କାଜଲ ଢୋଚାକ ଓ ନୀଲମ ସିରୋହି ଏଠାରେ ଚାଲିଥିବା ବିଶ୍ୱ କୁସ୍ତି ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତି ଇତିହାସ ରଚିଛନ୍ତି। ପ୍ରଥମ ଥର ଲାଗି ଗୋଟିଏ ସଂସ୍କରଣରେ ୨ ଜଣ ଭାରତୀୟ ମହିଳା ରୌପ୍ୟ ପଦକ ଜିତିବାର ଗୌରବ ପାଇଛନ୍ତି। ପୂର୍ବରୁ ଏକ ମାତ୍ର ଭାରତୀୟ ମହିଳା କୁସ୍ତିବିତ୍ ଭାବେ ଅଂଶୁ ମଲ୍ଲିକ ୨୦୨୧ ସଂସ୍କରଣରେ ଫାଇନାଲ୍‌ରେ ପହଞ୍ଚିଥିଲେ।

ମହିଳା ୭୬ କିଲୋଗ୍ରାମ ଫାଇନାଲ୍‌ରେ ବରିଷ୍ଠ ବିଶ୍ୱପ୍ରତିଯୋଗିତାରେ ପଦାର୍ପଣ କରିଥିବା ୧୮ ବର୍ଷୀୟା କାଜଲ କଡ଼ା ସଂଘର୍ଷ କରି ୬-୮ରେ ତିନି ଥର ୟୁରୋପୀୟ ବିଜୟିନୀ ୟୁକ୍ରେନ୍‌ର ଆନାସ୍ତାସିୟା ଆଲ୍‌ପେୟେଭାଙ୍କଠୁ ହାରି ଯାଇଥିଲେ।

ସେମିଫାଇନାଲ୍‌ରେ ସେ ୧-୭ରେ ପଛରେ ରହିବାର ପରେ ପ୍ରତ୍ୟାବର୍ତ୍ତନ କରି ୧୦-୭ରେ କିର୍ଗିଜସ୍ତାନର ଅଇପେରି ମେଦେତ କିଜିଙ୍କୁ ହରାଇଥିଲେ। ସେହିଭଳି ୫୦ କିଲୋଗ୍ରାମ୍‌ରେ ୨୬ ବର୍ଷୀୟା ନୀଲମ ୦-୫ରେ ୪ ଥର ବିଶ୍ୱ ବିଜୟିନୀ ଜାପାନର ୟୁଇ ସୁସାକିଙ୍କଠୁ ହାରି ଯାଇ ଥିଲେ। ସେମିରେ ସେ କାଜାଖସ୍ତାନର ଜିନେପ ବେୟାନୋଭାଙ୍କୁ ୭-୩ରେ ମାତ୍ ଦେଇଥିଲେ।

ଗଞ୍ଜାମ ଓ ଗଜପତିରେ ବନ୍ୟା ପରିଚାଳନାରେ ବିଜେପି ସରକାର ସମ୍ପୂର୍ଣ୍ଣ ଫେଲ ମାରିଛି : ବିଜେଡି

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପ୍ରବଳ ବର୍ଷା ଓ ସମ୍ଭାବ୍ୟ ବନ୍ୟା ସମ୍ପର୍କରେ ଆଗୁଆ ସତର୍କ ସୂଚନା ଜାରି ହୋଇଥିବା ସତ୍ତ୍ୱେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି କରିବାରେ ସରକାରଙ୍କ ବିଫଳତାକୁ ନେଇ ତୀବ୍ର ସମାଲୋଚନା କରିଛି ବିଜେଡି। ଶୁକ୍ରବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ଉପସଭାପତି ତଥା ଓଡ଼ିଶା ବିଧାନସଭାରେ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ବିଜେଡି ଉପସଭାପତି ପ୍ରତାପ ଜେନା, ସରକାରଙ୍କ ପ୍ରସ୍ତୁତି ଓ ବନ୍ୟା ପରିସ୍ଥିତିର ମୁକାବିଲା ନେଇ ପ୍ରଶ୍ନ ଉଠାଇଥିଲେ।

ପ୍ରମିଳା ମଲ୍ଲିକ କହିଥିଲେ ଯେ, ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ଗଞ୍ଜାମ ଓ ଗଜପତିରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସରକାର ଯଦି ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତେ, ତେବେ ଏପରି ଅବସ୍ଥା ହୋଇନଥାନ୍ତା। ବିଶେଷକରି ଜଳଭଣ୍ଡାର ପରିଚାଳନା, ଜଳ ନିଷ୍କାସନର ବ୍ୟବସ୍ଥା ଏବଂ ଦୁର୍ବଳ

ନଦୀବନ୍ଧ ଗୁଡ଼ିକର ମରାମତି ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ଥିଲା। ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅବୈଧ ବାଲି ଉତ୍ତୋଳନ ଯୋଗୁଁ ଅନେକ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଥିଲା, ଯାହାଫଳରେ ବନ୍ୟା ବିଭୀଷିକା ସୃଷ୍ଟି ହେଲା। ଅତ୍ୟଧିକ ବର୍ଷା ହେବା ନେଇ ଆଗୁଆ ସୂଚନା ଥିବା ସତ୍ତ୍ୱେ ସରକାର କାହିଁକି ଆଗୁଆ ପଦକ୍ଷେପ ନେଲେ ନାହିଁ? ବନ୍ୟା ବିପନ୍ନ ଲୋକଙ୍କୁ ସହାୟତା ଯୋଗାଇବା ଦେବା ପରିବର୍ତ୍ତେ ସରକାର ନିଜ ପ୍ରଚାର ଓ ପ୍ରସାରରେ ବ୍ୟସ୍ତ। ବନ୍ୟା ପ୍ରଭାବିତ ଅଞ୍ଚଳରୁ ପ୍ରାୟ ୫୦ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଥିବା ନେଇ ସରକାର ଦାବି କରୁଛନ୍ତି। କିନ୍ତୁ ଉଦ୍ଧାର କାର୍ଯ୍ୟରେ କେତୋଟି ହେଲିକପ୍ଟର ନିୟୋଜିତ ହୋଇଥିଲା ଓ ବନ୍ୟା ବିପନ୍ନ ଲୋକଙ୍କୁ କେତେ ସହାୟତା ଯୋଗାଇ ଦିଆଇଯାଇଛି, ତାହା ସାର୍ବଜନୀନ କରନ୍ତୁ ସରକାର। ବନ୍ୟା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ତୁରନ୍ତ ରନ୍ଧାଖାଦ୍ୟା ପହଞ୍ଚାଇବା ସହ ରିଲିଫ ଓ ଥଇଥାନ ବ୍ୟବସ୍ଥାକୁ ତ୍ୱରାନିତ କରନ୍ତୁ ରାଜ୍ୟ ସରକାର।

ପ୍ରତାପ ଜେନା କହିଥିଲେ ଯେ, ଗଞ୍ଜାମ ଓ ଗଜପତି ଜିଲ୍ଲାର ହଜାର ହଜାର ଲୋକ ବନ୍ୟା ଯୋଗୁଁ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ସରକାରଙ୍କ ପ୍ରସ୍ତୁତିକୁ ନେଇ ଦାବି ଓ ବାସ୍ତବ ସ୍ଥିତି ମଧ୍ୟରେ ଆକାଶପାତାଳ ପାର୍ଥକ୍ୟ ରହିଛି। ଅନେକ ବନ୍ୟା ବିପନ୍ନ ପରିବାର ପାଖରେ ରିଲିଫ୍ ସାମଗ୍ରୀ ପହଞ୍ଚିପାରି ନାହିଁ। ସରକାର ତୁରନ୍ତ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବନ୍ୟା ପ୍ରଭାବିତ ଲୋକଙ୍କୁ ବିନା ପକ୍ଷପାତିତାରେ ସହାୟତା ଯୋଗାଇ ଦିଅନ୍ତୁ। ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ଅତ୍ୟାବଶ୍ୟକ ସାମଗ୍ରୀ ସମୟୋଚିତ ଭାବେ ବଣ୍ଟନ କରାଯାଉ। ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ପରିବାର ଗୁଡ଼ିକୁ ଯଥେଷ୍ଟ କ୍ଷତିପୂରଣ ପ୍ରଦାନ କରନ୍ତୁ ସରକାର। ଦୁର୍ବଳ ନଦୀବନ୍ଧ ଗୁଡ଼ିକର ତୁରନ୍ତ ମରାମତି ଓ ସୁଦୃଢ଼ୀକରଣ କରାଯାଉ। ଅବୈଧ ବାଲି ଉତ୍ତୋଳନ କରି ନଦୀବନ୍ଧ କ୍ଷତିଗ୍ରସ୍ତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସରକାର ଯଦି ବନ୍ୟା ପ୍ରଭାବିତ ଲୋକଙ୍କ ପ୍ରତି ଅବହେଳା କରିବେ, ତେବେ ବିଜୁ ଜନତା ଦଳ ସରକାରଙ୍କ ବିରୋଧରେ ନିଜର ଗଣତାନ୍ତ୍ରିକ ଆନ୍ଦୋଳନକୁ ଆହୁରି ତୀବ୍ର କରିବ। ମୁଖ୍ୟମନ୍ତ୍ରୀ ଓ ସମ୍ପୃକ୍ତ ମନ୍ତ୍ରୀମାନେ ରାଜନୈତିକ ବିଚାରଧାରାରୁ ଊର୍ଦ୍ଧ୍ୱରେ ରହି ଗଞ୍ଜାମ ଓ ଗଜପତି ଜିଲ୍ଲାର ଲୋକଙ୍କ ସୁରକ୍ଷା, ଜୀବିକା ଓ ଥଇଥାନକୁ ପ୍ରାଥମିକତା ଦିଅନ୍ତୁ।

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-301

କାର୍ଯ୍ୟର ନାମ: ତିନି ବର୍ଷର ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ବିଭିନ୍ନ ସ୍ଥାନରେ ଥିବା ବିଦ୍ୟୁତ (ସାମାନ୍ୟ) ବିଭାଗର ଜେନେରେଟର୍ ସେଟଗୁଡ଼ିକର ବ୍ୟାପକ ରକ୍ଷଣାବେକ୍ଷଣ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹46,78,278.29, **EMD :** ₹ 93,600.00, **କାର୍ଯ୍ୟ ଶେଷ ହେବା ଅବଧି :** ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 36 (ଛତିଶ) ମାସ/ ତିନି (03) ବର୍ଷ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.17.11.2026 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR- 519/R/26-27

ପୂର୍ବ ତଟ ରେଳପଥ

ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-Parking Stands

ଷ୍ଟେସନ ଏବଂ ସ୍ଥାନ : (1) ଯାଜପୁର କେନ୍ଦୁଝର ରୋଡ଼ ମିଶ୍ରିତ (2 ଚକିଆ ଓ 4 ଚକିଆ ଯାନ (ପ୍ଲାଟ ଫର୍ମ-1 ନିକଟ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 10.11.2026, 1500 ଘଟିକା (କ୍ରମ ସଂ. 1 ପାଇଁ)।

ନିଲାମ ବନ୍ଦ ହେବା ତାରିଖ ଓ ସମୟ : 10.11.2026, 1530 ଘଟିକା (କ୍ରମ ସଂ. 1 ପାଇଁ)।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ରିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR- 521/R/26-27

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-751001
13001/2303/2627

ପତ୍ର ସଂଖ୍ୟା- ୨୨୬୨୭ / ଭୁ.ଉ.କ., ଭୁବନେଶ୍ୱର, URC-163/88 — **ସୂଚନା** — ତା ୨୩.୧୦.୨୦୨୬ ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ-S-5/477 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୬୨୮୨/ ଏ.ଏଲ ତା-୧୩.୦୭.୨୦୦୯ରିଖ ଅନୁଯାୟୀ ପ୍ରିତିଲତା ଦାସଙ୍କ ନାମରୁ **ଶ୍ରୀ ସୁରେନ୍ଦ୍ର ଜେନା, ପିତା-ସ୍ୱର୍ଗତ ବିଶ୍ୱନାଥ ଜେନା, ଗ୍ରା-ଜୟପୁରପାଟଣା, ପୋଷ୍ଟ-ଇଟିପୁର, ଥାନା-ଲିଙ୍ଗରାଜ, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ** ନାମରେ ଆବଣ୍ଟନ କରାଯାଇଥିଲା।

ଇତି ମଧ୍ୟରେ **ସୁରେନ୍ଦ୍ର ଜେନା** ଗତ ତା-୧୬.୦୫.୨୦୧୯ରିଖରେ ମୃତ୍ୟୁବରଣ କରିଅଛନ୍ତି। **Death Certificate Registration No. 3921/2019** dated 06.06.2019, **Legal heir certificate No.e-LHC/905 of 2019** ଅନୁଯାୟୀ ସୁରେନ୍ଦ୍ର ଜେନାଙ୍କର ଉତ୍ତରାଧିକାରୀ (୧) ଶ୍ରୀ ଶିଶିର ଚନ୍ଦ୍ର ଜେନା (ପୁତ୍ର), (୨) ଶ୍ରୀ ସୁଶିଲ କୁମାର ଜେନା (ପୁତ୍ର), (୩) ଶ୍ରୀ ସୁଶାନ୍ତ କୁମାର ଜେନା (ପୁତ୍ର) ଓ (୪) ସଂଘମିତ୍ରା ଜେନା (ବିବାହିତା କନ୍ୟା) ଅଟନ୍ତି। ବର୍ତ୍ତମାନ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟର ମାଲିକାନାସତ୍ୱ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13001/13033/1/26-27/0170

କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
13001/2305/2627

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର -8 ରେ ପ୍ଲଟ୍ ନଂ-8-1C/32 ଟିକୁ ଶ୍ରୀ ଦାଶରଥି ଶତପଥି, ପିତା-୰ଲୋକନାଥ ଶତପଥୀ, ସା-ସୁକୀଡ଼ା, ପୋ-ମାଛଗାଁ, ଥା-ବାଲିକୁଦା, ଜିଲ୍ଲା-ଜଗତସିଂହପୁର, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଦାଶରଥି ଶତପଥି ଉକ୍ତ ପ୍ଲଟ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ ପୁତ୍ର ଶ୍ରୀ ବ୍ୟୋମକେଶ ଶତପଥି, ପିତା-ଦାଶରଥି ଶତପଥୀ, ସା-ସୁକୀଡ଼ା, ପୋ-ମାଛଗାଁ, ଥା-ବାଲିକୁଦା, ଜିଲ୍ଲା-ଜଗତସିଂହପୁର, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0132 ସ୍ୱା/-ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

GOVERNMENT OF ODISHA
OFFICE OF THE PANCHAYAT SAMITI, TITILAGARH, BALANGIR
Email-ori-titilagarh@nic.in
INVITATION OF BIDS THROUGH e-Procurement
E-Tender Call Notice No. 03/TLG/2026-27.
Letter No.3864/dtd. 28/10/2026
19001/315/2627

1. The BDO Titilagarh Block, Balangir Dist. on behalf of the Governor of Odisha invites percentage rate bid in Single cover system in ONLINE MODE for construction of Building work detailed in the table below from eligible contractors.
2. Nature of work : Civil Work
3. No of tender : 1 Nos. of New Building Work
4. Tender paper cost : Rs. 10,000/-
5. E.M.D Value & Period of Work Completion : Rs 53,374/- & (8 Months)
6. Class of Contractor (as per DTCN) : "B" Class (Registered With CDMS)
7. Date & Time of sale & Receipt of Bids : From Dt.05/11/2026, 10.00 A.M to Dt. 20/11/2026 up to 5.00P.M
8. Date of Bid Opening : Dt. 21/11/2026 at 10.00 A.M
9. The bidders have to participate in ONLINE bidding only. Further details can be seen from the website: http://tendersodisha.gov.in.

Sd/- CHANDRAMANI NAG
B.D.O,Titilagarh

OIPR-19001/19301/1/26-27/0003

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଚାଷୀଙ୍କ ଖାତାକୁ ...

ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି 'ଚାରପାଇ' (ପାରମ୍ପରିକ ଖଟିଆ) ଉପରେ ବସିଛନ୍ତି। ବନାସକାଣ୍ଠା ଆମ ଗ୍ରାମୀଣ ପରମ୍ପରାକୁ ପୁନର୍ଜୀବିତ କରିଛି। ଯଦି ଏ ବିଷୟରେ ଗିନିଜ ୱାର୍ଲଡ ରେକର୍ଡସକୁ ଜଣାଯାଇଥାନ୍ତା, ତେବେ ସେମାନେ ନିଶ୍ଚିତ ଭାବରେ ଏହାକୁ ଏକ ବିଶ୍ୱ ରେକର୍ଡ ଭାବରେ ସ୍ୱୀକୃତି ଦେଇଥାନ୍ତେ।' ପ୍ରଧାନମନ୍ତ୍ରୀ ମୋଦୀ କହିଲେ, 'ଆଜି ଏଠାରେ ମହିଳା, ଶିଶୁ, କୃଷକ ଏବଂ ପଶୁପାଳକମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଅନେକ ପ୍ରକଳ୍ପର ଉଦଘାଟନ କିମ୍ବା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ସହିତ, ଦେଶବ୍ୟାପୀ କୋଟି କୋଟି କ୍ଷୁଦ୍ର ଚାଷୀଙ୍କ ଆକାଉଣ୍ଟକୁ 'ପିଏମ କିଷାନ ସମ୍ମାନ ନିଧି'ର ଏକ ନୂତନ କିସ୍ତି ମଧ ପହଞ୍ଚିଛି।' ସେ ଆହୁରି ମଧ କହିଲେ, "ବନାସକାଣ୍ଠା ଦେଶର ପରମ୍ପରାକୁ ଜୀବନ୍ତ ରଖିଛି। ଆମର କୃଷକମାନେ ଯେଉଁମାନେ ଆମକୁ ଅନ୍ନ ଯୋଗାନ୍ତି ସେମାନେ 'ବିକଶିତ ଭାରତ'ର ଅନ୍ୟତମ ମଜଭୁତ ସ୍ତମ୍ଭ । ଆମ ସରକାର କୃଷକମାନଙ୍କ ସଶକ୍ତିକରଣକୁ ପ୍ରାଥମିକତା ଦେଇଛନ୍ତି। ୨୦୧୩ ମସିହା ତୁଳନାରେ ଆଜି କୃଷି ବଜେଟ ପାଞ୍ଚ ଗୁଣ ବୃଦ୍ଧି ପାଇଛି। 'ପିଏମ କିଷାନ ସମ୍ମାନ ନିଧି' କୋଟି କୋଟି କୃଷକଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି।' ସେ କହିଲେ, 'ଗତ କିଛି ବର୍ଷ ମଧ୍ୟରେ, ଆମ ସରକାରଙ୍କ ନୀତି ଯୋଗୁ ଚାଷୀମାନେ ୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଲାଭ ପାଇଛନ୍ତି କିମ୍ବା ସଞ୍ଚୟ କରିପାରିଛନ୍ତି। 'ପିଏମ କିଷାନ ସମ୍ମାନ ନିଧି' ଯୋଜନା ଅଧୀନରେ, କ୍ଷୁଦ୍ର ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୪.୫ ଲକ୍ଷ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି।' ପ୍ରଧାନମନ୍ତ୍ରୀ ମୋଦୀ କହିଲେ, 'ସ୍ୱାଧୀନତା ପରଠାରୁ କ୍ଷୁଦ୍ର ଚାଷୀଙ୍କ ଆବଶ୍ୟକତାକୁ କେବେବି ବୁଝାଯାଇ ନଥିଲା; ସେମାନଙ୍କ ସହ କେବେ ପରାମର୍ଶ ମଧ କରାଯାଇ ନଥିଲା। ଯଦିଓ ଦେଶର ମୋଟ କୃଷକ ସମ୍ପ୍ରଦାୟ ମଧ୍ୟରେ ସେମାନଙ୍କ ସଂଖ୍ୟା ୮୫ ପ୍ରତିଶତ । ଆମ ସରକାର ଏହି ଚାଷୀମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ପୂର୍ବ ସରକାରଗୁଡ଼ିକ ସର୍ବନିମ୍ନ ସମର୍ଥନ ମୂଲ୍ୟ ବିଷୟରେ ସେମାନଙ୍କୁ ପ୍ରତାରିତ କରିଥିଲେ, କିନ୍ତୁ ଆମ ସରକାର ଏମ୍‌ଏସ୍‌ପି ସମ୍ବନ୍ଧୀୟ ନିଜ ପ୍ରତିଶ୍ରୁତି ପୂରଣ କରିଛନ୍ତି। ଏମ୍‌ଏସ୍‌ପି ବ୍ୟବସ୍ଥା ମାଧ୍ୟମରେ ଚାଷୀମାନଙ୍କ ଖାତାକୁ ୨୪ ଲକ୍ଷ କୋଟି ଟଙ୍କା ଜମା କରାଯାଇଛି।'

ଓଡ଼ିଶାର ୩୫ ...

ବିଭିନ୍ନ ପ୍ରାନ୍ତର କୃଷକମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ସିଧାସଳଖ କଥା ମଧ ହୋଇଥିଲେ, ଯାହାକି କୃଷକ ମହଲରେ ବେଶ୍ ଉତ୍ସାହ ସୃଷ୍ଟି କରିଥିଲା। ଏହି ଜାତୀୟ କାର୍ଯ୍ୟକ୍ରମ ଅବସରରେ ଓଡ଼ିଶାର ୩୫ ଲକ୍ଷ ୩୮ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ କୃଷକଙ୍କ ବ୍ୟାଙ୍କ ଜମାଖାତାକୁ ଡିବିଟି ଜରିଆରେ ୨ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଭାବରେ ସମୁଦାୟ ୭୦୭.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଏବଂ ମଣ୍ଡି ସ୍ତରରେ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆମ ପାଇଁ କୃଷକ ସମାଜ କେବଳ ଚାଷୀ ନୁହନ୍ତି, ସେମାନେ ଆମ ପାଇଁ ଅନ୍ନଦାତା। ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଛନ୍ତି ଯେ, ରାଜ୍ୟର କୌଣସି ଜଣେ ବି ଯୋଗ୍ୟ କୃଷକ ଯେପରି ଏହି ଯୋଜନାର ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆମ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ଚାଷୀଭାଇମାନେ ସେମାନଙ୍କର ନିକଟସ୍ଥ ରାଜସ୍ୱ କାର୍ଯ୍ୟାଳୟ କିମ୍ବା କୃଷି କାର୍ଯ୍ୟାଳୟକୁ ଯାଇ ଆଗ୍ରିଷ୍ଟାକ୍ ପୋର୍ଟାଲରେ ତୁରନ୍ତ ପଞ୍ଜିକରଣ କରାଇନେବାକୁ ସେ ଅନୁରୋଧ କରିଥିଲେ। କୃଷକମାନଙ୍କ ଉନ୍ନତି ଓ ଆର୍ଥିକ ବିକାଶ ହିଁ ଓଡ଼ିଶାର ସାମଗ୍ରୀକ ବିକାଶକୁ ଆଗକୁ ନେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ଯୋଜନା ସହିତ ତାଳ ଦେଇ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ସିଏମ୍ କିଷାନ ଯୋଜନା କାର୍ଯ୍ୟକ୍ରମ କରୁଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଷିକ ୪ ହଜାର ଟଙ୍କା ଏବଂ ଭୂମିହୀନ କୃଷି ପରିବାରକୁ ଜୀବନଜୀବିକା ସହାୟତା ବାବଦରେ ୧୨,୫୦୦ ଟଙ୍କା ପ୍ରଦାନ କରାଯାଉଛି। ଏଥିରେ ସହରାଞ୍ଚଳର ଚାଷୀ ଏବଂ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀର ଚାଷୀମାନଙ୍କୁ ମଧ ସାମିଲ କରାଯାଇଛି। ସେହିପରି ସିଏମ୍ କିଷାନ ହିତାଧିକାରୀଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ଉଦ୍ଦିଷ୍ଟ କୃଷି ବିଦ୍ୟାନିଧି ଯୋଜନା ଅଧୀନରେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁସଙ୍ଗିକ ବୈଷୟିକ ପାଠ୍ୟକ୍ରମ ପଢ଼ିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ୨୦୨୪-୨୫ରେ ୧୩,୯୨୩ ପିଲାଙ୍କୁ ୫୩.୬୯ କୋଟି ଟଙ୍କା କୃଷି ବିଦ୍ୟାନିଧି ବୃତ୍ତି ଦିଆଯାଇଥିବା ବେଳେ ୨୦୨୫-୨୬ରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରି ୬୮,୯୧୦ ପିଲାଙ୍କୁ ୨୯୧.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ପୂର୍ବ ବର୍ଷ ଅପେକ୍ଷା ଏହି ପରିମାଣ ପ୍ରାୟ ୫ ଗୁଣ ବୃଦ୍ଧି ହୋଇଛି। ଚଳିତ ଶିକ୍ଷାବର୍ଷରେ ରେକର୍ଡ ସଂଖ୍ୟକ ମେଧାବୀ ଛାତ୍ରଛାତ୍ରୀଙ୍କୁ କୋଟି କୋଟି ଟଙ୍କାର ଅର୍ଥରାଶି ଛାତ୍ରବୃତ୍ତି ବାବଦରେ ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହା ରାଜ୍ୟର କୃଷି ଇତିହାସରେ ଏକ ଅଭୂତପୂର୍ବ ସଫଳତା। ସେ ଆହୁରି ମଧ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଚଳିତ ବର୍ଷ ଲକ୍ଷାଧିକ ଚାଷୀ ପଞ୍ଜିକରଣ କରିଛନ୍ତି। ଏହାଦ୍ୱାରା ଅନ୍ନଦାତାମାନଙ୍କ ମୁହଁରେ ଆଜି ଆନନ୍ଦର ଲହରି ଖେଳିଯାଇଛି। ବିଗତ ଦିନରେ ଲଗାଣ ବର୍ଷା, ବନ୍ୟା ଏବଂ ସାମ୍ପ୍ରତିକ ବାତ୍ୟା ପରବର୍ତ୍ତୀ ବର୍ଷା ଯୋଗୁଁ ରାଜ୍ୟର କେତେକ ଜିଲ୍ଲାରେ ଫସଲ ନଷ୍ଟ ହୋଇଥିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଦୃଢ଼ ଆଶ୍ୱାସନା ଦେଇ କହିଛନ୍ତି ଯେ, ଯେତେ ବିପତ୍ତି ଆସୁ ନ କାହିଁକି, ଆପଣଙ୍କ ସରକାର ଓ ମୁଖ୍ୟମନ୍ତ୍ରୀ ସର୍ବଦା ଆପଣଙ୍କ ଦୁଃଖସୁଖରେ ସାଥୀ ହୋଇ ଠିଆ ହୋଇଛନ୍ତି। କ୍ଷତିଗ୍ରସ୍ତ ଫସଲର ଆକଳନ କରାଯାଇ ନିୟମାନୁଯାୟୀ ଚାଷୀମାନଙ୍କୁ ଯଥାଶୀଘ୍ର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜର ବକ୍ତବ୍ୟ ରଖି କହିଥିଲେ ଯେ, ରାଜ୍ୟରେ କୃଷକଙ୍କ ସର୍ବାଙ୍ଗୀନ କଲ୍ୟାଣ ପାଇଁ ପିଏମ୍ କିଷାନ ଏବଂ ସିଏମ୍ କିଷାନ ଭଳି ଅନେକ ଯୁଗାନ୍ତକାରୀ ଯୋଜନାମାନ ସଫଳତାର ସହ ପ୍ରଣୟନ କରାଯାଇଛି। ସାମ୍ପ୍ରତିକ 'ଅର୍ଣ୍ଣବ' ବାତ୍ୟା ଯୋଗୁଁ ସୃଷ୍ଟ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ କ୍ଷୟକ୍ଷତିର ଆକଳନ ଅନୁଯାୟୀ ଅତିଶୀଘ୍ର ସହାୟତା ରାଶି ଯୋଗାଇ ଦିଆଯିବ। ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକର ମୁକାବିଲା ସମୟରେ ରାଜ୍ୟ ସରକାର ସବୁବେଳେ ଚାଷୀଙ୍କ ସାଥିରେ ଅଛନ୍ତି ଏବଂ ରହିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ବିଭାଗୀୟ ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ସୁବ୍ରତ କୁମାର ପଣ୍ଡାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବନ୍ୟାରେ ଭାସିଯାଇଥିବା...

ଏହି ଘଟଣାରେ କୌଣସି କୃଷ୍ଣସାର ମୃଗଙ୍କ ମୃତ୍ୟୁ ଘଟିଥିବାର ସୂଚନା ମିଳିନାହିଁ। ସମସ୍ତେ ସୁରକ୍ଷିତ ଅଛନ୍ତି।

ଦକ୍ଷିଣ ଓଡ଼ିଶାରେ...

ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବନ୍ୟା ସ୍ଥିତି ଓ କ୍ଷୟକ୍ଷତିର ତଦାରଖ କରିଛନ୍ତି। ଜଳପ୍ରଳୟ ଯୋଗୁ ଜଳବନ୍ଦୀ ଅବସ୍ଥାରେ ଥିବା ପ୍ରଭାବିତଙ୍କ ପାଖରେ ଖାଦ୍ୟ ସାମଗ୍ରୀ ପହଞ୍ଚାଇବାକୁ ପ୍ରଶାସନ ଏବେ ପ୍ରାଥମିକତା ଦେଇ ଏୟାର ଡ୍ରପିଂ କରାଉଛି। ଆଉ ଏସବୁ ମଧ୍ୟରେ ଆସନ୍ତା ନଭେମ୍ବର ୨ ତାରିଖରେ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସି କ୍ଷୟକ୍ଷତିର ଆକଳନ କରିବେ ବୋଲି ଜଣାପଡ଼ିଛି। ଆକାଶମାର୍ଗରୁ ପରିସ୍ଥିତିର ଆକଳନ କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ବିପତ୍ତି ସମୟରେ ରାଜ୍ୟବାସୀଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ମୋର ସର୍ବୋଚ୍ଚ ପ୍ରାଥମିକତା। ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଆକାଶମାର୍ଗରୁ ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରଭାବିତ ଅଞ୍ଚଳଗୁଡ଼ିକର ସ୍ଥିତି ଅନୁଧ୍ୟାନ କଲି। ପ୍ରଭାବିତଙ୍କ ନିକଟରେ ଖାଦ୍ୟ, ପାନୀୟ ଜଳ ଓ ଜରୁରୀ ସ୍ୱାସ୍ଥ୍ୟସେବା ଯେପରି ବିନା ବାଧାରେ ପହଂଚିପାରିବ, ସେଥିପାଇଁ ସମଗ୍ର ପ୍ରଶାସନ ଅହୋରାତ୍ର କାର୍ଯ୍ୟ କରୁଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛି। ଏଥିସହ ବିପର୍ଯ୍ୟସ୍ତ ରାସ୍ତାଘାଟର ପୁନରୁଦ୍ଧାର, ବିଦ୍ୟୁତ ସରବରାହ ସ୍ୱାଭାବିକ କରିବା ଓ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ପାଇଁ ପ୍ରଶାସନକୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କଠିନ ସମୟରେ ସରକାର ଦୃଢ଼ତାର ସହ ସହ ଛିଡ଼ା ହୋଇ ରହିଛନ୍ତି। ପ୍ରଭାବିତ ଅଞ୍ଚଳ ଲୋକମାନଙ୍କୁ ସାହସ ରଖି ସୁରକ୍ଷିତ ସ୍ଥାନରେ ରହିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେବା ସହ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳଙ୍କ ସୂଚନାକୁ ଅନୁସରଣ କରି ପରସ୍ପରକୁ ସହଯୋଗର ହାତ ବଢ଼ାଇବାକୁ କହିଛନ୍ତି। ସମସ୍ତେ ମିଳିତ ଭାବେ ଏହି ସଙ୍କଟରୁ ଖୁବଶୀଘ୍ର ବାହାରିବା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ରାଜ୍ୟରେ ବନ୍ୟା ପରିସ୍ଥିତିକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସହ ଫୋନରେ କଥା ହେବା ପରେ କେନ୍ଦ୍ର ସରକାର ତୁରନ୍ତ ସହାୟତା ଓ ହେଲିକପ୍ଟର ଯୋଗାଇ ଦେଇଛନ୍ତି ତଥା ରାଜ୍ୟର ପୂରା ପ୍ରଶାସନିକ ଟିମ୍ ସଜାଗ ରହି ଲୋକଙ୍କ ସେବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ବାତ୍ୟା ଓ ବନ୍ୟା କ୍ଷୟକ୍ଷତିର ପ୍ରତ୍ୟକ୍ଷ ଆକଳନ ପାଇଁ ଆସନ୍ତା ନଭେମ୍ବର ୨ ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତ କରି କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିବା ସହ ଜିଲ୍ଲାପାଳ ଓ ଅଧିକାରୀମାନଙ୍କ ସଙ୍ଗେ ବୈଠକ କରି ରିପୋର୍ଟ ପ୍ରସ୍ତୁତ କରିବେ। ସେହିପରି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ପ୍ରବଳ ବର୍ଷା ଯୋଗୁଁ ଅନେକ ଗାଁରେ ଘରର ତଳ ମହଲା ପର୍ଯ୍ୟନ୍ତ ବନ୍ୟାପାଣି ପଶିଯାଇ ଚାରିଆଡ଼ ଜଳାର୍ଣ୍ଣବ ହୋଇପଡ଼ିଛି। ଏଭଳି ସଙ୍କଟଜନକ ସ୍ଥିତିରେ ଉଦ୍ଧାର କାର୍ଯ୍ୟ ପାଇଁ କୋଷ୍ଟଗାର୍ଡ ହେଲିକପ୍ଟର ନିୟୋଜିତ କରାଯାଇ ଗୁରୁତର ରୋଗୀମାନଙ୍କୁ ଏୟାରଲିଫ୍ଟ କରି ତୁରନ୍ତ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ଏହାସହିତ ନୌସେନାର ହେଲିକପ୍ଟର ଯୋଗେ ବିଭିନ୍ନ ଜଳବନ୍ଦୀ ଅଞ୍ଚଳରେ ରିଲିଫ୍ ଓ ଶୁଖିଲା ଖାଦ୍ୟ ସାମଗ୍ରୀ ଏୟାର ଡ୍ରପିଂ କରାଯାଉଛି। କୌଣସି ବି ପ୍ରଭାବିତ ପରିବାର କିମ୍ବା ବ୍ୟକ୍ତି ଯେପରି ଅନାହାରରେ ନରୁହନ୍ତି ଓ ପ୍ରତ୍ୟେକ ବନ୍ୟା ବିପନ୍ନଙ୍କ ପାଖରେ ରନ୍ଧା ଖାଦ୍ୟ କିମ୍ବା ଶୁଖିଲା ଖାଦ୍ୟ ପ୍ୟାକେଟ୍ ନିଶ୍ଚିତ ଭାବେ ପହଞ୍ଚେ, ତାହା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଜିଲ୍ଲାପାଳ ଓ ଆରଡିସିଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ରିଲିଫ୍ ବଣ୍ଟନ ପାଇଁ ଗଞ୍ଜାମ ଜିଲ୍ଲାରେ ୨୧ଟି ସ୍ଥାନ ଚିହ୍ନଟ କରାଯାଇଛି। ନୌସେନାର ହେଲିକପ୍ଟର, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ରିଲିଫ୍ ବଣ୍ଟନ କରୁଛନ୍ତି। କେବଳ ହିଞ୍ଜିଳି ଅଞ୍ଚଳରେ ୧୨୦୦ କେଜିର ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଇଛି। କୋଷ୍ଟଗାର୍ଡ ହେଲିକପ୍ଟର ସହାୟତାରେ ପାଣି ଘେରରୁ ୬ଜଣଙ୍କୁ ଉଦ୍ଧାର କରାଯାଇଛି ଓ ସୋରଡ଼ା, ଆସିକା, ଧରାକୋଟ ଭଳି ଜଳବନ୍ଦୀ ଅଞ୍ଚଳରେ ଖାଦ୍ୟ ଓ ଜରୁରୀ ସାମଗ୍ରୀ ପହଞ୍ଚାଯାଇଛି। ପ୍ରବଳ ଭୂସ୍ଖଳନ ଯୋଗୁଁ ଜାତୀୟ ରାଜପଥ, ରାଜ୍ୟ ରାଜପଥ ସମେତ ବହୁ ମୁଖ୍ୟ ରାସ୍ତା ନଷ୍ଟ ହୋଇଯାଇଛି। ପୂର୍ବରୁ ଏଭଳି କ୍ଷୟକ୍ଷତି କେବେ ଦେଖିବାକୁ ମିଳିନଥିଲା। କନ୍ଧମାଳରେ କ୍ଷୟକ୍ଷତି ଓ ମୃତାହତକୁ ନେଇ କିଛି ଚର୍ଚ୍ଚା ଥିଲେ ମଧ ସରକାରୀସ୍ତରରେ କୌଣସି ସ୍ପଷ୍ଟୀକରଣ ବା ସତ୍ୟତା ମିଳିନାହିଁ। ପାଣିପାଗ ବିଭାଗ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଡ଼ ବର୍ଷାର ସମ୍ଭାବନା ନଥିବା ଦର୍ଶାଇଥିଲେ ସୁଦ୍ଧା ସରକାରୀ କଳ ସମ୍ପୂର୍ଣ୍ଣ ସତର୍କ ରହିଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି। ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ରଖି ଶ୍ରୀ ପୂଜାରୀ କହିଛନ୍ତି ଯେ, ଅକ୍ଟୋବର ୧ରୁ ୩୦ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ୧୮.୭ ପ୍ରତିଶତ ଅଧିକ ଅର୍ଥାତ୍ ୧୩୨ ମିମି ବର୍ଷା ହୋଇଥିବାବେଳେ ଗତ ତିନି ଦିନରେ ଗଞ୍ଜାମରେ ୧୧୮ ପ୍ରତିଶତ ଓ କନ୍ଧମାଳରେ ୧୨୩ ପ୍ରତିଶତ ଅଧିକ ବର୍ଷା ହୋଇଛି। ଗଞ୍ଜାମରେ ବିଗତ ୨୪ ଘଣ୍ଟାରେ ୬୩.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଏହି ବର୍ଷା ଯୋଗୁଁ ୨୪୨ଟି ପଞ୍ଚାୟତ, ୩୮୬ଟି ଗାଁ ଓ ୧୦୬ଟି ସହରାଞ୍ଚଳ ୱାର୍ଡ ପ୍ରଭାବିତ ହୋଇଛି। ପ୍ରଶାସନ ପକ୍ଷରୁ ୨୮ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଗଞ୍ଜାମର ୩୫୨ଟି ଓ ଗଜପତିର ୩୪୦ଟି ରିଲିଫ୍ ସେଣ୍ଟରରେ ମୋଟ ୨୧୭୮୨ ଜଣ ବନ୍ୟା ପୀଡ଼ିତ ଆଶ୍ରୟ ନେଇଛନ୍ତି। ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି ଯେ,କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଆକାଶମାର୍ଗ ସର୍ଭେ ଓ କେନ୍ଦ୍ରୀୟ ଟିମର କ୍ଷୟକ୍ଷତି ରିପୋର୍ଟ ଆସିବା ପରେ କ୍ଷତିପୂରଣ ଦିଆଯିବ। ଏବେ ବିଭିନ୍ନ ଅଂଚଳରେ ବନ୍ୟାଜଳ ରହିଥିବାରୁ ଅଧିକାରୀମାନେ ତୃଣମୂଳ ସ୍ତରରେ ପହଂଚିବା ପରେ ହିଁ ସଠିକ୍ ଆକଳନ ସମ୍ଭବ ହେବ। ପାଣି କମିବା ମାତ୍ରେ ଯୁଦ୍ଧକାଳୀନ ଭିତ୍ତିରେ ଭାଙ୍ଗିଯାଇଥିବା ବ୍ରିଜ୍, ବିଦ୍ୟୁତ୍ ଖୁଣ୍ଟ ଓ ମୋବାଇଲ୍ ଟାୱାର ମରାମତି କରି ସେବା ସ୍ୱାଭାବିକ କରାଯିବ। ବନ୍ୟା ପରିଚାଳନାକୁ ନେଇ ବିଜେଡିର ଅଭିଯୋଗ ଉପରେ କଡ଼ା ଜବାବ ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରଙ୍କ ଲକ୍ଷ୍ୟ ବିଜେଡି ନୁହେଁ ବରଂ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଓ ସେବା। ବିଜେଡି ସରକାରରେ ବାତ୍ୟାବେଳେ ମନ୍ତ୍ରୀମାନେ ଫିଲ୍ମକୁ ଯାଉଥିଲେ କି ବୋଲି ପ୍ରଶ୍ନ କରିବା ସହ ତାଙ୍କ ସରକାରଙ୍କ ପ୍ରତିନିଧିମାନେ ତୃଣମୂଳ ସ୍ତରକୁ ଯାଇ ଲୋକଙ୍କ ସୁଖଦୁଃଖ ବୁଝୁଥିବା କଥା ଶ୍ରୀ ସିଂହଦେଓ ଦୋହରାଇଛନ୍ତି।

ଗଞ୍ଜାମ ବନ୍ୟା...

ଲୋକଙ୍କୁ ଭେଟିବା ସହ କ୍ଷୟକ୍ଷତି ଆକଳନ କରିବ । ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆରଡିସି ଓ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ପରେ କମିଟି ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାର ରିପୋର୍ଟ ପ୍ରଦାନ କରିବ। ସେହିପରି ଲୋକଙ୍କ ଏହି ଦୁଃଖ ସମୟରେ ଲୋକଙ୍କ ସହ ରହିବା ଓ ସେମାନଙ୍କ ସେବା କରିବା ପାଇଁ ଶ୍ରୀ ପଟ୍ଟନାୟକ ବିଜେଡି କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଭୂସ୍ଖଳନରେ ୩...

ନିଖୋଜ ହୋଇଥିବା ସୂଚନା ମିଳିଛି। କନ୍ଧମାଳ-ଗଞ୍ଜାମ ସୀମାନ୍ତ ଗାଙ୍ଗୁବାଲି ପାହାଡ଼ରେ ବଡ଼ ଭୂସ୍ଖଳନ ହୋଇ ବାଇବେଲି ଓ ଗିଡ଼ୀପାବାଲି ଗାଁ ପ୍ରଭାବିତ ହୋଇଛି। ଦୁଇ ଗ୍ରାମର ୧୩ ଜଣ ନିଖୋଜ ଥିବା ସୂଚନା ମିଳିଥିବାବେଳେ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ଖୋଜାଖୋଜି ଚଳାଇଛନ୍ତି।

ଗଞ୍ଜାମ ଜିଲ୍ଲା ...

ଅଧିକାରୀମାନେ ଜିଲ୍ଲାରେ ଉପସ୍ଥିତ ରହିବେ। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

ବାତ୍ୟା ଅର୍ଣ୍ଣବ...

ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ଓଡ଼ିଶାରେ ସୃଷ୍ଟି ହୋଇଥିବା ପ୍ରଭାବ, ପ୍ରଭାବିତ ଜିଲ୍ଲାଗୁଡ଼ିକର ସାମ୍ପ୍ରତିକ ସ୍ଥିତି ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ତାଙ୍କୁ ବିସ୍ତୃତ ଭାବେ ଅବଗତ କରାଇଲି । ଏହି କଠିନ ସମୟରେ ଓଡ଼ିଶାବାସୀଙ୍କ ସୁରକ୍ଷା ପାଇଁ ତାଙ୍କ ମନର ଗଭୀର ଚିନ୍ତା ଏବଂ ସମସ୍ତ ସହଯୋଗର ଆଶ୍ୱାସନା ଆମ ମନୋବଳକୁ ବହୁଗୁଣିତ କରିଛି।

ସହମତିରେ ଗଢ଼ିଥିବା...

ତଥ୍ୟ ଲୁଚାଇ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲେ। ପୂର୍ବ ବିବାହ ଆଇନଗତ ଭାବେ ରଦ୍ଦ ହୋଇନଥିବା ସତ୍ତ୍ୱେ ସେ ଦ୍ୱିତୀୟ ବିବାହ କରିଥିବା ମହିଳା ଅଭିଯୋଗ କରିଥିଲେ। ଏହା ଫଳରେ ବିବାହ ସମ୍ପର୍କରେ ମିଥ୍ୟା ଧାରଣା ସୃଷ୍ଟି କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖାଯାଇଥିବା ସେ ଦାବି କରିଥିଲେ। ଉଭୟଙ୍କ ବିବାହ ମହୀଶୂରରେ ହୋଇଥିବା ଏବଂ ୧୯୯୬ରୁ ୨୦୦୩ ପର୍ଯ୍ୟନ୍ତ ସେମାନେ ଏକାଠି ରହିଥିବା ଅଭିଯୋଗରେ ଉଲ୍ଲେଖ ଅଛି। ଖଣ୍ଡପୀଠ କହିଛନ୍ତି, ଏକ ସହମତିଭିତ୍ତିକ ସମ୍ପର୍କ ଶେଷ ହେବା ପରେ ପ୍ରତ୍ୟେକ ଘଟଣାକୁ ଅପରାଧିକ ମାମଲାରେ ପରିଣତ କରିବାର ପ୍ରବୃତ୍ତି ଚିନ୍ତାଜନକ। କେବଳ ସମ୍ପର୍କ ଭାଙ୍ଗିଯିବା ଆଧାରରେ ଅପରାଧ ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଜଣେ ବ୍ୟକ୍ତିଙ୍କର ସମ୍ପର୍କରୁ ଓହରିଯିବାର ଅଧିକାର ରହିଛି। ତେବେ ଦୁଷ୍କର୍ମ ଏକ ଗୁରୁତର ଅପରାଧ ହୋଇଥିବାରୁ ଯେଉଁଠାରେ ପ୍ରକୃତ ଯୌନ ହିଂସା, ଜବରଦସ୍ତି କିମ୍ବା ସହମତିକୁ ଠକେଇ ମାଧ୍ୟମରେ ହାସଲ କରାଯାଇଥିବାର ପ୍ରମାଣ ରହିଛି, ସେଠାରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯିବା ଉଚିତ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ପ୍ରକୃତ ଯୌନ ଅପରାଧର ଅଭିଯୋଗକୁ ଗୁରୁତ୍ୱର ସହ ନେବା ସହ ନ୍ୟାୟ ବ୍ୟବସ୍ଥାର ଦୁରୁପଯୋଗ ରୋକିବା ମଧ ଆବଶ୍ୟକ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି।

ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ସାଂସଦମାନଙ୍କ ଡିଭିଜନାଲ କମିଟି ବୈଠକ

ନୂତନ ରେଳପଥ ନିର୍ମାଣ ଓ ଉନ୍ନତ ଟ୍ରେନ୍ ସେବା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ପୂର୍ବତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ଅଧୀନସ୍ଥ ସାଂସଦମାନଙ୍କୁ ନେଇ ଡିଭିଜନାଲ କମିଟି ବୈଠକ ଶୁକ୍ରବାର ସମ୍ବଲପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସମେତ ବରିଷ୍ଠ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ଓ ଛତିଶଗଡ଼ର ସାଂସଦମାନେ ଏହି ବୈଠକରେ ଯୋଗଦେଇ ଅଞ୍ଚଳର ରେଳ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ବୈଠକରେ ଉପସ୍ଥିତ ସାଂସଦମାନେ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ଡିଭିଜନାଲ କମିଟିର ଅଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରିଥିଲେ। ଏହି ବୈଠକରେ ମହାସମୁନ୍ଦର ଲୋକସଭା ସାଂସଦ ରୂପ କୁମାରୀ ଚୌଧୁରୀ ଏବଂ କନ୍ଧମାଳର ଲୋକସଭା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ଏଥିସହିତ ସମ୍ବଲପୁର, ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡିର ସାଂସଦମାନଙ୍କ ପ୍ରତିନିଧିମାନେ ମଧ ବୈଠକରେ ଉପସ୍ଥିତ ଥିଲେ।

ସାଂସଦମାନେ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପର ପ୍ରଶଂସା କରିବା ସହ ରେଳ ଭିତ୍ତିଭୂମିର ଅଧିକ ସୁଦୃଢ଼ୀକରଣ ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଯାତ୍ରୀ ସୁବିଧାର ଉନ୍ନତି, ଟ୍ରେନ୍ ଓ ରେଳ ଷ୍ଟେସନଗୁଡ଼ିକର ପରିଚ୍ଛନ୍ନତା, ଟ୍ରେନ୍ ଚଳାଚଳର ବୃଦ୍ଧି, ନୂତନ ରେଳପଥ ନିର୍ମାଣ, ଦୁର୍ଗମ ଅଞ୍ଚଳକୁ ଉନ୍ନତ ରେଳ ସଂଯୋଗ, ରେଳ ଓଭରବ୍ରିଜ୍ ଏବଂ ଅଣ୍ଡରବ୍ରିଜ୍ ନିର୍ମାଣ, ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକର ସମୟୋଚିତ ସମାପ୍ତି, ବିଭିନ୍ନ ଷ୍ଟେସନରେ ଟ୍ରେନ ରହଣି ଏବଂ ଅଞ୍ଚଳରେ ରାଜସ୍ୱ ଓ ନିଯୁକ୍ତି ସୃଷ୍ଟି ବୃଦ୍ଧି ଆଦି ବିଷୟ ଉପରେ ବିଶେଷ ଆଲୋଚନା ହୋଇଥିଲା।

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସାଂସଦମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ଗଠନମୂଳକ ପରାମର୍ଶ ଓ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ ପୂର୍ବତଟ ରେଳପଥର କାର୍ଯ୍ୟଦକ୍ଷତା, ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଏବଂ ଯାତ୍ରୀ ସେବାର ଉନ୍ନତି ସହ ଅଞ୍ଚଳର ମାଲ୍ ପରିବହନ ଆବଶ୍ୟକତା ପୂରଣ ପାଇଁ ରେଳପଥ ପକ୍ଷରୁ ନିରନ୍ତର ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ। ଏହି ବୈଠକରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମେତ ପୂର୍ବତଟ ରେଳପଥ ମୁଖ୍ୟାଳୟର ବିଭିନ୍ନ ବିଭାଗର ପ୍ରମୁଖ ମୁଖ୍ୟ ଅଧିକାରୀମାନେ ଓ ସମ୍ବଲପୁର ରେଳମଣ୍ଡଳର ଅଧିକାରୀମାନେ ଯୋଗ ଦେଇଥିଲେ ।

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଦ୍ୱିତୀୟ କୋଚିଂ ସେଣ୍ଟର ଉଦ୍‌ଘାଟିତ

ସମ୍ବଲପୁର , ନ୍ୟୁଜ୍‌ବ୍ୟୁରୋ

ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ତା'ର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ପ୍ରକଳ୍ପ 'ଜ୍ଞାନ ଅର୍ଜନ' ଅଧୀନରେ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକ୍ ଅନ୍ତର୍ଗତ କତରବଗା ଗ୍ରାମପଞ୍ଚାୟତର ଆରଆର କଲୋନୀ, ଲୁଧାପାଲି କମ୍ୟୁନିଟି ସେଣ୍ଟରଠାରେ ଶୁକ୍ରବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟଏବଂ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଦ୍ୱିତୀୟ କୋଚିଂ ସେଣ୍ଟର ଉଦ୍‌ଘାଟିତ ହୋଇଛି। ଏହି ପଦକ୍ଷେପ ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗାର ସହଯୋଗରେ ଆରମ୍ଭ କରାଯାଇଛି। ଏହି କୋଚିଂ ସେଣ୍ଟରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଏଭି ଓ ଜେ ଏନଭି ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଓ ଉପଯୁକ୍ତ ମାର୍ଗଦର୍ଶନ ପ୍ରଦାନ କରିବା। ବିଶେଷକରି ଗ୍ରାମାଞ୍ଚଳର ଚତୁର୍ଥ ଓ ପଞ୍ଚମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ସ୍ତରରେ ଉନ୍ନତି ଆଣିବା ଉପରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱ ଦେବ। ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି, ଏହି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ଚୟନ ହାର ବଢ଼ାଇବା ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଓ ପ୍ରତିଯୋଗିତାମୂଳକ ଦକ୍ଷତା ବିକାଶ କରିବା ଲକ୍ଷ୍ୟ ରଖାଯାଇଛି। ଏହି କେନ୍ଦ୍ର ଅଧୀନରେ ଗୋଲାମାଲ, କତରବଗା, ଲୁଧାପାଲି, ଥୁରୁପାଲି, ଲାଉମାଲ, ବଡ଼ମାଲ ଓ ବ୍ରାହ୍ମଣୀପାଲି ସମେତ ନିକଟବର୍ତ୍ତୀ ସାତଟି ଗ୍ରାମର ଛାତ୍ରଛାତ୍ରୀ ଉପକୃତ ହେବେ। ପ୍ରଥମ ବର୍ଷରେ ଏହି କେନ୍ଦ୍ର ମାଧ୍ୟମରେ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ନିୟମିତ କୋଚିଂ ଓ ଶୈକ୍ଷିକ ମାର୍ଗଦର୍ଶନ ପ୍ରଦାନ କରିବାର ଯୋଜନା ରହିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରେଙ୍ଗାଲି ଓଏଭିର ଅଧ୍ୟକ୍ଷ ରମଣୀକାନ୍ତ ସାହୁ, ସୋସିଆଲ୍ ସେପ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଜୀସାନ୍ ଅଲୀ, ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗାର ସିଏସଆର୍ ମୁଖ୍ୟ ରବି ନିୱାସ, ସିଏସଆର୍ ମ୍ୟାନେଜର ମନୋରଞ୍ଜନ ବେହେରା ଏବଂ କୋଚିଂ ସେଣ୍ଟରର ଶିକ୍ଷକ ନିପନ ପ୍ରଧାନ ଯୋଗଦେଇଥିଲେ।

ଓଡ଼ିଶାରେ ଖୋଲିବ ଆଉ ୭ ନର୍ସିଂ କଲେଜ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାରେ ଆଉ ୭ଟି ନୂଆ ନର୍ସିଂ କଲେଜ ଖୋଲିବ। ଅନୁଗୋଳ, ବଲାଙ୍ଗିର, କୋରାପୁଟ, ମୟୂରଭଞ୍ଜ, ବାଲେଶ୍ୱର, ପୁରୀ ଓ ଯାଜପୁରରେ ନର୍ସିଂ କଲେଜ ଖୋଲିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୮ ସୁଦ୍ଧା ସମସ୍ତ କଲେଜରେ ବିଏସସି ନର୍ସିଂ ପାଠପଢ଼ା ଆରମ୍ଭ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି।

ଏସବୁ ନର୍ସିଂ କଲେଜ ମେଡିକାଲ କଲେଜକୁ ସଂଲଗ୍ନ କରି ଖୋଲାଯିବ। ସମସ୍ତ କଲେଜ ନିର୍ମାଣ ପାଇଁ ଜାଗା ଚିହ୍ନଟ ଓ ଅର୍ଥ ବରାଦ କରାଯାଇଛି। ଅନୁଗୋଳ ଓ ବଲାଙ୍ଗିରରେ କଲେଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ୟ ୫ଟି ସ୍ଥାନରେ କାମ ଆରମ୍ଭ ନେଇ ଟେଣ୍ଡର ହୋଇଛି। ଏହି କଲେଜ କାର୍ଯ୍ୟକ୍ଷମ ହେଲେ ଉପାନ୍ତ ଓ ଆଦିବାସୀ ଅଞ୍ଚଳ ଛାତ୍ରଛାତ୍ରୀ ସ୍ୱଳ୍ପ ଖର୍ଚ୍ଚରେ ନର୍ସିଂ ଶିକ୍ଷା ପାଇବେ। ପ୍ରତିବର୍ଷ ୭ ନର୍ସିଂ କଲେଜରେ ୪୨୦ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେବ। ଏହାଦ୍ୱାରା ନର୍ସିଂ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ନର୍ସିଂ କଲେଜ ପାଇଁ ୧୫୦ ପାଖାପାଖି ଅଧ୍ୟାପକଙ୍କଠାରୁ ଆରମ୍ଭ କରି କର୍ମଚାରୀ ନିଯୁକ୍ତି ପାଇବେ। କେନ୍ଦ୍ର ସରକାର ପ୍ରତ୍ୟେକ କଲେଜ ପାଇଁ ୧୦ କୋଟି ଲେଖାଏଁ ୭୦ କୋଟି ବଜେଟ୍‌ରେ ମଞ୍ଜୁର କରିଛନ୍ତି।

ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ସମ୍ବଲପୁର ସିଟି ରେଳ ଷ୍ଟେସନ ନିରୀକ୍ଷଣ

ଅମୃତ ଭାରତ ଷ୍ଟେସନ ଯୋଜନା ଅନ୍ତର୍ଗତ ଷ୍ଟେସନର ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶୁକ୍ରବାର ସମ୍ବଲପୁର ସିଟି ରେଳ ଷ୍ଟେସନ ପରିଦର୍ଶନ କରି ଅମୃତ ଭାରତ ଷ୍ଟେସନ ଯୋଜନା ଅନ୍ତର୍ଗତ ଚାଲୁ ରହିଥିବା ଷ୍ଟେସନର ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି ନିରୀକ୍ଷଣ ସମୟରେ ମହାପ୍ରବନ୍ଧକ ଯାତ୍ରୀ ସୁବିଧାର ଉନ୍ନତିକରଣ ଏବଂ ଷ୍ଟେସନର ସାମଗ୍ରିକ ପରିବେଶର ଉନ୍ନତି ଲକ୍ଷ୍ୟରେ ହାତକୁ ନିଆଯାଇଥିବା ବିଭିନ୍ନ ଷ୍ଟେସନ ଉନ୍ନତିକରଣ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

ଶ୍ରୀ ଫୁଙ୍କୱାଲ ଯାତ୍ରୀମାନଙ୍କ ପାଇଁ ଉନ୍ନତ ସୁବିଧା, ଯାତାୟାତର ସୁବ୍ୟବସ୍ଥା ଏବଂ ଅଧିକ ପରିଚ୍ଛନ୍ନ ଓ ଆରାମଦାୟକ ଷ୍ଟେସନ ପରିବେଶ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅମୃତ ଭାରତ ଷ୍ଟେସନ ଯୋଜନା ଅନ୍ତର୍ଗତ ରେଳ ଷ୍ଟେସନଗୁଡ଼ିକର ବିକାଶ ଦ୍ୱାରା ଯାତ୍ରୀମାନଙ୍କୁ ଆଧୁନିକ ସୁବିଧା ଯୋଗାଇଦେବା ସହ ଯାତ୍ରା ଅନୁଭୂତିକୁ ଅଧିକ ଉନ୍ନତ କରିବାର ଗୁରୁତ୍ୱ ସମ୍ପର୍କରେ ମହାପ୍ରବନ୍ଧକ ଉଲ୍ଲେଖ କରିଥିଲେ। ସେ ଚାଲୁ ରହିଥିବା କାର୍ଯ୍ୟଗୁଡ଼ିକର ନିୟମିତ ତଦାରଖ କରିବା ସହ ଯୋଜନାବଦ୍ଧ ଭାବେ ଉନ୍ନତିକରଣ କାର୍ଯ୍ୟଗୁଡ଼ିକର ସଫଳ ରୂପାୟନ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଏହି ନିରୀକ୍ଷଣ ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ସମ୍ବଲପୁର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ମହାପ୍ରବନ୍ଧକଙ୍କ ସହ ଉପସ୍ଥିତ ଥିଲେ।

ଶ୍ରୀମନ୍ଦିର ଆଗରେ ଉଡ଼ିଗଲା ବୃଦ୍ଧଙ୍କ ପ୍ରାଣବାୟୁ

ପୁରୀ,ନ୍ୟୁଜ୍‌ବ୍ୟୁରୋ

ଶେଷ ବେଳେ ହୋଇପାରିଲାନି ଜଗା ଦର୍ଶନ। ଶ୍ରୀମନ୍ଦିର ଆଗରେ ଉଡ଼ିଗଲା ପ୍ରାଣବାୟୁ। ବ୍ୟାରିକେଡ୍ ବାହାରେ ଅପେକ୍ଷା କରିଥିବା ବେଳେ ଆଖି ବୁଜିଲେ ବୃଦ୍ଧ। ମୃତକ ଜଣଙ୍କ ହେଲେ ଢେଙ୍କାନାଳ ଜିଲ୍ଲାର ଦେବରାଜ ସାହୁ। ସେ ନିଜ ବନ୍ଧୁବାନ୍ଧବଙ୍କ ସହ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ସୂଚନାନୁଯାୟୀ, ଶୁକ୍ରବାର ସକାଳେ ଢେଙ୍କାନାଳ ଜିଲ୍ଲାର ଦେବରାଜ ସାହୁ ନିଜ ବନ୍ଧୁବାନ୍ଧବଙ୍କ ସହ ଶ୍ରୀମନ୍ଦିର ଦର୍ଶନ ନିମନ୍ତେ ବ୍ୟାରିକେଡ୍ ବାହାରେ ଅପେକ୍ଷା କରିଥିବା ସମୟରେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ପରୀକ୍ଷାନିରୀକ୍ଷା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର।

ସତର୍କତା ଜାଗରଣ ସପ୍ତାହ
26 ଅକ୍ଟୋବର ଠାରୁ 1 ନଭେମ୍ବର 2026

"ସତ୍ୟନିଷ୍ଠା ରୁ ସମୃଦ୍ଧି"

➤ ଉପଭୋକ୍ତାମାନଙ୍କୁ ନିବେଦନ ➤

- ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ।
- ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ୍/ଟିକଟ ମାଗି ନିଅନ୍ତୁ।
- ରେଲୱେର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂଯୁକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ।
- ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ। ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ।
- ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍-ଏ, ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ। ଲଫାଫା ଉପରେ "ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧିନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ।
- ଯଦି ଆପଣଙ୍କ ନିକଟରେ ରେଲୱେରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ.: 8455885031କୁ ଫୋନ କରି ସୂଚନା ଦେଇପାରିବେ।

ସତର୍କତା ହେଲ୍ପଲାଇନ୍ ନଂ. 8455885031

ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-508/R/26-27

ଭୁବନେଶ୍ୱର, ୩୧ ଅକ୍ଟୋବର, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ବିଜେଡିରେ ସାମିଲ ହେଲେ ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ପଟୁଆ

ଭୁବନେଶ୍ୱର,୩୦।୧୦
ନ୍ୟୁଜ୍‌ବ୍ୟୁରୋ

ବିଜେଡିରେ ସାମିଲ ହୋଇଛନ୍ତି ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ପଟୁଆ। ସେ ଶତାଧିକ ସମର୍ଥକଙ୍କ ସହ ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଏକ ମିଶ୍ରଣ ପର୍ବରେ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ, ଉପସଭାପତି ପ୍ରତାପ ଜେନା, ବିଧାୟକ ସୁଦର୍ଶନ ହରିପାଲ ଏବଂ ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ଉପସ୍ଥିତ ରହି ଶ୍ରୀ ପଟୁଆ ଓ ତାଙ୍କ ସମର୍ଥକମାନଙ୍କୁ ବିଜେଡି ପରିବାରକୁ ସ୍ୱାଗତ କରିଥିଲେ।

ଦଳରେ ଯୋଗଦେଇଥିବା ସଦସ୍ୟମାନଙ୍କୁ ସ୍ୱାଗତ କରି ବରିଷ୍ଠ ନେତୃବୃନ୍ଦ କହିଥିଲେ ଯେ, ରମେଶ ପଟୁଆ ଓ ତାଙ୍କ ସମର୍ଥକମାନଙ୍କ ଯୋଗଦାନ ଦ୍ୱାରା ବିଶେଷକରି ରେଙ୍ଗାଲି ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଜେଡିର ସାଂଗଠନିକ ଶକ୍ତି ଆହୁରି ସୁଦୃଢ଼ ହେବ। ଦଳର ଜନକଲ୍ୟାଣ, ଆଞ୍ଚଳିକ ବିକାଶ, ସାମାଜିକ ନ୍ୟାୟ ଏବଂ ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇବ।

ଏହି ଅବସରରେ ରମେଶ ପଟୁଆ କହିଥିଲେ ଯେ, ରେଙ୍ଗାଲି ସମେତ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଜୁ ଜନତା ଦଳକୁ ଅଧିକ ସୁଦୃଢ଼ କରିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବୁ। ଦଳର ସାଂଗଠନିକ ଭିତ୍ତିଭୂମିକୁ ବ୍ୟାପକ କରିବା ସହ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ସହ ସମ୍ପର୍କକୁ ଆହୁରି ମଜଭୁତ କରିବୁ। ଏଥିସହ ୨୦୨୯ରେ ନବୀନ ପଟ୍ଟନାୟକଙ୍କୁ ପୁନର୍ବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ କରିବା ଦିଗରେ କାର୍ଯ୍ୟ କରିବୁ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ରମେଶ ପଟୁଆ ଓ ତାଙ୍କର ଶତାଧିକ ସମର୍ଥକଙ୍କ ବିଜେଡିରେ ଯୋଗଦାନ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ତଥା ବିଜୁ ଜନତା ଦଳର ଆଦର୍ଶ, ନୀତି ଓ ବିକାଶମୂଳକ ଦୃଷ୍ଟିକୋଣ ପ୍ରତି ରାଜନୈତିକ କର୍ମୀ ଓ ତୃଣମୂଳ ସ୍ତରର ନେତୃତ୍ୱଙ୍କ ଆସ୍ଥା ଓ ବିଶ୍ୱାସକୁ ପ୍ରତିଫଳିତ କରୁଛି। ନୂତନ ସଦସ୍ୟମାନେ ଦଳର ସାଂଗଠନିକ ଶକ୍ତି ବୃଦ୍ଧି କରିବା ସହ ଓଡ଼ିଶାବାସୀଙ୍କ ପ୍ରତି ଦଳର ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବାରେ ସକ୍ରିୟ ଯୋଗଦାନ କରିବ ବୋଲି ବିଜେଡି ନେତୃବୃନ୍ଦ ଆଶା ପ୍ରକାଶ କରିଥିଲେ।

ନିରାଡମ୍ବର ଲାଲ ବାହାଦୁର ଶାସ୍ତ୍ରୀ ଏବଂ ଆଡ଼ମ୍ବରପୂର୍ଣ୍ଣ ବର୍ତ୍ତମାନ ମନ୍ତ୍ରୀମାନଙ୍କ କାର୍ ଶୋଭାଯାତ୍ରା।

ବାତ୍ୟା ପ୍ରଭାବିତ ଅଞ୍ଚଳର ପରୀକ୍ଷାର୍ଥୀଙ୍କୁ ସରକାର ଯୋଗାଇବେ ଯାତାୟାତ ସୁବିଧା : ଘୁଞ୍ଚିବନି ଓପିଏସସି ପରୀକ୍ଷା

କଟକ,୩୦।୧୦
ନ୍ୟୁଜ୍‌ବ୍ୟୁରୋ

ବାତ୍ୟା ପ୍ରଭାବକୁ ଦୃଷ୍ଟିରେ ରଖି ଓପିଏସସି ପରୀକ୍ଷା ଘୁଞ୍ଚାଇବାକୁ ନେଇ ଚାଲିଥିବା ଆଶଙ୍କାର ଅନ୍ତ ଘଟାଇଛନ୍ତି ରାଜ୍ୟ ସରକାର। ଧାର୍ଯ୍ୟ ସମୟ ଅନୁସାରେ ହିଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପରୀକ୍ଷା ଅନୁଷ୍ଠିତ ହେବ। ତେବେ ବାତ୍ୟା ପ୍ରଭାବିତ ଜିଲ୍ଲାର ପରୀକ୍ଷାର୍ଥୀମାନେ ଯେପରି ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ କୌଣସି ସମସ୍ୟାର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ସରକାରଙ୍କ ପକ୍ଷରୁ ଯାତାୟାତ ବ୍ୟବସ୍ଥା କରାଯିବ। ଶୁକ୍ରବାର ଏନେଇ ସ୍ପଷ୍ଟ କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଓପିଏସସି ପରୀକ୍ଷାକୁ ସ୍ଥଗିତ ରଖିଲେ ପୁନର୍ବାର ଆୟୋଜନ କରିବାକୁ ପ୍ରାୟ ଛଅ ମାସ ସମୟ ଲାଗିପାରେ। ଏହାଦ୍ୱାରା ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିବା ରାଜ୍ୟର ଅନ୍ୟ ଅଞ୍ଚଳର ହଜାର ହଜାର ପରୀକ୍ଷାର୍ଥୀଙ୍କୁ ଅଯଥାରେ ଅପେକ୍ଷା କରିବାକୁ ପଡ଼ିବ। ତେଣୁ ପରୀକ୍ଷା ବାତିଲ୍ କିମ୍ବା ସ୍ଥଗିତ ନକରି ପ୍ରଭାବିତ ଅଞ୍ଚଳର ପରୀକ୍ଷାର୍ଥୀଙ୍କ ଯାତାୟାତ ଦାୟିତ୍ୱ ସରକାର ନେବାକୁ ନିଷ୍ପତ୍ତି ନେଇଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁସାରେ, ଗଞ୍ଜାମ ଜିଲ୍ଲାରୁ ପ୍ରାୟ ୩୨୫ ଜଣ ଏବଂ ଗଜପତି ଜିଲ୍ଲାରୁ ପ୍ରାୟ ୧୦୦ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବାକୁ ଥିବା ଜଣାପଡ଼ିଛି। ବାତ୍ୟା ପ୍ରଭାବିତ ଅଞ୍ଚଳର ପରୀକ୍ଷାର୍ଥୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ସୁରକ୍ଷିତ ଭାବେ ନିଜ ନିଜ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ ପ୍ରଶାସନିକ ସ୍ତରରେ ବ୍ୟବସ୍ଥା ହୋଇଛି। ଏହି ସମଗ୍ର ବ୍ୟବସ୍ଥାର ଦାୟିତ୍ୱ ସମ୍ପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ଦିଆଯାଇଛି। ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ପରୀକ୍ଷାର୍ଥୀଙ୍କ ଯାତାୟାତ ସୁନିଶ୍ଚିତ କରାଯିବ। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ବାତ୍ୟା ଯୋଗୁଁ ଯାତାୟାତ ସମସ୍ୟାରେ ଥିବା ପରୀକ୍ଷାର୍ଥୀମାନେ ଆଶ୍ୱସ୍ତି ପାଇବା ସହ ନିର୍ଦ୍ଧାରିତ ସମୟରେ ପରୀକ୍ଷା ଦେବାର ସୁଯୋଗ ପାଇପାରିବେ।

ଆଲୁମିନିୟମ୍ ପାର୍କ ପରିଦର୍ଶନ ସହ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ନଗର ଉନ୍ନୟନ ସଚିବ

ଅନୁଗୁଳ,୩୦।୧୦
ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡ୍‌କୋର ଅଧକ୍ଷା ଉଷା ପାଢ଼ୀ ଶୁକ୍ରବାର ଅନୁଗୁଳ ଗସ୍ତ କରି ବିଭିନ୍ନ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି, ନାଗରିକ ସେବାର ସ୍ଥିତି ଏବଂ କାର୍ଯ୍ୟାନ୍ୱୟନ ସ୍ତରରେ ରହିଥିବା ସମସ୍ୟାଗୁଡ଼ିକର ସମୀକ୍ଷା କରିଥିଲେ।

ଗସ୍ତର ପ୍ରଥମ ପର୍ଯ୍ୟାୟରେ ସେ ନାଲ୍‌କୋ ନିକଟସ୍ଥ ଆଲୁମିନିୟମ୍ ପାର୍କ ପରିଦର୍ଶନ କରିଥିଲେ। ଏହି ଅବସରରେ ନାଲ୍‌କୋ ଓ ଇଡ୍‌କୋର ବରିଷ୍ଠ ଅଧିକାରୀମାନଙ୍କ ସହ ବିଦ୍ୟୁତ୍ ଓ ଜଳ ଯୋଗାଣ ସମେତ ଆବଶ୍ୟକୀୟ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ଚିହ୍ନଟ ହୋଇଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ସମୟବଦ୍ଧ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଶ୍ରୀମତୀ ପାଢ଼ୀ ଅନୁଗୁଳ ପୌରପାଳିକାର ମଳ ଉପଚାର କେନ୍ଦ୍ର ପରିଦର୍ଶନ କରିବା ସହ ପଞ୍ଚମହଲାଠାରେ ଚାଲିଥିବା ପୁରୁଣା ଆବର୍ଜନାର ବାୟୋମାଇନିଂ ପ୍ରକଳ୍ପର ଅନୁଧ୍ୟାନ କରିଥିଲେ। ପରିମଳ ବ୍ୟବସ୍ଥା ଏବଂ ପୁରୁଣା ଆବର୍ଜନାର ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ।

ସେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ପକ୍ଷରୁ ନିର୍ମାଣାଧୀନ ଗୃହ ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିଥିଲେ। ଏଠାରେ ନିର୍ମାଣ କାର୍ଯ୍ୟର ଅଗ୍ରଗତି, ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ମୌଳିକ ଭିତ୍ତିଭୂମି ସମ୍ପର୍କରେ ଓଏସଏଚବି ଅଧିକାରୀ ଓ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଯୋଗ୍ୟ ହିତାଧିକାରୀମାନଙ୍କୁ ଯଥାଶୀଘ୍ର ଫ୍ଲାଟ୍ ଆବଣ୍ଟନ ଓ ହସ୍ତାନ୍ତର ସୁନିଶ୍ଚିତ କରିବା ନିମନ୍ତେ ବାକି ରହିଥିବା ଆବଶ୍ୟକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ସମ୍ପନ୍ନ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୯/୧୦/୨୦୨୬
୩,୫୨,୭୭୬/-ଟଙ୍କା
ସୁନା:- ୦୨ ଗ୍ରାମ୍ ୩୦୦ ମିଲିଗ୍ରାମ
ରୂପା:-୩୦ ଗ୍ରାମ୍ ୬୦୦ ମିଲିଗ୍ରାମ୍

ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

କିମ୍ସରେ ୨୦୨୬ ଏମ୍‌ବିବିଏସ୍ ଓ ବିଡିଏସ୍ ବ୍ୟାଚ୍‌ର ହ୍ୱାଇଟ୍ କୋଟ୍ ସମାରୋହ

ବୃତ୍ତିଗତ ଜୀବନରେ ନିରନ୍ତର ଜ୍ଞାନ ଆହରଣ ପ୍ରତି ସମର୍ପିତ ରହିବାକୁ ପରାମର୍ଶ

ଭୁବନେଶ୍ୱର,୩୦।୧୦
ନ୍ୟୁଜ୍‌ବ୍ୟୁରୋ

କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍ (କିମ୍ସ)ରେ ୨୦୨୬ ଏମ୍‌ବିବିଏସ୍ ଓ ବିଡିଏସ୍ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଶୁକ୍ରବାର ହ୍ୱାଇଟ୍ କୋଟ୍ ସମାରୋହ ଅନୁଷ୍ଠିତ ହୋଇଛି। ନବାଗତ ଏମ୍‌ବିବିଏସ୍ ଓ ବିଡିଏସ୍ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସେମାନଙ୍କୁ ଉପଲବ୍ଧ ସୁଯୋଗର ସର୍ବୋତ୍ତମ ଉପଯୋଗ କରିବା ସହ ନିଜର ସମଗ୍ର ବୃତ୍ତିଗତ ଜୀବନରେ ନିରନ୍ତର ଜ୍ଞାନ ଆହରଣ ପ୍ରତି ସମର୍ପିତ ରହିବାକୁ ପରାମର୍ଶ ଦେଇଥିଲେ। ନିଜ ପିଲାମାନଙ୍କ ଡାକ୍ତରୀ ଶିକ୍ଷା ପାଇଁ କିମ୍ସ ଉପରେ ଆସ୍ଥା ପ୍ରକଟ କରିଥିବାରୁ ପିଲାଙ୍କ ଅଭିଭାବକମାନଙ୍କୁ ଡ. ସାମନ୍ତ କୃତଜ୍ଞତା ଜଣାଇଥିଲେ। ଏଥିସହ କିଟ୍‌ର ବିଭିନ୍ନ ସ୍କୁଲ୍‌ରେ ଉପଲବ୍ଧ ଜ୍ଞାନ, ଅଭିଜ୍ଞତା ଓ ଶିକ୍ଷାଗତ ସମ୍ବଳର ଉପଯୋଗ କରି ଛାତ୍ରଛାତ୍ରୀମାନେ ନିଜ ଜ୍ଞାନର ପରିସରକୁ ଆହୁରି ବ୍ୟାପକ କରିପାରିବେ ବୋଲି ସେ କହିଥିଲେ। ସେ କହିଲେ, ଏହା ଜ୍ଞାନର ଯୁଗ। ତେଣୁ ପିଲାମାନେ ଜ୍ଞାନର ସର୍ବାଧିକ ଉପଯୋଗ କରନ୍ତୁ। ବର୍ତ୍ତମାନ ସିଭିଲ୍ ସର୍ଭିସ୍ ପରୀକ୍ଷା (ୟୁପିଏସ୍‌ସି)ରେ ଅନେକ ସଫଳ ପ୍ରାର୍ଥୀ ଡାକ୍ତରୀ ପୃଷ୍ଠଭୂମିରୁ ଆସୁଥିବା ଉଦାହରଣ ଦେଇ ସେ ଛାତ୍ରଛାତ୍ରୀମାନଙ୍କୁ ପାରମ୍ପରିକ ଡାକ୍ତରୀ ବୃତ୍ତିର ସୀମା ବାହାରେ ମଧ୍ୟ ବିଭିନ୍ନ ସୁଯୋଗ ଅନ୍ୱେଷଣ କରିବାକୁ ଉତ୍ସାହିତ କରିଥିଲେ।

କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ଡା. ସୁବ୍ରତ ଆଚାର୍ଯ୍ୟ ଡାକ୍ତରୀ ବୃତ୍ତିକୁ ଏକ ଉତ୍କୃଷ୍ଟ ପେସା ଭାବେ ବର୍ଣ୍ଣନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନିଜର ଶିକ୍ଷା ଜୀବନକୁ ଆନନ୍ଦର ସହ ଉପଭୋଗ କରିବାକୁ କହିଥିଲେ। ଜ୍ଞାନ ଆହରଣ ନିଜେ ଏକ ଆନନ୍ଦଦାୟକ ପ୍ରକ୍ରିୟା ହୋଇଥିବାରୁ ପାଠପଢ଼ାକୁ କେବଳ ଏକ ଦାୟିତ୍ୱ ଭାବେ ନ ଦେଖି ଆଗ୍ରହର ସହ ଶିକ୍ଷା ଗ୍ରହଣ କରିବା ଉଚିତ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀମାନେ ନିଜ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ସହ ସଫଳ ବୃତ୍ତିଜୀବୀ ହେବା ପାଇଁ ଆତ୍ମବିଶ୍ୱାସ ବିକଶିତ କରିବାକୁ ଡା. ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। ଦେଶର ଅନ୍ୟତମ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନର ଅଂଶ ହେବାର ସୁଯୋଗ ପାଇଥିବାରୁ ଏହାର ସଦୁପଯୋଗ କରିବାକୁ ମଧ୍ୟ ସେ ସେମାନଙ୍କୁ ମନେ ପକାଇ ଦେଇଥିଲେ। କିମ୍ସ ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଡା. ଆର. ସି. ଦାସ ଡାକ୍ତରୀ ଶିକ୍ଷାରେ ପ୍ରବେଶକୁ ଛାତ୍ରଛାତ୍ରୀଙ୍କ ଜୀବନର ଏକ ପରିବର୍ତ୍ତନକାରୀ ପର୍ଯ୍ୟାୟ ଭାବେ ଅଭିହିତ କରିଥିଲେ। ହ୍ୱାଇଟ୍ କୋଟ୍ ସମାରୋହ ଏକ ସ୍ମରଣୀୟ ମୁହୂର୍ତ୍ତ, ଯାହାକୁ ଛାତ୍ରଛାତ୍ରୀମାନେ ଜୀବନସାରା ମନେ ରଖିବେ ବୋଲି ସେ କହିଥିଲେ। ଧଳା କୋଟ୍‌କୁ କେବଳ ଏକ ପୋଷାକ ଭାବେ ନୁହେଁ, ବରଂ ନମ୍ରତା ଓ ସମାଜ ପ୍ରତି ଦାୟିତ୍ୱବୋଧର ପ୍ରତୀକ ଭାବେ ଗ୍ରହଣ କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ତେବେ ପ୍ରଯୁକ୍ତିବିଦ୍ୟା ଯେପରି ସେମାନଙ୍କ ନିଷ୍ପତ୍ତିକୁ ନିୟନ୍ତ୍ରଣ ନ କରିବ, ବରଂ ସହାୟକ ଭାବେ କାର୍ଯ୍ୟ କରିବ, ସେଥିପ୍ରତି ସଚେତନ ରହିବାକୁ ସେ କହିଥିଲେ।

କିଟ୍ ସ୍କୁଲ୍ ଅଫ୍ ମେଡିସିନ୍‌ର ଉପକୁଳପତି ଡା. ସି.ବି.କେ. ମହାନ୍ତି ଯୁବ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ରୋଗୀଙ୍କ ପ୍ରତି ଦୟା, ସମ୍ବେଦନ ଶୀଳତା ଓ ସହାନୁଭୂତି ପ୍ରଦର୍ଶନ କରିବାକୁ କହିଥିଲେ। ଚିକିତ୍ସା କରିବା ସମୟରେ ସ୍ୱାସ୍ଥ୍ୟସେବାର ମାନବିକ ଦିଗକୁ କେବେ ଭୁଲି ନ ଯିବା ଉଚିତ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ହ୍ୱାଇଟ୍ କୋଟ୍ ସମାରୋହ ମାଧ୍ୟମରେ କିମ୍ସର ୨୦୨୬ ଏମ୍‌ବିବିଏସ୍ ଓ ବିଡିଏସ୍ ବ୍ୟାଚ୍‌ର ଡାକ୍ତରୀ ଶିକ୍ଷା ଯାତ୍ରାର ଔପଚାରିକ ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କିମ୍ସର ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡା. ଏମ୍.ଆର. ବେହେରା, ଭାଇସ୍ ପ୍ରିନ୍ସିପାଲ୍ ଡା. ଲଲାଟେନ୍ଦୁ ମହାନ୍ତି ଏବଂ କିଟ୍ ସ୍କୁଲ୍ ଅଫ୍ ଡେଣ୍ଟାଲ୍ ସାଇନ୍ସେସ୍‌ର ଅଧକ୍ଷ ପ୍ରଫେସର ସଙ୍ଗମେଶ ଏନ୍.ସି. ପ୍ରମୁଖ ଉପସ୍ଥିତ ଥିଲେ।

ଆଇସିଏମଆର-ଏନଆଇଏଚଆରର ଏଚଟିଏଇଏନ୍-ଆଡପ୍ଟ ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର,୩୦।୧୦:ନ୍ୟୁଜ୍‌ବ୍ୟୁରୋ

ଭୁବନେଶ୍ୱରଠାରେ ଆଇସିଏମଆର-ଜାତୀୟ ସ୍ୱାସ୍ଥ୍ୟ ଗବେଷଣା ପ୍ରତିଷ୍ଠାନ (ଆଇସିଏମଆର-ଏନଆଇଏଚଆର) ପକ୍ଷରୁ 'ଏଚଟିଏଇଏନ୍-ଆଡପ୍ଟ ସେଣ୍ଟର' ଉଦ୍‌ଘାଟିତ ହୋଇଛି। ଏହି ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ କେନ୍ଦ୍ରଟିର ଲୋକାର୍ପଣ କରିଛନ୍ତି ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ପ୍ରଯୁକ୍ତି, ନବସୃଜନ ଓ ପ୍ରମାଣ-ଭିତ୍ତିକ ନିଷ୍ପତ୍ତି ମାଧ୍ୟମରେ ଚିକିତ୍ସା ସେବାକୁ ଅଧିକ ସୁଲଭ ଓ ପ୍ରଭାବଶାଳୀ କରିବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବ ଭାରତ, ବିଶେଷକରି ଓଡ଼ିଶାରେ ଏହି ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ସ୍ଥାପନ ପାଇଁ ସେ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କେନ୍ଦ୍ର ପ୍ରଯୁକ୍ତିଗତ ହସ୍ତକ୍ଷେପ, ପ୍ରମାଣଭିତ୍ତିକ ଗବେଷଣା ଓ ସ୍ୱାସ୍ଥ୍ୟସେବାର ସୁଦୃଢ଼ୀକରଣ ପାଇଁ ଏକ ଉତ୍କୃଷ୍ଟ ସାମୂହିକ ମଞ୍ଚ ଭାବେ କାର୍ଯ୍ୟ କରିବ ବୋଲି ମନ୍ତ୍ରୀ କହିଛନ୍ତି।

ବସ୍ ଦୁର୍ଘଟଣାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ସାଲେପୁର,୩୦।୧୦
ନ୍ୟୁଜ୍‌ବ୍ୟୁରୋ

ସାଲେପୁର-କୁଆଁପାଳ ରାସ୍ତା ମନୋହରପୁର ବଜାର ନିକଟରେ ଦୁର୍ଘଟଣା ଘଟି ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଭାରସାମ୍ୟ ହରାଇ ସାଇକେଲ ଆରୋହୀଙ୍କ ଉପରେ ଚଢ଼ିଗଲା ଟ୍ୱିଙ୍କିଲ ନାମକ ଘରୋଇ ବସ୍। ପରେ ବସ୍‌ଟି ରାସ୍ତା କଡ଼କୁ ଖସିଗଲା। ବସ୍‌ରେ ପାଖାପାଖି ୩୦ଜଣ ଯାତ୍ରୀ ଥିଲେ। ସ୍ଥାନୀୟ ଲୋକେ ବସ୍‌ରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ମୃତ ସାଇକେଲ ଆରୋହୀ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ଦୁର୍ଯ୍ୟୋଧନ ସାହୁ। ତାଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଲେପୁର ପୋଲିସ ବସ୍‌କୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

୫୫ ଗ୍ରାମ୍ ହେରୋଇନ ସହ ଗଞ୍ଜେଇ ଜବତ : ୨ ଗିରଫ

ଜଗତସିଂହପୁର,୩୦।୧୦:ନ୍ୟୁଜ୍‌ବ୍ୟୁରୋ

ବାଲିକୁଦା ଥାନା ଅଞ୍ଚଳର ଆମ୍ବଶାଳ ଚାରି ଛକରେ ଚଢ଼ଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ରେଞ୍ଜ। ଆମ୍ବଶାଳ ବଜାରରେ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଅବକାରୀ ରେଞ୍ଜର ଇନ୍‌ସପେକ୍ଟର କ୍ଷିତୀଶ ଦାସଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ୍‌ଇନ୍‌ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ ଏବଂ କର୍ମଚାରୀମାନଙ୍କ ସହଯୋଗରେ ଏକ ଟିମ୍ ଚଢ଼ଉ କରିଥିଲେ। ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ଆମ୍ବଶାଳ ବଜାର ସ୍ଥିତ ଚାରିଛକ ନିକଟରୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୫୫ ଗ୍ରାମର ବେଆଇନ ହେରୋଇନ, ଏକ ବଜାଜ ପଲସର ମୋଟର ସାଇକେଲ ଏବଂ ଏକ ଆଣ୍ଡ୍ରଏଡ ଫୋନ ଜବତ କରାଯାଇଥିଲା।

ଗିରଫ ଅଭିଯୁକ୍ତ ଜଣକ ହେଲେ ଆମ୍ବଶାଳ ଗ୍ରାମର ହେମନ୍ତ ସାହୁଙ୍କ ପୁଅ ଶିବାନୀ ସାହୁ (୩୮)। ଜବତ ହେରୋଇନ ସହ ମୋଟରସାଇକେଲର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପ୍ରକାଶ କରିଛନ୍ତି ଜଗତସିଂହପୁର ରେଞ୍ଜ ଇନ୍‌ସପେକ୍ଟର କ୍ଷିତୀଶ ଦାସ। ଅଭିଯୁକ୍ତଙ୍କୁ ଜଗତସିଂହପୁର ଅବକାରୀ ରେଞ୍ଜ କେସ୍ ନଂ ୫୫ ୨୦୨୬-୨୭ରେ ଗିରଫ କରାଯାଇ ଏନଡି ପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାକ୍ରମେ ତିର୍ତ୍ତୋଲ ଅବକାରୀ ଥାନାର ସବ୍‌ଇନ୍‌ସପେକ୍ଟର ରବି ବେହେରାଙ୍କ ନେତୃତ୍ୱରେ ଅଉ ଗୋଟିଏ ଟିମ୍ ତିର୍ତ୍ତୋଲ ଥାନା ଅନ୍ତର୍ଗତ ତେନ୍ତୁଳିପଦା ଗ୍ରାମର ଗାଦି ମହାପୁରୁଷ ମନ୍ଦିର ପାଖରେ ଚଢ଼ଉ କରି ୯୪୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତ ସେହି ଗ୍ରାମର ନରେନ୍ଦ୍ର କୁମାର ସାହୁଙ୍କୁ ତିର୍ତ୍ତୋଲ ଅବକାରୀ ଥାନାର କେସ୍ ନଂ ୮୭ ୨୦୨୬-୨୭ରେ ଗିରଫ କରି ଏନଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ବିଧାନସଭା ପରିସରରେ ସାଧୁତା ଶପଥ ପାଠ କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୦।୧୦
ନ୍ୟୁଜ୍‌ବ୍ୟୁରୋ

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଶୁକ୍ରବାର ଓଡିଶା ବିଧାନସଭା ପରିସରରେ 'ସାଧୁତା ଶପଥ ପାଠ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ନିବାରଣ ପାଇଁ ନିଜର ନିରନ୍ତର ଉଦ୍ୟମ ଜାରି ରଖିବା ସହ ପୂର୍ଣ୍ଣ ସ୍ୱଚ୍ଛତା ଓ ନୈତିକତାର ସହ ନିଜର ନିଷ୍ପାପର ସେବା ପ୍ରଦାନକୁ ଜାରି ରଖିବା ପାଇଁ ଶପଥ ଗ୍ରହଣ କରିଛନ୍ତି।

ଏହି ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ମୁଖ୍ୟ ନିରାପତ୍ତା ଅଧିକାରୀ ଗୋପାଳ ବେହେରା, ଯୁଗ୍ମସଚିବ କସ୍ତୁରୀ ପ୍ରଧାନ, ବିଦ୍ୟାଧର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ଅସରାଏ ବର୍ଷାରେ ବେହାଲ କଟକ ସହର : ଜଳ ନିଷ୍କାସନରେ କେଏମ୍‌ସି ବିଫଳ

କଟକ,୩୦।୧୦
ନ୍ୟୁଜ୍‌ବ୍ୟୁରୋ

ଅସରାଏ ବର୍ଷା ହେଲେ ବଦଳିଯାଉଛି କଟକ ସହରର ଚିତ୍ର। ରାସ୍ତା ଉପରେ ଜମୁଛି ବର୍ଷା ପାଣି, ଯାତାୟାତରେ ସୃଷ୍ଟି ହେଉଛି ବାଧା ଏବଂ ଖାଲଖମା ଭରା ରାସ୍ତାରେ ଦୁର୍ଘଟଣାର ଆଶଙ୍କା ବଢୁଛି। ରାଜ୍ୟର ପୁରାତନ ରାଜଧାନୀ କଟକରେ ଜଳ ନିଷ୍କାସନ ବ୍ୟବସ୍ଥାର ବାସ୍ତବ ସ୍ଥିତିକୁ ନେଇ ଏବେ ଉଠିଛି ଗୁରୁତର ପ୍ରଶ୍ନ। ବର୍ଷା ଜଳ ନିଷ୍କାସନ ଓ ଡ୍ରେନ୍ ସଫେଇ ନେଇ କଟକ ମହାନଗର ନିଗମ (କେଏମ୍‌ସି) ପକ୍ଷରୁ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଉଥିବା କୁହାଯାଉ ଥିଲେ ମଧ୍ୟ ସହରର ଅନେକ ସ୍ଥାନରେ ଜଳ ନିଷ୍କାସନ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ନେଇ ସନ୍ଦେହ ସୃଷ୍ଟି କରିଛି।

ସହରର ଲିଙ୍କ୍ ରୋଡ୍‌ରୁ ବାଦାମବାଡ଼ି ଯିବା ରାସ୍ତାର ଅରୁଣୋଦୟ ମାର୍କେଟ୍ ନିକଟରେ ବର୍ଷା ଜଳ ଜମି ରହୁଥିବା ଦେଖିବାକୁ ମିଳୁଛି। ସେହିପରି ମଙ୍ଗଳାବାଗ ଅଞ୍ଚଳ ଓ ଏସ୍‌ସିବି ମେଡିକାଲକୁ ଯାଉଥିବା ରାସ୍ତା ସମେତ ସହରର ବିଭିନ୍ନ ଗଳିକନ୍ଦିରେ ଜଳ ନିଷ୍କାସନ ସମସ୍ୟା ସାଧାରଣ ଲୋକଙ୍କ ଯାତାୟାତକୁ ପ୍ରଭାବିତ କରୁଛି। ଫଳରେ ଦୈନନ୍ଦିନ କାମରେ ବାହାରୁଥିବା ଲୋକଙ୍କଠାରୁ ଆରମ୍ଭ କରି ରୋଗୀଙ୍କୁ ନେଇ ମେଡିକାଲ ଯାଉଥିବା ପରିବାର ପର୍ଯ୍ୟନ୍ତ ଅନେକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବର୍ଷା ଋତୁ ପୂର୍ବରୁ ଡ୍ରେନ୍ ସଫେଇ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ନେଇ ପ୍ରଶାସନିକ ସ୍ତରରେ ବିଭିନ୍ନ ପଦକ୍ଷେପର କଥା କୁହାଯାଏ। ହେଲେ ସାମାନ୍ୟ ବର୍ଷାରେ ଯଦି ରାସ୍ତାରେ ପାଣି ଜମି ରହୁଛି, ତେବେ ଡ୍ରେନ୍ ସଫେଇ କେତେ ଦୂର ସଫଳ ହୋଇଛି, ତାହା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। କେଉଁଠି ଡ୍ରେନ୍ ଅବରୋଧ ହେଉଛି, କେଉଁଠି ଜଳ ନିଷ୍କାସନର ଠିକ୍ ବ୍ୟବସ୍ଥା ନାହିଁ ଏବଂ କେଉଁଠି ରକ୍ଷଣାବେକ୍ଷଣରେ ଅବହେଳା ରହିଛି, ସେ ସମ୍ପର୍କରେ ଠୋସ୍ ଯାଞ୍ଚ ଓ ତଦାରଖର ଆବଶ୍ୟକତା ରହିଛି।

କେବଳ ଯୋଜନା ଘୋଷଣା କିମ୍ବା ଡ୍ରେନ୍ ସଫେଇର ନିର୍ଦ୍ଦେଶ ଦେଇଦେଲେ ସମସ୍ୟାର ସମାଧାନ ହେବ ନାହିଁ। ଏହାର ବାସ୍ତବ ଫଳାଫଳ ରାସ୍ତାରେ ପ୍ରତିଫଳିତ ହେବା ଆବଶ୍ୟକ। ଜଳ ନିଷ୍କାସନ ବ୍ୟବସ୍ଥାରେ ତ୍ରୁଟି ରହିଥିଲେ ତାହାର ଚିହ୍ନଟ, ମରାମତି ଏବଂ ନିୟମିତ ତଦାରଖ ଉପରେ କେଏମ୍‌ସି ଗୁରୁତ୍ୱ ଦେବା ଦରକାର।

ଜଳବନ୍ଦୀ ସମସ୍ୟା ସହିତ କଟକର ରାସ୍ତାଘାଟର ଦୁରବସ୍ଥା ମଧ୍ୟ ସହରବାସୀଙ୍କ ଚିନ୍ତା ବଢ଼ାଇଛି। ବର୍ଷା ପାଣି ଜମି ରହିଲେ ରାସ୍ତାରେ ଥିବା ଖାଲଖମା ସ୍ପଷ୍ଟ ଭାବେ ଦେଖାଯାଏ ନାହିଁ। ଫଳରେ ଦୁଇଚକିଆ ଯାନ ଚାଳକ, ସାଇକେଲ ଆରୋହୀ ଓ ପଥଚାରୀମାନେ ବିପଦର ସମ୍ମୁଖୀନ ହେବାର ଆଶଙ୍କା ରହୁଛି। ରାସ୍ତା ମରାମତି ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ପରସ୍ପର ସହ ଜଡ଼ିତ ହୋଇଥିବାରୁ ଉଭୟ କ୍ଷେତ୍ରରେ ସମନ୍ୱିତ ପଦକ୍ଷେପ ଜରୁରୀ।

ଅନ୍ୟପକ୍ଷରେ, ଦୁର୍ଗାପୂଜା ପୂର୍ବରୁ ତରବରିଆ ଭାବେ ନିର୍ମାଣ କିମ୍ବା ମରାମତି କରାଯାଇଥିବା କେତେକ ରାସ୍ତା ସପ୍ତାହେ ନ ପୂରୁଣୁ ଖାଲଖମାରେ ଭରିଯାଇଥିବା ସାମ୍ନାକୁ ଆସିଛି। ଯଦି ନିର୍ମାଣ ପରେ ଏତେ କମ୍ ସମୟ ମଧ୍ୟରେ ରାସ୍ତାର ଅବସ୍ଥା ଖରାପ ହେଉଛି, ତେବେ କାମର ଗୁଣବତ୍ତା, ଠିକାଦାରଙ୍କ ଦାୟିତ୍ୱ ଏବଂ ଅଧିକାରୀଙ୍କ ତଦାରଖକୁ ନେଇ ଯାଞ୍ଚ ହେବା ଆବଶ୍ୟକ।

କଟକ କେବଳ ଏକ ସହର ନୁହେଁ, ଏହା ଓଡ଼ିଶାର ଏକ ପ୍ରମୁଖ ଚିକିତ୍ସା ଓ ନ୍ୟାୟିକ କେନ୍ଦ୍ର। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଲୋକେ ଏସ୍‌ସିବି ମେଡିକାଲରେ ଚିକିତ୍ସା କରାଇବା, ଅଦାଲତରେ କାମ କରିବା ଏବଂ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ପାଇଁ ପ୍ରତିଦିନ ସହରକୁ ଆସୁଛନ୍ତି। ଏପରି ସ୍ଥିତିରେ ରାସ୍ତାରେ ଜଳ ଜମିବା ଓ ଯାତାୟାତରେ ବାଧା ସୃଷ୍ଟି ହେବା କେବଳ କଟକବାସୀଙ୍କ ସମସ୍ୟା ହୋଇ ରହୁନାହିଁ; ବାହାର ଜିଲ୍ଲାରୁ ଆସୁଥିବା ଲୋକଙ୍କୁ ମଧ୍ୟ ଏହାର ସମ୍ମୁଖୀନ ହେବାକୁ ପଡୁଛି।